ପୃଥକ ଗ୍ରାଉଣ୍ଡ: ରୋହିତଙ୍କ ପାଇଁ ଚାଲେଞ୍ଜ | ୧୧

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ଆତ୍ମହତ୍ୟା ଉଦ୍ୟମ କରିଥିଲେ ଯସ୍ମିନ ଭାସିନ୍ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur.

ବିଂଶତମ ବର୍ଷ ସଂଖ୍ୟା-୯୮ Vol. 20 No-98 29 JUNE 2023 THURSDAY BHUBANESWAR ଗୁରୁବାର, ୨୯ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ଜନ୍ମବେଦୀରୁ ବାହୁଡ଼ିଲେ ମହାବାହୁ

ସିଂହଦ୍ୱାରରେ ତିନିରଥ

- ୪ ଘଣ୍ଟା ପୂର୍ବରୁ ନୀତିକାନ୍ତି ଶେଷ
- ପ୍ରଥମେ ପହଞ୍ଚିଲେ ତାଳଧ୍ୱଜ, ଦର୍ପଦଳନ
- ସବା ଶେଷରେ ପହଞ୍ଚିଲା ନନ୍ଦିଘୋଷ
- ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ
- ରଥ ଦଉଡ଼ି ଛିଣ୍ଡି ୮ ଗୁରୁତର
- ୧୮୦ ପ୍ଲାଟୁନ୍ ଫୋର୍ସ ମୁତୟନ

ପୁରୀ, ୨୮।୬(ଭାସ୍କର ନ୍ୟୁଜ): ଜନ୍ମବେଦୀରେ ନବଦିନାତ୍ମକ ଲୀଳାଖେଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି । ବୁଧବାର ସନ୍ଧ୍ୟାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ଲାଗିଲା ତିନିରଥ । ପ୍ରଥମେ ତାଳଧ୍ୱଜ ରଥ ଏବଂ ପରେ ଦର୍ପଦଳନ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ସବାଶେଷରେ ପହଞ୍ଚିଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ହୋଇଥିବା ସମୟର ୪ ଘଣ୍ଟା ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି ନୀତି । ଏଥିପାଇଁ ସେବାୟତମାନେ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କୌଣସି ହେଳା କରିନଥିଲେ । ● ପୃଷ୍ଠା ୮ ଦେଖନ୍ତୁ

ଆଜି ସୁନାବେଶ

ଜଳିଗଲା ରଥ, ୬ ମୃତ

ୟୁନାକୋଟି, ୨୮।୬: ବୁଧବାର ରଥଟଣା ବେଳେ ତ୍ରିପୁରାର ୟୁନାକୋଟି ଜିଲ୍ଲାରେ ଏକ ବଡ଼ଧରଣର ଅଘଟଣ ଘଟିଛି । ରଥ ଟଣାଯାଉଥିବାବେଳେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ରଥ ଜଳିଯିବାରୁ ୬ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୧୫ଜଣ ଆହତ ହୋଇଛନ୍ତି । ୟୁନାକୋଟିର କୁମାଘାଟ ଅଞ୍ଚଳରେ ବାହୁଡ଼ା ଯାତ୍ରା ଚାଲିଥିବାବେଳେ ଶ୍ରଦ୍ଧାଳୁମାନେ ଶ୍ରଦ୍ଧାର ସହ ରଥ ଟାଣୁଥିଲେ । ତେବେ ହଠାତ୍ ରାସ୍ତାରେ ୧୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ରଥଟି ଆସି ଜଳି ଯାଇଥିଲା । ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ମାନିକ ଶାହ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଏହି ଅଘଟଣ ପରେ ରଥଟଣାକୁ ବନ୍ଦ କରି ଦିଆଯାଇଥିଲା । ପୋଲିସ ସମସ୍ତ ମୃତକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି ।

ବିଦ୍ୟୁତ ତାର ସଂସ୍ପର୍ଶରେ ୩ ମୃତ

କୋରାପୁଟ/ଯୋଡ଼ା, ୨୮।୬(ଭାସ୍କର ନ୍ୟୁଜ): ବୁଧବାର ବାହୁଡ଼ା ଯାତ୍ରାପାଇଁ ରଥ ଟଣାଯାଉଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୃଥକ ସ୍ଥାନରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଥମ ଘଟଣାଟି କୋରାପୁଟର କୋଲାବ ନଗରରେ ଘଟିଥିବାବେଳେ ଅନ୍ୟ ଘଟଣାଟି କେନ୍ଦୁଝର ଜିଲ୍ଲା ବାରିଆ ଥାନା କେନ୍ଦୁଆ ଗାଁରେ ଘଟିଛି । ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କୋଲାବ ନଗରରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି । ସେହିଭଳି କେନ୍ଦୁଆ ଗାଁରେ ରଥଟଣା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଦୁଇଜଣ ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ସଂକ୍ଷେପରେ...

ଜୁଲାଇ ୧୨ରୁ ୧୯ ମଧ୍ୟରେ ଚନ୍ଦ୍ରଯାନ-୩ ଲଞ୍ଚ୍

ଶ୍ରୀହରିକୋଟା, ୨୮।୬: ଜୁଲାଇ ତୃତୀୟ ସପ୍ତାହରେ ଚନ୍ଦ୍ରଯାନ-୩ର ଲଞ୍ଚ କରାଯିବ । ଏ ନେଇ ଇସ୍ରୋ ମୁଖ୍ୟ ଏସ.ସୋମନାଥ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ଲଞ୍ଚିଂ ୧୨ରୁ ୧୯ ମଧ୍ୟରେ କରାଯିବ । ଏଥିପାଇଁ ସମସ୍ତ ପ୍ରକାର ପରୀକ୍ଷାନିରୀକ୍ଷା ଶେଷ ହୋଇଛି । ପୂର୍ବଥର ଭଳି ଏଥର ଅଘଟଣ ଘଟିବ ନାହିଁ ବୋଲି ସେ ଆଶାପ୍ରକାଶ କରିଥିଲେ । ଏଥର ଚନ୍ଦ୍ରଯାନ-୩ ଲ୍ୟାଣ୍ଡରର ଲ୍ୟାଣ୍ଡିଂ ଟେକ୍‌ନିକ୍‌ରେ ପରିବର୍ତ୍ତନ କରାଯାଇଥିବା ସେ ସୂଚନା ଦେଇଥିଲେ ।

ଗୁଳିମାଡ଼ରେ ଭୀମ ଆର୍ମିମୁଖ୍ୟ ଗୁରୁତର

ଲକ୍ଷ୍ନୌ, ୨୮।୬: ଉତ୍ତରପ୍ରଦେଶର ସାହାରାନପୁରଠାରେ କେତେକ ଦୁର୍ବୃତ୍ତ ଭୀମ ଆର୍ମିମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଗୁଳିମାଡ଼ କରିଛନ୍ତି । ଏଥିରେ ସେ ଗୁରୁତର ହୋଇଛନ୍ତି । ଶ୍ରୀ ଆଜାଦ ତାଙ୍କ ସମର୍ଥକମାନଙ୍କ ସହ ଯାଉଥିବାବେଳେ ଦୁର୍ବୃତ୍ତମାନେ ଅଚାନକ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ । ତାଙ୍କୁ ଦେଓବନ୍ଦ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି

ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ମୃତ

ଧର୍ମଗଡ଼, ୨୮।୬(ଭାସ୍କର ନ୍ୟୁଜ): ଧର୍ମଗଡ଼ ନିକଟ ଢୁଲୁଘାଟିରେ ବୁଧବାର ସକାଳେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଜୟପାଟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସେନ୍‌ସେକ୍ସ: ୬୩,୯୧୫.୪୨
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୮ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

୨୮।୬ର ମତାମତ

ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇବା ଠିକ୍ ନୁହେଁ କି ?



ଆଜିର ପ୍ରସଙ୍ଗ

ମହାପ୍ରଭୁଙ୍କ ନୀତିରେ ହେଉଥିବା ବିଭ୍ରାଟକୁ ଦୂର କରାଯିବା ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ଆଜି ବାହୁଡ଼ାକୁ ପାଗ ବି ବଢ଼ିଆ
କମ୍ପୁଅଛି ବଡ଼ଦାଣ୍ଡ,
ଶ୍ରଦ୍ଧାଳୁଙ୍କ ଭିଡ଼ ଏତେ ବଢୁଛି ଯେ
ଗଣି ହେଉନାହିଁ ମୁଣ୍ଡ ।
ଜନମ ବେଦୀର କାଣ୍ଡ,
ସରିଗଲା ପରେ ବାହୁଡ଼ା ବିଜୟ
ପାଗ ନ ପୂରାଉ ଷଣ୍ଢ !

ଏକାମ୍ର କ୍ଷେତ୍ରର ନବ କଳେବର

ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ
- ଯଜ୍ଞରେ ପୂର୍ଣ୍ଣାହୁତି ଦେଲେ
- ୧୪ ସେବାୟତଙ୍କୁ ସମ୍ବର୍ଦ୍ଧିତ କଲେ

ଭୁବନେଶ୍ୱର, ୨୮।୬(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏକାମ୍ର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବୁଧବାର ପୂର୍ବାହ୍ନରେ ଶ୍ରୀ ପଟ୍ଟନାୟକ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପ୍ରଥମେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିବା ପରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ପରେ ଯଜ୍ଞସ୍ଥଳକୁ ଯାଇ ଗତ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଯଜ୍ଞର ପୂର୍ଣ୍ଣାହୁତିରେ ସାମିଲ ହୋଇଥିଲେ । ଏକାମ୍ର ପ୍ରକଳ୍ପ ନିମନ୍ତେ ଜମି ପ୍ରଦାନ କରିଥିବା ୧୪ଜଣ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ବ୍ରାହ୍ମଣ ନିଯୋଗ, ବଡୁ ନିଯୋଗ ଏବଂ ସମର୍ଥା ନିଯୋଗର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦାମୋଦର ବେଶର ଫଟୋଚିତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅଶୋକଚନ୍ଦ୍ର ପଣ୍ଡା ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ରହିଥିଲେ । ଏକାମ୍ର କ୍ଷେତ୍ରର ସୁବିଧା ଏବଂ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା ତଥା ଏକାମ୍ର ପ୍ରକଳ୍ପ ୨୦୧୯ରେ ଆରମ୍ଭ କରାଯାଇଥିଲା । ବିଭିନ୍ନ ସ୍ମାରକୀ, ପବିତ୍ର ପୁଷ୍କରିଣୀ ଏବଂ ଅନ୍ୟାନ୍ୟ ଜଳାଶୟର ପୁନରୁଦ୍ଧାର ସମେତ ଶ୍ରୀଲିଙ୍ଗରାଜଙ୍କ ଚତୁଃପାର୍ଶ୍ୱର ୮୦ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ ଲକ୍ଷ୍ୟ ରଖାଯାଇଛି । ଚଳିତମାସ ୨୬ ତାରିଖରୁ ବୁଧବାର ପର୍ଯ୍ୟନ୍ତ ଆୟୋଜିତ ଏକ ତିନିଦିନିଆ ଉତ୍ସବରେ ପର୍ଯ୍ୟଟକ ଏବଂ ଭକ୍ତମାନେ ଏକାମ୍ର କ୍ଷେତ୍ରର ସମୃଦ୍ଧ, ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରାରେ ନିମଜ୍ଜିତ ରହିବାର ସୁଯୋଗ ପାଇଥିଲେ । ଲିଙ୍ଗରାଜ ମନ୍ଦିର, ● ପୃଷ୍ଠା ୮ ଦେଖନ୍ତୁ







ସଇଁତଲା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ଭବ୍ୟ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ ପାଇଁ ଏକ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ,ରାଇପୁର ବାସିନ୍ଦା ଅମିତ ଅଗ୍ରୱାଲ, ସଇଁତଲା ର ବିଶିଷ୍ଟ ଶିଳ୍ପ ବ୍ୟବସାୟୀ ମଦନଲାଲ ଅଗ୍ରୱାଲ ଏବଂ ମନ୍ଦିର କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି କୋଠା ନିର୍ମାଣ କରାଯାଇଛି । ଭକ୍ତଙ୍କ ବିଶ୍ୱାସ ଅଛି ଯେ, କୌଣସି ମନୋକାମନା ତଥା କାମ ପୂର୍ତ୍ତି ପାଇଁ ମା' ଚଣ୍ଡୀଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ କଲେ ଭକ୍ତଙ୍କ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ । ଦଶହରା ତଥା ଚୈତ୍ର ନବରାତ୍ର ଦୁର୍ଗା ପୂଜା ସମୟରେ ଓଡିଶା ତଥା ଓଡିଶା ବାହାରର ଭକ୍ତମାନେ ବହୁ ସଂଖ୍ୟାରେ ଅଖଣ୍ଡ ଦ୍ୱୀପ ଜଳାଇ ଥାନ୍ତି । ଏକ ସ୍ୱତନ୍ତ୍ର ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ କୋଠା ନିର୍ମାଣ ହୋଇ ଥିବାରୁ ସଇଁତଲା ତଥା ଆଖ ପାଖ ଅଞ୍ଚଳର ଭକ୍ତମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଧର୍ମେନ୍ଦ୍ର ସିଂଭୋଇ, ପଣ୍ଡିତ କିରଣ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବରେ ମଦନଲାଲ ଅଗ୍ରୱାଲ ଓ ଅମିତ ଅଗ୍ରୱାଲ ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ବିନାଫଳକ ଓ ବିନା ବିଭାଗୀୟ ସ୍ୱୀକୃତିରେ ଶିକ୍ଷାନୁଷ୍ଠାନରେ ଚାଲିଛି ଗୃହ ନିର୍ମାଣ

କରଞ୍ଜିଆ,(ଭାସ୍କର ନ୍ୟୁଜ୍): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, କୌଣସି ସରକାରୀ କାର୍ଯ୍ୟ ବା ନିର୍ମାଣ ପାଇଁ ସଂପୃକ୍ତ ବିଭାଗରୁ ସ୍ୱୀକୃତି ଆବଶ୍ୟକ ହେଇଥାଏ । ମାତ୍ର କରଞ୍ଜିଆ ଉପଖଣ୍ଡ ଅନ୍ତର୍ଗତ କାଦଡିହା ରେ ଥିବା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟଏକ ବ୍ୟତିକ୍ରମ । ଦୀର୍ଘ ଦିନ ଧରି ଉକ୍ତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଙ୍କ ନାମରେ ଅନେକ ଅନିୟମିତତା ବାବଦରେ ଅଭିଯୋଗ ହେଇଆସୁଛି । ସେ ପରା କୁଆଡେ ଜଣେ ପ୍ରଭାବଶାଳୀ ଓ କ୍ଷମତାଶାଳୀ ଲୋକ ଯେଉଁଥିପାଇଁ ସାଧାରଣ ବ୍ୟକ୍ତି ହୁଅନ୍ତୁ ବା ମହାବିଦ୍ୟାଳୟ ର କୌଣସି କର୍ମଚାରୀ କେହି ହେଉଥିବା ଅନିୟମିତତା ବାବଦରେ ମୁଁହ ଖୋଲିବାକୁ କୁଣ୍ଠାବୋଧ କରନ୍ତି । ଏମିତିକି ତାଙ୍କର ବିରାଟ ତ୍ରିତଳ ଅଟ୍ଟାଳିକା ମଧ୍ୟ ବିବାଦୀୟ ଓ ଆୟବର୍ହିଭୂତ ବୋଲି ଅଭିଯୋଗ ହେଉଛି । ଇତି ମଧ୍ୟରେ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଗୃହ ନିର୍ମାଣ ବାବଦରେ ଅଧ୍ୟକ୍ଷ ଭାଗବତ ଲେଙ୍କାଙ୍କୁ ପଚାରିବାରୁ ସେ ପୂର୍ତ୍ତି ବିଭାଗ ତତ୍ତ୍ୱାବଧାନରେ କାମ ହେଉଥିବା କହିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏପଟେ ପୂର୍ତ୍ତି ବିଭାଗକୁ ପଚାରିବାରୁ ପୂର୍ତ୍ତି ବିଭାଗ ସିଧା ସିଧା ମନାକରିଥିଲା ଓ ସେପରି କିଛି କାମ ବାବଦରେ ସେ ଜାଣିନାହାନ୍ତି ବୋଲି ସୁଚାଇଥିଲେ । ବିନା ଫଳକରେ କିମ୍ବା ବିନା କୌଣସି କାର୍ଯ୍ୟ ନିୟୋଜନ ଆଦେଶରେ ନିର୍ମାଣ ଚାଲିଛି । କାଳେ ଆଉ କେଉଁ ବୈଷୟିକ ବା ନିର୍ମାଣ ବିଭାଗ ଏହାର ତତ୍ତ୍ୱାବଧାନ କରୁଥିବା ଭାବି କରଞ୍ଜିଆ ଉପଖଣ୍ଡରେ ଥିବା ସମସ୍ତ ବିଭାଗକୁ ଆମେ ପଚାରି ବୁଝିଲୁ । ମାତ୍ର କୌଣସି ସେପରି ବିଭାଗ ମହାବିଦ୍ୟାଳୟରେ ଚାଲୁଥିବା କାମରେ ସଂପୃକ୍ତ ନାହାନ୍ତି ବୋଲି ଜଣାପଡିଥିଲା ।ତେବେ ଏ କାର୍ଯ୍ୟ କାହାର ପୃଷ୍ଠପଷୋକତାରେ ଚାଲିଛି ? ଅଧ୍ୟକ୍ଷ କ'ଣ ଏତେ ପ୍ରଭାବଶାଳୀ ଯେ ତାଙ୍କୁ ଏ ସଂକ୍ରାନ୍ତରେ କେହି ପ୍ରଶ୍ନ କରିପାରିବେ ନାହିଁ ? ଏ ସଂକ୍ରାନ୍ତରେ ଶିକ୍ଷା ବିଭାଗ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନିଆଯିବା ନିତାନ୍ତ ଜରୁରୀ । ଯଦି ଆଜିଠୁ ଏହିପରି ଆଗଚଲା କାମକୁ ରୋକା ନଯାଏ ଆଗାମୀ ଦିନରେ ମାତ୍ରାଧିକ ଦୁର୍ନୀତିକୁ ପ୍ରଶ୍ରୟ ଦେବାର ସମ୍ଭାବନାକୁ ଆଡେଇ ଦିଆଯାଇପାରିବ ନାହିଁ ।

ଦୋଳସାହି ବଜାରରେ ଜଳିଗଲା ୫ ଦୋକାନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ତହସିଲ ଅଧୀନ ଦୋଳସାହି ବଜାରରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ଟି ବିଭିନ୍ନ ଦୋକାନ ଜଳି ଯାଇଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡରେ ରାମକୃଷ୍ଣ ପ୍ରଧାନଙ୍କ ଷ୍ଟେସନାରୀ, ଶଙ୍କର୍ଷଣ ରଣା, ଜନ୍ମେଜୟ ବେହେରା, ପୀତାମ୍ବର ରଣା ଓ ଅଶ୍ୱନୀ କୁମାର ରଣାଙ୍କ ଫଳ ଦୋକାନ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ଜଣାପଡ଼ିଛି । ଏହି ଅଗ୍ନିକାଣ୍ଡରେ ୫ଟି ଦୋକାନର ଥିବା ୧୦ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ଆକଳନ କରାଯାଇଛି । ଖବର ପାଇ ତିହିଡ଼ି ଓ ଗଦି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତହସିଲଦାର ପ୍ରତୀକ ସାହୁଙ୍କ ନିର୍ଦ୍ଦେଶକ୍ରମେ ଦୋଳସାହି ରାଜସ୍ୱ ନିରୀକ୍ଷକ ବୁଧବାର ଘଟଣା ସ୍ଥଳରେ ପହଞ୍ଚି କ୍ଷୟ କ୍ଷତି ଆକଳନ କରିଛନ୍ତି । ତେବେ କେହି ଦୁର୍ବୃତ୍ତ ଅଗ୍ନିକାଣ୍ଡ ଘଟାଇଥିବା ଦୋକାନୀମାନେ ସନ୍ଦେହ କରୁଥିବା କୁହାଯାଉଛି ।

ରାସ୍ତା ପାଲଟିଛି ମରଣଯନ୍ତା, ବିଭାଗୀୟ ଅଧିକାରୀ ଘୋର ନିଦ୍ରାରେ

ବାଲିପାଟଣା,(ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ହେବ ବାଲିପାଟଣା ଭିଙ୍ଗାରପୁର ରାସ୍ତା ମଧ୍ୟରେ ଥିବା ବାଲିପାଟଣା ହାଟ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇ ମରଣ ଯନ୍ତା ପାଲଟିଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନି । ଏହା ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ଦିନ ରାତି ପଥଚାରୀଙ୍କ ଯାତାୟାତ ଲାଗି ରହି ଥାଏ । କିନ୍ତୁ ବିପଦଶଙ୍କୁଳ ହୋଇ ପଡିଥିବା ରାସ୍ତାଟି ବିନା ମରାମତିରେ ପଡ଼ି ରହିଛି । ଏହାକୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା କୁହାଗଲେ ଭୁଲ୍ ହେବନି । ସୂଚନା ଅନୁସାରେ ବାଲିପାଟଣା ଭିଙ୍ଗାରପୂର୍ ରାସ୍ତାଟି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ଅଟେ । ଏହି ରାସ୍ତାଟି ମୁଖ୍ୟତଃ ଭିଙ୍ଗାରପୂର, କଟକ, ଭୁବନେଶ୍ୱରକୁ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଗାଡି ମଟର ଯିବା ଆସିବା ସହିତ ବୋଝ ଉପରେ ନଳିତା ବିଡା ସଦୃଶ ବହୁ ସଂଖ୍ୟାରେ ବାଲି ବୋଝେଇ ହାଇୱା ମଧ୍ୟ ଯିବା ଆସିବା କରିଥାଏ । କିନ୍ତୁ ବିଡମ୍ବନାର ବିଷୟ ବାଲିପାଟଣା ହାଟ ଶେଷ ଭାଗ ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି ହୋଇ ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ପଡ଼ି ରହିଛି । ଟିକେ ବର୍ଷା ହେଲେ ଫୁଟେ ପାଣିରେ ରାସ୍ତା ବୁଡି ରହିଥିବା ବେଳେ ଏହି ଖାଲ ଖମା ଆହୁରି ବିପଦ ସୃଷ୍ଟି କରୁଛି । କିନ୍ତୁ ଏହି ରାସ୍ତାଟି ଦୀର୍ଘ ଦିନ ହେବ ମରାମତି ହେଇ ପାରୁନି ସେଥିପାଇଁ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାନ ବାହାନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେଉଛି । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବିଧାୟକଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନଙ୍କ ପର୍ଯ୍ୟନ୍ତ କାହାରି ଦୃଷ୍ଟି ପଡୁନି କିପରି ? ଏଥି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି ।

ହାଇୱାକୁ ପିଟିଲା ବାଇକ୍: ଜଣେ ମୃତ

ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଜାମଗୁଡା ଗ୍ରାମ ନିକଟରେ ହାଇୱାକୁ ପିଟିଲା ବାଇକ୍ ଘଟଣାସ୍ଥଳରେ ବାଇକ୍ ଚାଳକ-ବିକ୍ରମ ଗୌଡ (୪୦) ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ସେମାନେ ହେଲେ ରବିନ୍ଦ୍ରପ୍ରଧାନ(୩୨) ସ୍ତ୍ରୀ ରଶ୍ମିତା ପ୍ରଧାନ ଏମାନଙ୍କ ଘର ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଚିକିଲି ଗ୍ରାମରେ । ଖବର ନେବାରେ ମଙ୍ଗଳବାର ସନ୍ଧ୍ୟାରେ ଚିକିଲି ଗ୍ରାମରୁ ଏକ ବାଇକରେ ତନରଡା ଗ୍ରାମରେ ରହୁଥିବା ସମ୍ପର୍କୀୟ ଘରକୁ ଶୁଭକାର୍ଯ୍ୟରେ ଯୋଗଦେଇ ନିଜ ଗ୍ରାମ ଚିକିଲିକୁ ରାତ୍ର ୧୧ଟାସମୟରେ ଫେରୁଥିବା ସମୟରେ ଜାମଗୁଡା ଗ୍ରାମ ନିକଟ ରାସ୍ତା ପାଶ୍ୱର୍ରେ ଠିଆ ହେଇଥିବା ହାଇୱାକୁ ବାଇକ୍‌ଟି ଦ୍ରୁତଗତିରେ ଥିବାରୁ ଭାରସାମ୍ୟ ହରାଇ ପିଟିବା ଫଳରେ ବାଇକ୍‌ରେ ବସିଥିବା ଚାଳକଙ୍କସହ ୨ ସହଯୋଗୀ ଛିଟିକି ହେଇ ପଡିବା ଫଳରେ ଘଟଣାସ୍ଥଳରେ ଚାଳକ ବିକ୍ରମର ମୃତ୍ୟୁ ହେଇଥିବା ବେଳେ ରବିନ୍ଦ୍ର ଓ ତାଙ୍କସ୍ତ୍ରୀ ରଶ୍ମିତା ଗୁରୁତର ହୋଇ ପଡିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାରକରି ଭଞ୍ଜନଗର ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଥିଲା । ଏଠାରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କଟକ ବଡଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଥିଲା । ଜଗନ୍ନାଥ ପ୍ରସାଦ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହ ବିକ୍ରମର ଶବକୁ ଜବତ କରିବା ସହ ତଦନ୍ତକରି ବ୍ୟବଚ୍ଛେଦ ପାଇ ପଠାଇ ଦିଆଯାଇଥିଲା । ଏହି ଘଟଣାକୁ ନେଇ ଜଗନ୍ନାଥପ୍ରସାଦ ଥାନାରେ ଏକ ମାମଲା ରୁଜୁ ହେଇଥିବା ଥାନା ସୂତ୍ରରୁ ଜଣାପଡିଛି ।

କେନ୍ଦ୍ରରୁ ଚାଷୀଙ୍କ ପାଇଁ ଜଳସେଚନ ଅର୍ଥ ପ୍ରଦାନ

ଧାମନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରରୁ ରାଜ୍ୟକୁ ଚାଷୀଙ୍କ ପାଇଁ ଜଳସେଚନ ପାଇଁ ଅର୍ଥ ପ୍ରଦାନ କରୁଥିବା ବେଳେ କାର୍ଯ୍ୟ ନ କରି ବା ଫଳରେ ୭୫ ଭାଗ ଅର୍ଥ ଫେରି ଯାଉଛି । ବର୍ଷକୁ ୫୦ ହଜାର କୋଟି ଖଣି, ମଦ, ଡିଜେଲରୁ ଟିକସକୁ ରାଜ୍ୟ ସରକାର ଆତ୍ମ ସାତ କରୁଛନ୍ତି । ରାଜ୍ୟର ସଚିବ ହାତରେ ଏବେ ଶାସନ ଚାଲିଛି । ଏ ସରକାର ଓଡିଶାକୁ ୫୦ ବର୍ଷ ପଛକୁ ନେଇ ଯାଇଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରକାଶ କରିଛନ୍ତି । ଧାମନଗର ବ୍ଲକ ଦୋବଲ ଯୋନ ପଧାନି ଠାରେ ବିଜେପିର ମଣ୍ଡଳ ସ୍ତରୀୟ ବୈଠକରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସାମଲ ଯୋଗ ଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ମଣ୍ଡଳ ସଭାପତି ଅରବିନ୍ଦ ପତିଙ୍କ ସଭାପତିତ୍ୱରେ ଅନ୍ୟ ମାନଙ୍କ ମଧ୍ୟରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ ଧାମନଗରରେ ବନ୍ୟାର ସ୍ଥାୟୀ ପ୍ରତିକାର କରା ଯାଇ ପାରିଲା ନାହିଁ । ୫ ଟି ଏସ କେପ ଧାମନଗର ଅଞ୍ଚଳରେ ବନ୍ୟାର ମୁଖ୍ୟ କାରଣ ହୋଇଚି । ରାଜ୍ୟରେ ବିଜେପି ସରକାର ଆସିଲେ ପ୍ରଥମେ ବନ୍ୟାର ସ୍ଥାୟୀ ପ୍ରତିକାର କରିବ ବୋଲି ବିଧାୟକ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଂପାଦକ ଭଗବାନ ଦାସ, ମନୋଜ ମଲିକ, ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ , ମିଡିଆ ଜିଲ୍ଲା ସଂଯୋଜକ ବୈକୁଣ୍ଠ ସାହୁ, ଓବିଶି ସଂଯୋଜ ବୁଦ୍ଧଦେବ ଜେନା, ପ୍ରମୋଦ ସୂତାର, ଦୀପକ ମହାପାତ୍ର, ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନ ହିତକର ଯୋଜନା ସଂପର୍କରେ ବକ୍ତବ୍ୟ ପ୍ରଦାନ କରି ଥିଲେ । ଏହି ଅବସରେରେ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କୁ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇ ଥିଲା । କୃଷକ ମୋର୍ଚ୍ଚାର ବ୍ଲକ ସଭାପତି ଚକ୍ରଧର ଦାସ, ଗଜେନ୍ଦ୍ର ମାଝୀ ଓ ହୃଦାନନ୍ଦ କରଙ୍କୁ ଦଳ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ନିର୍ବାଚନ ମଣ୍ଡଳୀର ସଂଯୋଜକ ତଥା ସରପଞ୍ଚ ଅଶୋକ କୁମାର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଦେଶୀ ମଦ ଦୋକାନର ସ୍ଥାୟୀ ସ୍ଥାନାନ୍ତର ପାଇଁ ଦାବି

ସାଲେପୁର,(ଭାସ୍କର ନ୍ୟୁଜ୍): ସାଲେପୁର ସହର ଉପକଣ୍ଠ ସପନପୁରର କଣ୍ଟାସାହି ଛକ ଠାରେ ଖୋଲିଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନକୁ ସେଠାରୁ ସ୍ଥାୟୀଭାବେ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ଦାବି ହୋଇଆସୁଛି । ମଦ ଦୋକାନକୁ ସେଠାରୁ ଉଚ୍ଛେଦ ପାଇଁ ଜିଲ୍ଲାପାଳ କଟକ ଓ ଅବକାରୀ ବଭାଗର ବରିଷ୍ଠ ଅଧିକାରୀଙ୍କୁ ଏକାଧିକ ଥର ଲିଖିତ ଭାବେ ସ୍ଥାନୀୟ ବାସୀନ୍ଦାଙ୍କ ପକ୍ଷରୁ ଅବଗତ କରାଯାଇଥିଲା । ମାତ୍ର ଅଦ୍ୟାବଧି ମଦ ଦୋକାନ ସେଠାରୁ ସ୍ଥାନାନ୍ତର ନ ହେବାରୁ ଜନଅସନ୍ତୋଷ ବ୍ୟାପାବା ସହ ଅଗାମୀ ଦିନରେ ସାଲେପୁର ତହସିଲଦାରଙ୍କ କାର୍ଯ୍ୟାଳୟ ଠାରେ ଗଣଧାରଣା ଦିଆଯିବ ବୋଲି ୨୩.୦୬.୨୦୨୩ରେ ପୁନଃର୍ବାର ଜିଲ୍ଲାପାଳ କଟକଙ୍କୁ ଲିଖିତ ଅବଗତ କରାଯିବା ସହ ଚିଠିର ନକଲ ଆରଡ଼ିସି କଟକ, ଅବକାରୀ କମିଶନର, ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ କଟକ ଓ ତହସିଲଦାର, ଏସଡ଼ିପିଓ, ଆଇଆଇସି ସାଲେପୁରଙ୍କୁ ପ୍ରେରଣ କରାଯାଇଥିଲା । ୨୬.୦୬.୨୦୨୩ରେ କଟକ ଉପଜିଲ୍ଲାପାଳ କମଳଜିତ ଦାଶ, କଟକଜିଲ୍ଲା ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ, ତହସିଲଦାର ଶିବ ମଲ୍ଲିକ, ଅବକାରୀ ଇନିସ୍‌ପେକ୍ଟର ମାନସୀ ନାୟକ ମଦ ଦୋକାନ ଖୋଲାଯାଇଥିବା ସ୍ଥାନରେ ପହଞ୍ଚି ଅଞ୍ଚଳବାସୀଙ୍କ ଠାରୁ ଅଭିଯୋଗ ଶୁଣିଥିଲେ । ଅଧିକାରୀମାନେ ସ୍ଥାନୀୟ ପରିବେଶକୁ ଦେଖିବା ସହ ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅପରପକ୍ଷେ ସମୟସୀମା ମଧ୍ୟରେ ଯଦି ମଦ ଦୋକାନକୁ ସେଠାରୁ ସ୍ଥାନାନ୍ତର କରାନଯାଏ ତେବେ ୦୭.୦୭.୨୦୨୩ ଠାରୁ ସାଲେପୁର ତହସିଲଦାରଙ୍କ କାର୍ଯ୍ୟଳୟ ଠାରେ ଗଣଧାରଣା ଦିଆଯିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଡାକ୍ତରଙ୍କୁ ଆକ୍ରମଣ ଘଟଣା,୨ ଅଭିଯୁକ୍ତ ଗିରଫ

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ଡେଲାଙ୍ଗ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଜୁନ ୨୧ ତାରିଖରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅମିତ ମହାନ୍ତି ଡ୍ୟୁଟି କରୁଥିବା ସମୟରେ ପିଢପାଟଣା ଗ୍ରାମର ସୀତା ପରିଡା ନାମକ ଜଣେ ରୋଗୀଙ୍କ ସହିତ ୪ରୁ ୫ଜଣ ଯୁବକ ପହଞ୍ଚି ଡାକ୍ତର ମହାନ୍ତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସେ ଘରକୁ ଫେରିବା ବାଟରେ ତାଙ୍କୁ ଆକ୍ରମଣ କରି ତାଙ୍କ କାରର କାଚକୁ ପଥର ମାରି ଭାଙ୍ଗିଦେଇଥିଲେ । ଏହାକୁ ନେଇ ଡେଲାଙ୍ଗ ଥାନାରେ ଡାକ୍ତର ମହାନ୍ତି ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନା ପକ୍ଷରୁ ୧୭୯/୨୩ ରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୋଲିସ୍ ଅପରାଧୀଙ୍କୁ ଧରିବା ପାଇଁ ତନାଘନା ଜାରିରଖିଥିଲା । ବିଶେଷ ସୂତ୍ରରୁ ଖବରପାଇ ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ସଦଳବଳ ଚଢ଼ାଉ କରି ୨ ଜଣ ଅଭିଯୁକ୍ତ ହୁମର ଗ୍ରାମର ତପନ ସ୍ୱାଇଁ (୨୪)ଏବଂ ପିଢପାଟଣା ଗ୍ରାମର ସୁମନ୍ତ ପରିଡା ଓରଫ ଆଜିଆ (୩୦)କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

ଗୁଇନ୍ଦା ରିପୋର୍ଟ ଓ ତୃଣମୂଳସ୍ତରରେ କର୍ମୀମାନଙ୍କ ମତ ନେଇ ପ୍ରାର୍ଥୀ ଚୟନ ପାଇଁ ଦାବି

କୋଣାର୍କ,(ଭାସ୍କର ନ୍ୟୁଜ୍): ଗତ ଜୁନ ୨୩ ତାରିଖରେ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ଠାରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ବିଜେଡି ସାଂଗଠନିକ ସଂପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ କୋଣାର୍କ ଏନଏସି ସମେତ କାକଟପୁର ବ୍ଲକ, ଅସ୍ତରଙ୍ଗ ବ୍ଲକ ସମେତ ଗୋପ ବ୍ଲକର ୩୯ ଗୋଟି ଗ୍ରାମପଞ୍ଚାୟତ ଓ କୋଣାର୍କ ଏନଏସିରେ ବିଜେଡି ଦଳର ସାଂଗଠନିକ ସ୍ଥିତିକୁ ନେଇ ଏକ ଗୁପ୍ତ ସାଂଗଠନିକ ବୈଠକରେ ଆୟୋଜନ କରିଥିଲେ । ଏହି ସାଂଗଠନିକ ବୈଠକରେ ନିର୍ବାଚନ ମଣ୍ଡଳୀର ବହୁ ପୁରୁଖା ନେତା ଓ କର୍ମୀ ମାନଙ୍କ ଅନୁପସ୍ଥିତି କୁ ନେଇ କାକଟପୁର ବିଧାୟକ ତଥା କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପରେ ବର୍ଷିଥିଲେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ । ତୃଣମୂଳସ୍ତରରେ ବିଧାୟକ ତଥା କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଜନ ସମ୍ପର୍କ ନ ଥିବା ସାଂଗଠନିକ ସଂପା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଟମାଟୋ ଦରବୃଦ୍ଧିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ସେ କହିଛନ୍ତି ଆମ ପାଖରେ ଯାହା ଫିଡ୍‌ବ୍ୟାକ ଅଛି ଲଗାଣ ବର୍ଷା ଯୋଗୁଁ ବଜାର ଉପରେ ପ୍ରଭାବ ପଡିଛି। ସ୍ଥାନୀୟ ଚାଷୀ ମାନଙ୍କ ଉପରେ ବି ପ୍ରଭାବ ପଡିଛି। ଆମର ମୁଖ୍ୟତଃ ବାଙ୍ଗାଲୋରରୁ ଟମାଟୋ ଆସେ। ଭାବୁଛୁ ଏହା ଭିତରେ ସ୍ଥିତିରେ କିଛି ପରିବର୍ତ୍ତନ ଆସିବ ବା ସ୍ଥିରାବସ୍ଥା ଆସିବ । ବିଶେଷ କରି ଡାଲି କିମ୍ବା ଏହି ଭଳି ସାମଗ୍ରୀର ଯଦି କେଉଁ ମାନେ ହୋଡ଼ିଂ କରି ବଜାର ଦର ବଢ଼ାଉଥିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଡାଲି ଦର ନିୟନ୍ତ୍ରଣ ନେଇ ଦିଲ୍ଲୀ ସରକାର ପଦକ୍ଷେପ ନେବାର ଆବଶ୍ୟକ ରହିଛି ।

ଟ୍ୱିନ୍‌ସିଟି ଉତ୍ସବମୁଖର: ବାହୁଡିଲେ ତିନି ଠାକୁର

ଭୁବନେଶ୍ୱର/କଟକ (ଭାସ୍କର ନ୍ୟୁଜ୍) : ମହାପ୍ରଭୁ ଶ୍ରୀଜଗନ୍ନାଥ, ଭଉଣୀ ଦେବୀ ସୁଭଦ୍ରା, ବଡଭାଇ ପ୍ରଭୁ ବଳଦେବଙ୍କ ୯ଦିନ ଲାଳାଖେଳା ମାଉସୀ ଘରେ ସରିବା ପରେ ଏବେ ରତ୍ନସିଂହାସନ ଅଭିମୁଖେ ବାହୁଡିଛନ୍ତି। ତେବେ ଟ୍ୱିନ୍‌ସିଟିର ବିଭିନ୍ନ ସ୍ଥାନ ଇସ୍କନ ମନ୍ଦିରଠାରୁ ଆରମ୍ଭ କରି ବାଣୀକ୍ଷେତ୍ର, ଶ୍ରାବଣୀକ୍ଷେତ୍ର, ଡୁମୁଡୁମା ଜଗନ୍ନାଥ ମନ୍ଦିର, ଶିରିପୁର ଜଗନ୍ନାଥ ମନ୍ଦିର, ପଟିଆ ଆର୍‌ସିଏମ୍, କଟକ ରାଣୀହାଟ, ଚାନ୍ଦିନଚୌକ ଆଦି ସ୍ଥାନ ମାନଙ୍କରେ ମହାପ୍ରଭୁଙ୍କର ବାହୁଡା ଯାତ୍ରା ସମାପନ ହୋଇଛି। ତିନି ଠାକୁର ମାଉସୀ ଘରୁ ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି।ଏଥିପାଇଁ ଟ୍ୱିନ୍‌ସିଟି ଚଳଚଞ୍ଚଳ ହେବା ସହ ଉତ୍ସବମୁଖର ହୋଇପଡିଥିଲା। ସକାଳ ପ୍ରହରରୁ ସେବାୟତ ମାନେ ମହାପ୍ରଭୁଙ୍କର ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମାପନ ହେବା ପରେ ରଥାରୂଢ଼ ହୋଇଥିଲେ ତିନି ଠାକୁର। ତିନି ଠାକୁରଙ୍କୁ ପହଣ୍ଡିରେ ରଥାରୂଢ଼ କରାଯାଇ ଛେରାପହଁରା କରାଯିବା ପରେ ଭକ୍ତମାନେ ତିନି ଠାକୁରଙ୍କୁ ମନ୍ଦିର ଅଭିମୁଖେ ଟାଣିନେଇଥିଲେ। ସବୁଠି ଜଗନ୍ନାଥ ଶବ୍ଦରେ ପ୍ରକମ୍ପିତ ହୋଇଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା। ଏଥିପାଇଁ ଟ୍ୱିନ୍‌ସିଟିରେ ଆଇନ ଶୃଙ୍ଖଳାକୁ କଡାକଡି କରିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶ୍ରାବଣୀ କ୍ଷେତ୍ରରେ ବାହୁଡ଼ା ଯାତ୍ରା ରୀତିନୀତି ଅନୁଯାୟୀ ସଂପନ୍ନ ହୋଇଛି। ଏଠାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ରର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ତିନି ରଥଙ୍କୁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା। ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ। ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ବାଣୀକ୍ଷେତ୍ର ବାଣୀବିହାର ପରିସରରେ କାଳିଆ ସାଆନ୍ତେଙ୍କ ବାହୁଡା ଯାତ୍ରା ଆଜି ଶେଷ ହୋଇଛି। ଏହିଅବସରରେ ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରି ପହଣ୍ଡି ବିଜେ ପାଇଁ ପଥ ପ୍ରସ୍ତୁତି କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମନ୍ଦିର ପରିସର ଘଣ୍ଟ, ଘଣ୍ଟା, କାହାଳି, ବାଜାବାଦ୍ୟ ସାଙ୍ଗକୁ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରଥମେ ସୁଦର୍ଶନଙ୍କ ପରେ ବଳଭଦ୍ର ଓ ଦେବୀ ସୁଭଦ୍ରା ଏବଂ କାଳିଆ ଠାକୁର ରଥକୁ ପହଣ୍ଡି ବିଜେ କଲା ପରେ ରଥାରୁଢ଼ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶ୍ରୀଜୀଉଙ୍କ ରଥ ଉପରେ ଜଗନ୍ନାଥଙ୍କର ରୀତିନୀତି ଅନୁସାରେ ଛେରା ପହଁରା କରିଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଭାପତି ପ୍ରଫେସର ପ୍ରବୋଧ କୁମାର ହୋତା, ସମ୍ପାଦକ ଡ଼ ମନୋଜ କୁମାର ସାଉଆଲ, ସଦସ୍ୟ ସୁଜିତ କୁମାର ଆଚାର୍ଯ୍ୟ, ରୁଦ୍ର ନାରାୟଣ ମହାପାତ୍ର. ପ୍ରକାଶ କୁମାର ବିଶ୍ୱାଳ, ବିଭୂତି ସ୍ୱାଇଁ, ସୁଦୀପ କୁମାର, ପ୍ରଦୀପ ସ୍ୱାଇଁ ପ୍ରମୁଖ ଶାନ୍ତିଶୃଙ୍ଖଳା ସହ ବାହୁଡ଼ା ଯାତ୍ରା ପରିଚାଳନା କରିଥିଲେ। ଅନ୍ୟପକ୍ଷରେ କଟକ ରାଣୀହାଟ ଗୁଣ୍ଡିଚା ମନ୍ଦିର ଠାରେ ମହାପ୍ରଭୁଙ୍କ ତିନି ଠାକୁରଙ୍କ ବାହୁଡା ଯାତ୍ରା ଅବସରରେ ପହଣ୍ଡି ବିଜେ ପରେ ଜିଲ୍ଲାପାଳଙ୍କ ଦ୍ୱାରା ଛେରା ପହଁରା ଅନୁଷ୍ଠିତ। ବୁଧବାର ପବିତ୍ର ବାହୁଡା ଯାତ୍ରା ଅବସରରେ ରାଣୀହାଟସ୍ଥିତ ମାଉସୀ ମା' ଗୁଣ୍ଡିଚା ଠାରୁ ବଳଦେବ ଜୀଉ ମନ୍ଦିର ଅଭିମୁଖେ ତିନି ଠାକୁରଙ୍କର ସମସ୍ତ ନୀତିକାନ୍ତ କରାଯାଇ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡଃ ଭବାନୀ ଶଙ୍କର ଚୟନୀ ନିଜ ସହଧର୍ମିଣୀ ଡଃ ଲିନୁ ଚୟନୀଙ୍କ ସହିତ ରାଣିହାଟ ଗୁଣ୍ଡିଚା ନିକଟରେ ରଥାରୂଢ ତିନି ଠାକୁରଙ୍କ ପହଣ୍ଡି ବିଜେ ପରେ ଛେରା ପହଁରା କରିସାରିବା ପରେ ରଥ ଟଣାଯାଇଥିଲା ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଜାତୀୟସ୍ତରରେ ପ୍ରଥମ ପଞ୍ଚାୟତିରାଜ ସଂସ୍ଥାକୁ କେନ୍ଦ୍ର ସରକାରଙ୍କ ପୁରସ୍କାରର ୬ ଗୁଣ ଦିଆଯିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିପୁଳ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ଆଜି ଲୋକସେବା ଭବନର କନ୍‌ଭେସନ୍ ହଲ୍ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେଉଁ ପଞ୍ଚାୟତିରାଜ ଅନୁଷ୍ଠାନ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବ ତାକୁ କେନ୍ଦ୍ର ସରକାର ଦେଉଥିବା ପୁରସ୍କାରର ୬ ଗୁଣ ଅର୍ଥ ରାଶି ପୁରସ୍କାର ଭାବରେ ଦିଆଯିବ। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନକୁ ୩ ଗୁଣ ଓ ତୃତୀୟ ସ୍ଥାନ ପାଇଥିବା ଅନୁଷ୍ଠାନକୁ ୨ ଗୁଣ ଆର୍ଥିକ ପୁରସ୍କାର ଦିଆଯିବ । ଏହି ଘୋଷଣା ଅନୁଯାୟୀ ଜାତୀୟସ୍ତରରେ ପ୍ରଥମ ହୋଇଥିବା ଗଞ୍ଜାମ ଜିଲ୍ଲା ପରିଷଦକୁ ୩୦ କୋଟି ଟଙ୍କା, ପ୍ରଥମ ସ୍ଥାନ ଅଧିକାର କରିଥିବା ହିଞ୍ଜିଳିକାଟୁ ପଞ୍ଚାୟତ ସମିତିକୁ ୧୨ କୋଟି ଟଙ୍କା ପୁରସ୍କାର ଦିଆଯାଇଥିଲା । ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର କାଞ୍ଚୁରୁ ପଞ୍ଚାୟତ, ଭଞ୍ଜନଗର ବ୍ଲକର କୁଲଦା ପଞ୍ଚାୟତ, ହିଞ୍ଜିଳିକାଟୁର ଶାସନ ଆମଗାଁ ଓ ପାତ୍ରପୁର ବ୍ଲକର ଆଙ୍କୁଳି ପଞ୍ଚାୟତକୁ ୨ କୋଟି ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ ବଣାଇ ବ୍ଲକର ବଣାଇଗଡ ପଞ୍ଚାୟତକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଇଥିଲା । ସମୁଦାୟ ୭ଟି ପଂଚାୟତିରାଜ ଅନୁଷ୍ଠାନକୁ ୫୨ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ୨ଟି ପଞ୍ଚାୟତ ଚିହ୍ନଟ କରାଯାଇ ୬୦ ଟି ପଂଚାୟତ ଲଣ୍ଡିଂ ସେଣ୍ଟର ସ୍ଥାପନ କରାଯିବ । ଏକ ଜ୍ଞାନ ସମ୍ବଳ କେନ୍ଦ୍ର ଭାବେ ଏହା ପଂଚାୟତ ଅନୁଷ୍ଠାନ ମାନଙ୍କର ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବ। ପଞ୍ଚାୟତ ମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଲକ୍ଷ୍ୟ ନେଇ ଲୋକାଲ ଚାମ୍ପିଅନ୍ ଟ୍ରେନିଂ ପ୍ରୋଗ୍ରାମ କରାଯିବ। ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଏହା କରାଯିବ । ଏଥିରେ ୩୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ, ୨୫୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ ଓ ସାଟେଲାଇଟ୍ ବେସଡ୍ ଷ୍ଟୁଡିଓ ସ୍ଥାପନ କରାଯିବ । ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଥିଲେ ସରକାରୀ ଯୋଜନା ଗୁଡିକର ସଫଳ କାର୍ଯ୍ୟାନ୍ୱୟନରେ ପଞ୍ଚାୟତିରାଜ ସଂସ୍ଥା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ ଯେ ରାଜ୍ୟ ଯେଉଁ ସୁନାମ ଆଣିଛି, ତାହା ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବ। ସଶକ୍ତ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

୨୦୦୮ରୁ ୨୦୧୩ ବେସରକାରୀ କଲେଜକୁ ଅନୁଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଖିଳ ଓଡ଼ିଶା ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ତରଫରୁ ମନ୍ତ୍ରୀସ୍ତରୀୟ କମିଟି ଚିଠି ନଂ-୧୧୭/୨୦୧୭/୨୬୪୭୪ ତାରିଖ : ୨୪.୦୬.୨୦୨୩ ସୁପାରିଶ କରିଥିବା ୨୦୦୮ରୁ ୨୦୧୩ ମଧ୍ୟରେ ବିଭିନ୍ନ କଲେଜରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ସରକାର ଅନୁଦାନ ଦେବାର ଯେଉଁ ପ୍ରସ୍ତାବ ରଖିଛନ୍ତି ତାହାକୁ ଅଖିଳ ଓଡ଼ିଶା ବେସରକାରୀ ଅନୁଦାନ ଓ ଅଣଅନୁଦାନ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ ସଂଘ ସ୍ୱାଗତ କରିବା ସହିତ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ ଓ ୫-ଟି ସଚିବ ଭି.କେ ପାଣ୍ଡିୟାନଙ୍କୁ ସଂଘ ତରଫରୁ କୃତଜ୍ଞତା ଜଣାଯାଇଛି। ୨୦୦୮ ମସିହାରୁ ବେସରକାରୀ ମହାବିଦ୍ୟାଳୟରେ ସ୍ୱଳ୍ପ ଦରମାରେ ଶିକ୍ଷାଦାନ କରୁଥିବା ଅଧ୍ୟାପକଙ୍କ ମହଲରେ ଆନନ୍ଦର ବାର୍ତ୍ତା ପ୍ରଚରିତ ହୋଇ ଭବିଷ୍ୟତରେ ଶିକ୍ଷାର ଦିଗକୁ ଅଧିକ ଆଗେଇ ନେବା ପାଇଁ ସବୁ ଅଧ୍ୟାପକ ଅଧ୍ୟାପିକାମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଅବସରରେ ସଂଘ ତରଫରୁ ଏକ ସଭାରେ ସାଧାରଣ ସମ୍ପାଦକ ଡ. ରମେଶ ଚନ୍ଦ୍ର ବେହେରା, ସତ୍ୟ ନାରାୟଣ ବଗର୍ତି, ସଂଘର ଆବାହକ ରାଜକିଶୋର ବାରିକ, ସଦସ୍ୟ ଦିଲ୍ଲୀପ ମହନ୍ତ, ରାଜକିଶୋର ପ୍ରଧାନ, ଅଧ୍ୟାପିକା ଇତିଶ୍ରୀ ସୁନ୍ଦରା ସମେତ ଅନେକ କର୍ମକର୍ତା ଉପସ୍ଥିତ ରହି ସରକାରଙ୍କ ପ୍ରସ୍ତାବକୁ ସ୍ୱାଗତ କରି ଆମ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

ସହିଦ ଭବନ ଓ କଲ୍ୟାଣମଣ୍ଡପର ପୁନରୁଦ୍ଧାର କାର୍ଯ୍ୟର ଶୁଭ ଉଦ୍‌ଘାଟନ

ଉଭୟ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୪କୋଟି ୮୦ ଲକ୍ଷ

କଟକ(ଭାସ୍କର ନ୍ୟୁଜ୍): ଚୌଧୁରୀବଜାରସ୍ଥିତ କଟକ ମହାନଗର ନିଗମ (ସିଏମ୍‌ସି) ପରିସରରେ ଥିବା ସହିଦ ଭବନ ଓ କଲ୍ୟାଣମଣ୍ଡପର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟପବିତ୍ର ବାହୁଡା ଯାତ୍ରା ଅବସରରେ ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ମେୟର ସୁବାସ ସିଂହ ନଡିଆ ଭାଙ୍ଗି ଉଭୟ ପ୍ରକଳ୍ପ ପାଇଁ ଶୁଭ ଦେଇଥିଲେ । ଆସନ୍ତା ୬ ମାସ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରାଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୪ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ସହିଦ ଭବନ ନବୀକରଣ ପାଇଁ ୩ କୋଟି, କଲ୍ୟାଣମଣ୍ଡପ ପୁନରୁଦ୍ଧାର ପାଇଁ ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ସିଏମସି ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଥାଉକି, ସିଏମ୍‌ସି ପରିସରରେ ଥିବା ସହିଦ ଭବନ ଓ କଲ୍ୟାଣମଣ୍ଡପ ସାଧାରଣ ଜନତାଙ୍କ ସେବାରେ ଲାଗୁଥିଲା ବେଳେ ଏହାକୁ ଅତ୍ୟାଧୁନିକ ଭାବେ ଗଢିତୋଳି ଲୋକଙ୍କ ଚାହିଦା ପୂରଣ କରିବାକୁ ରହିଥିବା ଦୀର୍ଘ ଦିନର ଯୋଜନା ଏବେ କାର୍ଯ୍ୟକାରୀ କରାଯାଇପାରିଛି ବୋଲି ମେୟର ଶ୍ରୀ ସିଂହ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, କର୍ପୋରେଟର ଦିପ୍ତୀମୟୀ ମୁଲିଆଙ୍କ ସମେତ ବହୁ କର୍ପୋରେଟର, ବିଜେଡି ନେତା ରଞ୍ଜନ ବିଶ୍ୱାଳ ଓ ନିର୍ମାଣକାରୀ ସଂସ୍ଥା ଏନ୍‌ପିସିସି ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଦୁର୍ଦ୍ଦଶାରେ ପଞ୍ଚସଖା ନଗରବାସୀ

ପ୍ରଶାସନର ନିଦ ଭାଙ୍ଗୁନି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବର୍ଷାଦିନ ଆସିଲେ ବେଶୀ ହଇରାଣ ହୁଅନ୍ତି ରାଜଧାନୀ ଭୁବନେଶ୍ୱରର ୬୪ନଂ ୱାର୍ଡ ପଞ୍ଚସଖାନଗରବାସୀ। ଏବେ ବର୍ଷାଦିନରେ ଏହି ଅଞ୍ଚଳରେ ସ୍ୱରେଜ ଲାଇନ୍ ଓ ନାଳ କାର୍ଯ୍ୟ ଶେଷ ହେଉନଥିବାରୁ ସ୍ଥାନୀୟ ଅଧିବାସୀ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନି ଯୋଗୁଁ ଜନସାଧାରଣ ଲୋକେ ହିନସ୍ତା ହେଉଛନ୍ତି। କେଉଁଠି ଗାତ ଖୋଳା ହୋଇ ଫାଙ୍କା ପଡିଛି ତ ଆଉ କେଉଁଠି ନାଳ କାର୍ଯ୍ୟ ଅଧା ହୋଇଛି। ଏଠାରେ ୧୦୦୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଏମାନେ ବିଡିଏ ଠାରୁ ଟାଉନପ୍ଲାନିଂ ସ୍କିମ୍‌ରେ ଜମି ନେଇ ଘର କରିଛନ୍ତି। ହେଲେ ସେମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ଚାଲିଥିବା କାମ ନିମ୍ନମାନର କରାଯିବା ସହ ଗାତଖୋଳି ଛାଡି ଦେଇଥିବାରୁ ବର୍ଷାରେ ପାଣି ଜମି ରହୁଛି। ଫଳରେ ଲୋକେ ସେବାଟେ ନଯାଇ ୮କିମି ବୁଲି ଯିବାକୁ ପଡୁଛି। କେତେକ ସ୍ଥାନରେ ନାଳ ମଝିରେ ପାଣିପାଇପ ଯାଇଥିବାରୁ ପାଇପ ଫାଟି ପାଣିର ଅପଚୟ ଘଟୁଛି। ବିଶେଷ କରି ନର୍ଦ୍ଦମା ମଧ୍ୟଦେଇ ପାନୀୟ ଜଳ ଯୋଗାଣ ପାଇପ୍ ବିଛା ଯାଇଥିବା ବେଳେ ଦୁଇଟି ପାଇପ୍‌ର ଜଏଣ୍ଟ ପ୍ୟାନେଲ୍‌ଟି ନର୍ଦ୍ଦମା ମଝିରେ ରଖାଯାଇଛି। କୌଣସି କାରଣରୁ ଏହି ଜଏଣ୍ଟ ପ୍ୟାନେଲ ଯଦି ଲିକ୍ ହୁଏ ତେବେ ଦୂଷିତ ଜଳ ପାନୀୟ ଜଳରେ ମିଶିବାର ଆଶଙ୍କା କରି ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ୱାଟ୍‌କୋର ଜେଇଙ୍କୁ ଅଭିଯୋଗ କରିବା ପରେ ସେ ଏହାର ସମାଧାନ କରିବା ପରିବର୍ତ୍ତେ ସ୍ୱରେଜ ଉପରେ ସ୍ଲାପ୍ ପକାଇ ବାହାରକୁ ଦୃଶ୍ୟମାନ ହେଉଥିବା ପାନୀୟ ଜଳ ଯୋଗାଣ ପାଇପ୍‌ଟିକୁ ଲୁଚାଇ ଦେଇଛନ୍ତି। ଏହା ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ସେହିପରି ଯେଉଁ ନୂଆ ରାସ୍ତାଟି ତିଆରି ହୋଇଛି ସେଠାରେ ସାମାନ୍ୟ ବର୍ଷା ହେଲେ ପାଣି ଜମୁଛି। ମୁଖ୍ୟ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ପ୍ରତିବାଦ କଲେ ଠିକାଦାରଙ୍କ ଅଣଓଡ଼ିଆ ଶ୍ରମିକମାନେ ଦାଦାଗିରି ଦେଖାଉଛନ୍ତି। ଯଦି ଏହି ସମସ୍ୟାର ସମାଧାନ କରାନଯାଏଁ ତେବେ ଆଗାମୀ ଦିନରେ ଅଧିବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି ସ୍ଥାନୀୟ ଲୋକେ। ପ୍ରାଶସନକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି କୌଣସି ସମାଧାନର ବାଟ ଫିଟୁନାହିଁ। ବିଶେଷ କରି ବିଏମ୍‌ସି ଓ ୱାଟକୋ କର୍ତ୍ତୃପକ୍ଷ ଅଞ୍ଚଳର ରାସ୍ତାଘାଟ ଓ ନାଳନର୍ଦ୍ଦମା ତଥା ପାନୀୟ ଜଳ ଯୋଗାଣ କାର୍ଯ୍ୟ ଦାୟିତ୍ୱ ତୁଲାଉଥିବା ବେଳେ ସମସ୍ୟା ସଂପର୍କରେ ସେମାନେ କର୍ଣ୍ଣପାତ କରୁନଥିବା ଏହି ଅଞ୍ଚଳର ଜଣେ ବରିଷ୍ଠ ନାଗରିକ କମଳଲୋଚନ ମହାନ୍ତି ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ଡେଲାଙ୍ଗ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଜୁନ ୨୧ ତାରିଖରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅମିତ ମହାନ୍ତି ଡ୍ୟୁଟି କରୁଥିବା ସମୟରେ ପିଡପାଟଣା ଗ୍ରାମର ସୀତା ପରିଡ଼ା ନାମକ ଜଣେ ରୋଗୀଙ୍କ ସହିତ ୪ରୁ ୫ଜଣ ଯୁବକ ପହଞ୍ଚି ଡାକ୍ତର ମହାନ୍ତିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସେ ଘରକୁ ଫେରିବା ବାଟରେ ତାଙ୍କୁ ଆକ୍ରମଣ କରି ତାଙ୍କ କାରର କାଚକୁ ପଥର ମାରି ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଡେଲାଙ୍ଗ ଥାନାରେ ଡାକ୍ତର ମହାନ୍ତି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନା ପକ୍ଷରୁ ୧୭୯/୨୩ରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୋଲିସ୍ ଅପରାଧୀଙ୍କୁ ଧରିବା ପାଇଁ ତନାଘନା ଜାରିରଖିଥିଲା। ବିଶେଷ ସୂତ୍ରରୁ ଖବରପାଇ ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ସଦଳବଳ ଚଢ଼ାଉ କରି ୨ ଜଣ ଅଭିଯୁକ୍ତ ହୁମର ଗ୍ରାମର ତପନ ସ୍ୱାଇଁ (୨୪) ଏବଂ ପିଡପାଟଣା ଗ୍ରାମର ସୁମନ୍ତ ପରିଡା ଓରଫ ଆଜିଆ (୩୦)କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି।

୨ ମାସ ଗଲାନି, ଧସିଲା କୁଶଭଦ୍ରା ନଦୀ ବନ୍ଧ ରାସ୍ତା

ଗୋପ, (ଭାସ୍କର ନ୍ୟୁଜ୍): ଦୁଇ ମାସ ଗଲାନି, ପ୍ରାୟ ୧ ଶହ ମିଟରରୁ ଊର୍ଦ୍ଧ୍ୱ ଧସିଲା କୁଶଭଦ୍ରା ନଦୀ ବନ୍ଧର ଷୋଳପୁରରୁ ମଦରଙ୍ଗ ପର୍ଯ୍ୟନ୍ତ ହୋଇଥିବା ପିଚୁ ରାସ୍ତା। ଠିକାଦାର ଓ ଜଳସଂପଦ ବିଭାଗ ଯନ୍ତ୍ରୀଙ୍କ ମଧ୍ୟଚନ୍ଦ୍ରିକାରେ ହୋଇଥିବା ନିମ୍ନମାନର କାର୍ଯ୍ୟ ଯୋଗୁଁ ଏବେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ସୂଚନାମୁତାବକ ପ୍ରତି ବର୍ଷ କୁଶଭଦ୍ରା ନଦୀ ବନ୍ଧ ମରାମତି ଓ ସଦୃଢୀକରଣ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଉଛି। ମାତ୍ର ତାହା କେବଳ କାଗଜ କଲମରେ ସିମିତ ରହୁଥିବାରୁ ନଦୀ ବନ୍ଧ ସଦୃଢୀ କରଣ ହେବା ପରିବର୍ତ୍ତେ ଦୁର୍ବଳ ହେବାକୁ ଲାଗିଛି। ଯାହାର ନଗ୍ନନମୁନା ଏବେ ଦେଖିବାକୁ ମିଳିଛି। ଗତ ବର୍ଷ କୁଶଭଦ୍ରା ନଦୀରେ ବନ୍ୟା ଆସି ଖଣ୍ଡିଆକୁଦଠାରେ ଏକ ବିରାଟ ଘାଇ ସୃଷ୍ଟି କରିଥିବା ବେଳେ ବନ୍ୟାର କିଛି ଦିନ ପରେ ଡାହାଣ ପାର୍ଶ୍ୱ ବନ୍ଧ ତିନିମୁହାଣି ନିକଟରେ ପ୍ରାୟ ୫ଶହ ମିଟରରୁ ଊର୍ଦ୍ଧ୍ୱ ଧସି ବିପଦ ସୃଷ୍ଟି କରିଥିଲା। ଖାଲି ସେତିକି ନୁହେଁ ତିନିମୁହାଁଣୀ ନିକଟରେ ରାସ୍ତା ଦବି ବିରାଟ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇ ସ୍ଲୁଇସ୍ ଗେଟ୍ ପ୍ରତି ବିପଦ ସୃଷ୍ଟି କରିଥିଲା। ପରେ ଜଳ ସଂପଦ ବିଭାଗ ପକ୍ଷରୁ ଟେଣ୍ଡର କରଯାଇ ଗୋପ କୁଶୁପୁର ଅଞ୍ଚଳର ଜଣେ ଠିକାଦାରଙ୍କୁ ୨୯ ଲକ୍ଷ ଟଙ୍କା ବ୍ୟୟରେ ଗାର୍ଡୱାଲ କାର୍ଯ୍ୟ ଦିଆଯାଇଥିବା ବେଳେ ଅନ୍ୟ ଜଣେ ତିନି ମୁହାଁଣି ନିକଟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିଥିଲେ। ସେହିପରି ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨ ଜଣ ଠିକାଦାର ଷୋଳପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ପିଚୁ କାର୍ଯ୍ୟ କରିଥିଲେ। ହେଲେ ଗାର୍ଡୱାଲ କାର୍ଯ୍ୟ କରୁଥିବା ସଂପୃକ୍ତ ଠିକାଦାର ବିଭାଗୀୟ ଅଧିକାରୀ ଓ ଦାୟୀତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ହାତ କରି ଗାର୍ଡୱାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରିଥିବା ବେଳେ ବନ୍ଧ ସଦୃଢୀ କରଣ ନାମରେ ଅତ୍ୟନ୍ତ ନିମ୍ନମାନର ବାଲିମାଟି ପକାଇ ଛୁ ମାରିଥିଲା। ସେହିପରି ପିଚୁ କାର୍ଯ୍ୟ କରୁଥିବା ସଂପୃକ୍ତ ଠିକାଦାର ଦ୍ୱୟ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ପୂର୍ବରୁ ଥିବା ପିଚୁ ରାସ୍ତାକୁ ନଖୋଳି ୩ ଇଞ୍ଚର ପିଚୁ କାର୍ଯ୍ୟ କରିବାର ଚୁକ୍ତି ଥିବା ବେଳେ ମାତ୍ର ୧ଇଞ୍ଚରୁ ୨ ଇଞ୍ଚ ପିଚୁ ପକାଇ କାର୍ଯ୍ୟ ଶେଷ କରିଥିଲେ। ଏପରିକି ରାସ୍ତାର ଉଭୟ ପାର୍ଶ୍ୱରେ ୧ ମିଟର ବର୍ମ ପକାଇବାର ଚୁକ୍ତି ଥିବା ବେଳେ ବିଭାଗୀୟ ଅଧିକାରୀ-ଯନ୍ତ୍ରୀ-ଠିକାଦାରଙ୍କ ମଧ୍ୟଚନ୍ଦ୍ରିକାରେ ହୋଇଥିବା ଏହି କାର୍ଯ୍ୟରେ ସଂପୃକ୍ତ ଠିକାଦାର ଉଭୟ ପାର୍ଶ୍ୱରେ ଜମା ବର୍ମ ନପକାଇ ଛୁ ମାରିଥିଲା। ଯାହାର ନଗ୍ନ ନମୁନା ଏବେ ଦେଖିବାକୁ ମିଳିଛି। ଅସରାଏ ବର୍ଷାରେ ବନ୍ଧରୁ ମାଟି ଧୋଇ ହୋଇଯିବା ସହ ପିଚୁ ରାସ୍ତା ୧ ଶହ ମିଟରରୁ ଊର୍ଦ୍ଧ୍ୱ ଦବି ଯାଇଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ଏହି ରାସ୍ତା ଆହୁରି ଧସିବାର ସମ୍ଭାବନା ମଧ୍ୟ ଦେଖାଦେଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହି ବନ୍ଧ ଧସିଲେ ଷୋଳପୁର-ମଦରଙ୍ଗ ରାସ୍ତା ବିଚ୍ଛିନ୍ନ ହେବା ସହ ଗୋପ ବ୍ଲକ୍‌ର ୧୦ ପଞ୍ଚାୟତ ଜନସାଧାରଣଙ୍କ ଯାତାୟତ ଏକ ପ୍ରକାର ଠପ୍ ହୋଇଯିବ। ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସଦୃଢୀକରଣ ହୋଇଥିବା ଏହି ବନ୍ଧ କାର୍ଯ୍ୟ ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ଭିଜିଲାନ୍ସ ତଦନ୍ତ କଲେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଲୋକଲୋଚନକୁ ଆସିବା ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କ ଅସଲମୁଖା ଖୋଲିବ ବୋଲି ସାଧାରଣରେ ଦାବି ହୋଇଛି।

ଆସିକାରେ ବିଜେପି ପକ୍ଷରୁ ମୋ ବୁଥ୍ ସବୁଠୁ ମଜବୁତ ଅଭିଯାନ

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ଏନ୍‌ଏସିଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମୋ ବୁଥ ସବୁଠୁ ମଜବୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସିକା ଏନ୍‌ଏସି ୱାର୍ଡ ନଂ ୧୬ ୱାର୍ଡରରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ଏକ ମାସ ଧରି ମୋ ବୁଥ ସବୁଠୁ ମଜବୁତ ଆରମ୍ଭ ହୋଇ ଥିବା ବେଳେ ରାଜ୍ୟର ୩୬ ହଜାର ବୁଥରେ ୨୦ ହଜାର କର୍ମକର୍ତ୍ତା ଲୋକଙ୍କ ଠାରେ ପହଞ୍ଚିବେ। ମୋଦି ସରକାରଙ୍କ ନବ ବର୍ଷ ପୂର୍ତ୍ତିର ସମସ୍ତ ଯୋଜନାକୁ ଲୋକ ସମ୍ପର୍କରେ ଆଣିବାକୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ପ୍ରତିକ୍ରିୟା ରଖିଛନ୍ତି। ବିଗତ ୯ ବର୍ଷରେ ମୋଦି ସରକାରଙ୍କ ସମ୍ପୂର୍ଣ୍ଣ ନେତୃତ୍ୱ, କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ ଦେଶକୁ ବିକାଶର ନୂଆ ପରିଭାଷା ସୃଷ୍ଟି କରିବା ସହ ରାସନ୍ କାର୍ଡ ଅନ୍ୟାମିତତା ଠିକ୍ ଲୋକଙ୍କୁ ନ ଦେବା କେନ୍ଦ୍ର ସରକାର ୨୮ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ମାତ୍ର ୨ ଟଙ୍କା ଦେଇ ଟଙ୍କା ଖିଆ ଚାଉଳ ରାଜ୍ୟ ସରକାର ଦେଉଛି କହିବା, କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଲୋକଙ୍କୁ ପାଇଖାନାରେ ପିସି କରବାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପିସି ଓ ଉପଯୁକ୍ତ ଲୋକଙ୍କୁ ନ ଦେବା ରାଜ୍ୟ ସରକାର ଓଡ଼ିଆରେ ଓଡ଼ିଆ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ମାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନର କୋଡିନେଟ ମହେଶ୍ୱର ମହାନ୍ତି, ଓବିସି ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଗୋପାଳ ଗୌଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପଣ୍ଡା, ଆସିକା ବିଜେପିର ଏନ୍‌ଏସି ଅଧକ୍ଷ ପ୍ରାର୍ଥୀ ଶ୍ୟାମଘନ ବିଶ୍ୱାଳ, ଯୁବ ମୋର୍ଚ୍ଚା ସଭାପତି ଭ. କୋକୋନ୍ ରାଓ, ବିଜେପି ଜିଲ୍ଲା ସମ୍ପାଦକ ରବିନ୍ଦ୍ରନାଥ ଫୋଲାଇ, ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆସିକା ଏନ୍‌ଏସିର ୧ ନଂ ୱାର୍ଡର କାଉନସିଲର ସରୋଜ ଭଞ୍ଜ, ଆସିକା ଏନ୍‌ଏସିର ୧୬ ନଂ ୱାର୍ଡର କାଉନସିଲର ରାଘବ ଶିଅ, ସିମାଞ୍ଚଳ ମୁନି, ଗିରଜାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଭାଇବୋହୂକୁ ଗାଳି କରି ଦେଢଶୁର ଗିରଫ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଭାଇବୋହୂକୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ଅଭିଯୋଗରେ ଥାନା ପୋଲିସ ଦେଢଶୂରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ସୁକରପଡା ଗ୍ରାମର ପ୍ରଶାନ୍ତ ମଲିକଙ୍କ ପତ୍ନୀ ମନୋରମା ମଲିକଙ୍କ ବାଡିରେ ଥିବା ନଡିଆ, ଗୁଆ ଗଛରୁ ତାଙ୍କର ଦେଢଶୂର ସୁଶାନ୍ତ କୁମାର ମଲିକ ଜବରଦସ୍ତ ଦୀର୍ଘ ବର୍ଷ ହେଲା ତୋଳି ନେଉଥିଲେ। ଏପରିକି ତାଙ୍କ ବାଡିରୁ ମଧ୍ୟ କଦଳୀ କାନ୍ଦି କାଟି ନେଉଥିଲେ। ମନୋରମା ଏହାର ପ୍ରତିବାଦ କରିବାରୁ ଦେଢଶୂର ସୁଶାନ୍ତ ଓ ଜାଆ ସନ୍ଧ୍ୟାରାଣୀ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କୁ ଓ ତାଙ୍କର ଏକମାତ୍ର ନା ବାଳିକା କନ୍ୟାକୁ ଶୋଇଥିଲା ବେଳେ ନିଆଁ ଲଗାଇ ଜୀବନ୍ତ ମାରିଦେବାକୁ ଧମକ ଦେଇଥିବାର ମନୋରମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା ଆଇଆଇସି ଘଟଣାର ତଦନ୍ତ କରି ସୁଶାନ୍ତ ଓ ସନ୍ଧ୍ୟାରାଣୀ ନାମରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ପୋଲିସ ଆଜି ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ସନ୍ଧ୍ୟାରାଣୀ ଫେରାର ରହିଛନ୍ତି।

ସରକାରୀ ରାସ୍ତା ତାଡି ଇଟା ଚାଲାଣ ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମପଞ୍ଚାୟତ ଗୁରୁସାହି ସରକାରୀ ରାସ୍ତାର ଉଭୟ ପାର୍ଶ୍ୱକୁ ତାଡି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଟ୍ରାକ୍ଟର ସାହାଯ୍ୟରେ ଅନ୍ୟତ୍ର ଇଟା ଚାଲାଣ କରୁଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କଟରପଡା ସମିତି ସଭ୍ୟା ସ୍ୱାଗତିକା ନାୟକ ଦାବି କରିଛନ୍ତି। କଟରପଡା ଗ୍ରାମ ପଞ୍ଚାୟତ ଦଳିତ ଗୁରୁସାହି ଗ୍ରାମକୁ ଗମନା ଗମନ କରିବା ନିମନ୍ତେ କୌଣସି ସରକାରୀ ରାସ୍ତା ନଥିଲା। ଏ ସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ବ୍ଲକ୍ ପ୍ରଶାସନ ତରଫରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି ଦଳିତ ସାହିକୁ ଢଲେଇ ରାସ୍ତା ତିଆରି କରାଯିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ କରାଯାଇଥିଲା। ତେବେ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଏହି ରାସ୍ତାର ଉଭୟ ପାର୍ଶ୍ୱ ଗାର୍ଡୱାଲକୁ ତାଡି ଟ୍ରାକ୍ଟର ଯୋଗେ ଅନ୍ୟତ୍ର ଇଟା ଚାଲାଣ କରୁଥିବାର ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱ ତଡାଯାଇଥିବା କାରଣରୁ ରାସ୍ତାର ଅବସ୍ଥା ଶୋଚନୀୟ ହେବା ସହ ସ୍ଥାନୀୟ ଲୋକେ ଗମନା ଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ କଟରପଡ଼ା ସମିତି ସଭ୍ୟା ସ୍ୱାଗତିକା ନାୟକ କଟକ ଜିଲ୍ଲାପାଳ, କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ନିଶ୍ଚିନ୍ତକୋଇଲି ବିଡିଓ ଓ ଥାନାରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

କାର୍ଯ୍ୟାଦେଶ ପ୍ରଦାନ କରି ପ୍ରଶାସନ ଚୁପ, ହିତାଧିକାରୀଙ୍କ ଖାତାକୁ ଯାଇନାହିଁ ଟଙ୍କା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରି ଚୁପ ହୋଇ ବସିଛି। ଇତି ମଧ୍ୟରେ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ ତରଫରୁ ହିତାଧିକାରୀଙ୍କ ଜମା ଖାତାକୁ ଅର୍ଥ ଯାଇନଥିବାର ଅଭିଯୋଗ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କରିବା ନେଇ ହିତାଧିକାରୀମାନେ ଆଶଙ୍କା ଭିତରେ ରହିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ୍ ପ୍ରଶାସନ ତରଫରୁ ସମସ୍ତ ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇ ଅତ୍ୟନ୍ତ ତରବରିଆ ଭାବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ୍‌ର ୨୭ଟି ଗ୍ରାମପଞ୍ଚାୟତର ୯୦୦ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯିବା ନିମନ୍ତେ ହିତାଧିକାରୀଙ୍କୁ ବ୍ଲକ୍ ସମ୍ମିଳନୀ କକ୍ଷକୁ ଡକାଯାଇଥିଲା। ତେବେ ଏହି ସମୟରେ ପ୍ରଶାସନ ତରଫରୁ ଅନୁଷ୍ଠିତ ସଭାରେ ଲଗାଯାଇଥିବା ବ୍ୟାନରରେ ପ୍ରଧାନମନ୍ତ୍ରୀଙ୍କ କୌଣସି ଫଟୋ ନଥିବାର ଦେଖାଯାଇଥିଲା। ତେବେ ପ୍ରଶାସନ ତରଫରୁ ସ୍ଥାନୀୟ କେତେକ ବ୍ଲକ୍ ଓ ପଞ୍ଚାୟତସ୍ତରୀୟ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଅତିଥି ରୂପେ ଅଣାଯାଇ ନାମକୁ ମାତ୍ର କେତେକ ହାତ ଗଣତି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ବହୁ ଦୂର ଦୂରାନ୍ତରୁ ଆର୍ଥୀକ ଖର୍ଚ୍ଚାନ୍ତ ହୋଇ ଆସିଥିବା ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନଥିଲା। ଫଳରେ ସମ୍ପୃକ୍ତ ହିତାଧିକାରୀମାନେ କାର୍ଯ୍ୟାଦେଶ ନପାଇ ନିରାଶରେ ଘରକୁ ଫେରିବାକୁ ବାଧ୍ୟ ହୋଇଥିଲେ। ସ୍ଥାନୀୟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସମ୍ପୃକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଇତି ମଧ୍ୟରେ ୭ ଦିନ ଅତିକ୍ରାନ୍ତ ହୋଇଥିଲା ବେଳେ ଅଧିକାଂଶ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି। ବହୁ ହିତାଧିକାରୀ ସ୍ଥାନୀୟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ କାର୍ଯ୍ୟାଦେଶ ପାଇବା ନିମନ୍ତେ ଦୌଡି ଦୌଡି ନୟାନ୍ତ ହୋଇପଡିଲେଣି। କିନ୍ତୁ ରାଜନୈତିକ ବାଛ ବିଚାର ଓ ଚଞ୍ଚକତା କରାଯାଇ ସମ୍ପୃକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉନଥିବାର ଅଭିଯୋଗ ହୋଇଛି। କାର୍ଯ୍ୟାଦେଶ ପରେ ପ୍ରଥମ ପର୍ଯ୍ୟାୟରେ ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ୪୦ ହଜାର ଟଙ୍କା ଲେଖାଏଁ ଅର୍ଥ ବ୍ଲକ ପ୍ରଶାସନ ତରଫରୁ ପଠାଇ ଦିଆଯାଇଥିବାର ସଫେଇ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସମ୍ପୃକ୍ତ ହିତାଧିକାରୀଙ୍କ ଜମା ଖାତାକୁ କୌଣସି ଟଙ୍କା ଯାଇନଥିବାର ବହୁ ହିତାଧିକାରୀ ସେମାନଙ୍କ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ସମ୍ପ୍ରତି ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ନଦୀରେ ପାଣି ଆସିଯିବା ଯୋଗୁ ବାଲି ସଙ୍କଟ ଲାଗି ରହିଛି। ବାଲି ମାଫିଆମାନେ ଚଢା ଦରରେ ବାଲି ଓ ଇଟା ବିକ୍ରୟ କରୁଥିବା କାରଣରୁ ହିତାଧିକାରୀମାନେ ଚରମ ହଟହଟାର ସମ୍ମୁଖିନ ହେଉଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ହିତାଧିକାରୀମାନେ ବାଧ୍ୟ ହୋଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ବ୍ଲକ ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ବ୍ୟାଙ୍କ ଜମାଖାତାରେ ପ୍ରଥମ ପର୍ଯ୍ୟାୟରେ ଟଙ୍କା ଦିଆଯାଇ ନଥିବା କାରଣରୁ ହିତାଧିକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହାର ସୁଯୋଗ ନେଇ କେତେକ ଦୁର୍ନୀତି ଗ୍ରସ୍ତ ସରକାରୀ କର୍ମଚାରୀ, ନିର୍ବାଚିତ ଲୋକପ୍ରତିନିଧି ସର୍ବୋପରି କୁଜି ନେତାମାନେ ନିରୀହ ହିତାଧିକାରୀମାନଙ୍କଠାରୁ ବିଭିନ୍ନ ଆଳ ଦେଖାଇ ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ୍‌ର ୧୪ଟି ଗ୍ରାମପଞ୍ଚାୟତରେ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ମୋବାଇଲ ନମ୍ବର ୮୮୯୫୨୮୭୦୫୭କୁ ଏକାଧିକ ବାର କଲ କରି

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଧଳପୁର ପଞ୍ଚାୟତ ଅନ୍ତର୍ଗତ ବେଲପଦର ଗ୍ରାମର ଜୈନିକ ବ୍ୟକ୍ତିଙ୍କ କୂଅ ଭିତରୁ ପାହାନ୍ତ ରାତିରେ ଅଦ୍ଭୁତ ଚିତ୍କାର ଶବ୍ଦ ଶୁଣି ଧାଇଁ ଆସିଥିଲେ ଆଖପାଖ ସାହି ପଡିଶାର ଲୋକେ।ଟର୍ଚ୍ଚ ମାରି ଦେଖିଲା ବେଳକୁ କୂଅ ଭିତରେ ପଡି ଉବୁଟୁବୁ ହେଉଛି ଏକ ଜୀବନ୍ତ ଭାଲୁ। ହଠାତ ଅପ୍ରତ୍ୟାଶିତ ଭାବେ ଏଭଳି ଏକ ଦୃଶ୍ୟ ଦେଖି କିଛି ସମୟ ହଡ଼ ବଡେଇ ଯାଇଥିଲେ ଦେଖଣାହାରୀ। ତାକୁ ଉଦ୍ଧାର କରିବା ପାଇଁ ପ୍ରାଥମିକ ପ୍ରୟାସ ବିଫଳ ହେବାରୁ ଲୋକେ ବନ ବିଭାଗର ରେଞ୍ଜ ଅଧିକାରୀଙ୍କୁ ଫୋନ କରିଥିଲେ। ମାତ୍ର ସେ ଫୋନ ରିସିଭ କରିନଥିଲେ। ହେଲେ ସମ୍ପ୍ରତି ବନ ବିଭାଗର ଅଣ ଗେଜେଟେଡ଼ କର୍ମଚାରୀ ସଙ୍ଘ ସମସ୍ତ ସଦସ୍ୟ ଗତ ୮ତାରିଖରୁ ଆନ୍ଦୋଳନରତ ଥିବାରୁ ରେଞ୍ଜରଙ୍କୁ ବହୁବାର ଫୋନ କରିବା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଶେଷରେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଅକ୍ଳାନ୍ତ ପରିଶ୍ରମ କରି ଭାଲୁଟିକୁ ଉଦ୍ଧାର କରିଥିଲେ।ଫଳରେ ଭାଲୁଟି ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲା । ଉଦ୍ଧାର କାର୍ଯ୍ୟ ସରିବା। ପରେ କିଛି ଓ୍ୱାଚରଙ୍କ ସହିତ ସ୍ଥାନୀୟ ପୁରୁଣାକଟକ ରେଞ୍ଜର ନିହାର କହଁର ସେଠାରେ ପହଞ୍ଚି ନିଜ ଉପସ୍ଥିତିରେ ଭାଲୁଟିକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡିଛି।

ବ୍ୟାଘ୍ରଗଣନା ରିପୋର୍ଟରେ ୩୩ଟି କଲରା ପତରିଆ ବାଘଙ୍କୁ ଠାବ

ବିରଳ କଳା ମହାବଳ ବାଘ ଗଲା କୁଆଡେ ?

ବୌଦ୍ଧ, (ଭାସ୍କର ନ୍ୟୁଜ): ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ ଅଧୀନସ୍ଥ କୁଶଙ୍ଗ ରେଞ୍ଜର ଅଭୟାରଣ୍ୟରେ ବିଭାଗ ପକ୍ଷରୁ ଗତ ୧୭ ତାରିଖରୁ ବ୍ୟାଘ୍ର ଗଣନା ସହିତ ମାଂସାସୀ ଓ ତୃଣ ଭୋଜି ବନ୍ୟପ୍ରାଣୀ ଏବଂ ବୃକ୍ଷଲତା, ଗୁଳ୍ମ ଅନାବନା ଘାସ,ଆଦିର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। କୁସଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ଲକ୍ଷ୍ମୀଧର ପଣ୍ଡାଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ୧୧ ଗୋଟି ବିଟରେ କାର୍ଯ୍ୟରତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ସ୍କଉଟ୍ସଙ୍କୁ ମିଶାଇ ସମୁଦାୟ ୩୩ଜଣ କର୍ମଚାରୀଙ୍କୁ ନେଇ ଏହି ଗଣନା ପ୍ରକ୍ରିୟା ଚାଲିଥିଲା। ଉକ୍ତ ରେଞ୍ଜ ଅଧୀନରେ ଥିବା ଅଭୟାରଣ୍ୟର କୁସଙ୍ଗ, ନନ୍ଦାଗାଡୁ, ଶ୍ରୀପାଜୁ, ପଦ୍ମତୋଳା, ସିମିଗୁଡା, କୁମାରୀ, ଅତଲସରା, ସୁନା ଖଣିଆ, ମାରଡ଼ା, ଲେନ୍ଦ୍ରା କେଜୁ, ହିଞ୍ଜଳ ଆଦି ବିଟରେ ପ୍ରାଣୀଙ୍କ ପାଦଚିହ୍ନକୁ ଆଧାର କରି (ପି,ଆଇ. ପି) ପଦ୍ଧତିରେ ଗଣତି କାର୍ଯ୍ୟ ହୋଇଥିଲା। ଅନ୍ୟପଟେ ତୃଣ ଭୋଜି ପ୍ରାଣୀ ମାନଙ୍କ ପାଇଁ ୧୧ ଗୋଟି ବିଟରେ ୧୧ଟି ଟ୍ରାନଜେକ ଲାଇନ ଡିଜିଟାଲ ମାଧ୍ୟମରେ ଚିହ୍ନଟ କରାଯାଇଥିଲା। ପ୍ରତି ଟ୍ରାନଜେକ ଲାଇନରେ ସିସିଟିଭି ଲଗାଇ ଅଭୟାରଣ୍ୟରେ ରହୁଥିବା ପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଗଣତି କରାଯାଇଥିଲା। ଉକ୍ତ ଗଣନା କାର୍ଯ୍ୟ ୬ଦିନ ଧରି ଚାଲିଥିଲା। ଏଥିରେ ୩୩ଗୋଟି କଲରା ପତରିଆ ବାଘ ଥିବା ପାଦ ଚିହ୍ନରୁ ଚିହ୍ନଟ କରାଯାଇଛି, ଅନ୍ୟ ପ୍ରାଣୀ ଭିତରେ ଭାଲୁ,ସମ୍ବର, କୁଟୁରା, ଠେକୁଆ, ନେପାଳୀ ମୂଷା,ବାରାହା, ଦଳ ବନ୍ଧ ଗୟାଲ, ହରିଣ, ଆଦି ଥିବା ଜଣା ପଡିଛି। ଗ୍ରୀଷ୍ମ ଋତୁ ହୋଇଥିବାରୁ ମହାନଦୀ କୂଳକୁ ପାଣି ପିଇବା ପାଇଁ ଆସୁଥିବା ବେଳେ ଜୀବଜନ୍ତୁଙ୍କ ପାଦ ଚିହ୍ନ ନଦୀ ବାଲିପଠା ଉପରୁ ମିଳିଥିବା ଓ ବିଶେଷ କରି କଲରା ପତରିଆ ବାଘ ପାଦଚିହ୍ନ ମିଳିଥିବା ନେଇ ରେଞ୍ଜ ଅଧିକାରୀ ମତ ପ୍ରକାଶ କରିଥିଲେ। ବିଗତ ଦିନ ତୁଳନାରେ କୁଶଙ୍ଗ ରେଞ୍ଜରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ଅଭିବୃଦ୍ଧି ଘଟିଥିବା ନେଇ କୁସଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ତେବେ କୁଶଙ୍ଗ ବନ୍ୟପ୍ରାଣୀ ଅଭ୍ୟାରଣ୍ୟରେ ପୂର୍ବରୁ ଥିବା ଏକ ବିରଳ କଳା ମହାବଳ ବାଘ ସମ୍ପର୍କରେ ରିପୋର୍ଟରେ କୌଣସି ଉଲ୍ଲେଖ କରାଯାଇ ନଥିବାରୁ ବ୍ୟାଘ୍ର ଗଣନାର ସ୍ୱଚ୍ଛତା ଓ ବିଶ୍ୱାସନୀୟତାକୁ ନେଇ ପ୍ରଶ୍ନ ଉଠୁଛି ? ଏହି ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥି ସହିତ ସେମାନଙ୍କର ଗତିବିଧି ଓ ଶିକାରୀଙ୍କ ଉପସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ମାନ ଲଗାଯାଇଛି। ଏତେସବୁ କଡା ନିରୀକ୍ଷଣ ବ୍ୟବସ୍ଥା ସତ୍ତ୍ୱେ ଏହି ଅଭୟାରଣ୍ୟରୁ ବିରଳ ପ୍ରଜାତିର କଳା ମହାବଳ ବାଘଟିର ସ୍ଥିତି ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ରଖାଯାଇ ନଥିବାରୁ ବନ୍ୟପ୍ରାଣୀ ଓ ପରିବେଶ ପ୍ରେମୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ଆବଶ୍ୟକ ଖାଦ୍ୟ ଅଭାବରୁ ଏହା ମୃତ୍ୟୁ ବରଣ କରିଛି ଅବା ବନ୍ୟପ୍ରାଣୀ ଶିକାରୀଙ୍କ ଦ୍ୱାରା ଏହା ଶିକାରର ସମ୍ମୁଖୀନ ହୋଇଛି ଏହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହି ଅଭୟାରଣ୍ୟ ରେ ପୂର୍ବରୁ ଥିବା କଳା ମହାବଳ ବାଘ କିମ୍ବା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁନଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ଚଳିତ ବର୍ଷରୁ ବିକାଶରେ ପିଜି ପାଠ୍ୟକ୍ରମ ଆରମ୍ଭ

ବରଗଡ଼, (ଭାସ୍କର ନ୍ୟୁଜ୍): ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ପି.ଜି. ଶିକ୍ଷା ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ସୂଚନା କ୍ରମେ ଚଳିତ ବର୍ଷ (୨୦୨୩-୨୪) ରସାୟନ ବିଜ୍ଞାନ, ବାଣିଜ୍ୟ ଏବଂ ଇଂରାଜୀ ବିଷୟରେ ୧୬ ସିଟ୍ ବିଶିଷ୍ଟ ସ୍ନାତୋକତର ଅଧ୍ୟୟନ କରିପାରିବେ। ଯାହା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିସରଭୁକ୍ତ ଅଟେ। ସେହିପରି ବିକାଶ ଇଂଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜୀରେ ଏମ୍.ବି.ଏ (୬୦ ସିଟ୍ ବିଶିଷ୍ଟ) ଡିଗ୍ରୀ ଖୋଲିବା ପାଇଁ ଏ.ଆଇ.ସି.ଟି.ଇ ନୂଆ ଦିଲ୍ଲୀର ଅନୁମୋଦନ ପାଇଛି ଓ ଏହି କୋର୍ସଟି ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜୀ ପରିସରଭୁକ୍ତ ବୋଲି ବିକାଶ ଗ୍ରୁପ ଅଫ୍ ଇଂଷ୍ଟିଚ୍ୟୁସନ୍ସର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି। ବିକାଶ ଗ୍ରୁପ ଅଫ୍ ଇଂଷ୍ଟିଚ୍ୟୁସନ୍ସର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଶ୍ରୀ ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି ଯେ ପି.ଜି. ର ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତି କରାଯିବ ତତ୍ ସଙ୍ଗେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଯାହା ଆଜିର ପ୍ରତିଯୋଗିତାମୂଳକ ଚାକିରି ପାଇଁ ଉପଯୋଗୀ ହୋଇପାରିବ। ନୂତନ ଶିକ୍ଷା ବ୍ୟବସ୍ଥାକୁ ଆଧାର କରି ଇଂଟର୍ଣ୍ଣସିପ୍ ଏବଂ ପ୍ଲେସମେଂଟକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଦର୍ଶାଇଥିବାବେଳେ ବିକାଶ ଗ୍ରୁପ ଏହି ଅଂଚଳର ବିକାଶ ପାଇଁ ଶିକ୍ଷା ବ୍ୟବସ୍ଥାରେ ଆଉ ଏକ ନୂତନ ପୃଷ୍ଠାକୁ ଯୋଡା ଯାଇଛି। ଏହି ସଫଳତା ପାଇଁ ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଇଂ. ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ୍ ବିଜନେସ୍ ମେନେଜମେଂଟର ଅଧ୍ୟକ୍ଷ ଡ. କ୍ଷିରୋଦ ପ୍ରଧାନ, ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଏବଂ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର୍.ଏସ୍.ଭି. କ୍ରିଷ୍ଣାଙ୍କୁ ତାଙ୍କର ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି ।

ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ମହେଶ୍ୱର ଚନ୍ଦ୍ର ନାଏକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀ ଗୋଲକ ଚନ୍ଦ୍ର ଦଳେଇ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସଂପର୍କରେ ଆଲୋଚନା ଆରମ୍ଭ କରିଥିଲେ। ବିଧାୟକ ଶ୍ରୀ ବାକା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରୁକୋଣ୍ଡା, ମାଥିଲି, ଚିତ୍ରକୋଣ୍ଡା ଓ ଖଇରପୁଟ ବ୍ଲକ୍ର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ ମାଲକାନଗିରିର ଆଦିମ ବଣ୍ଡା ଓ ଦିଦାୟୀ ଭଳି ଜନଜାତିଙ୍କ ସାମଗ୍ରୀକ ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ତେଣୁ ବଣ୍ଡା ଓ ଦିଦାୟୀ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରାଥମିକତା ଭିତ୍ତିରେ ସମସ୍ତ ଉନ୍ନୟନ ପ୍ରକଳ୍ପକୁ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ଏଥି ନିମନ୍ତେ ଦୁଇ ଜନଜାତିଙ୍କ ନିମନ୍ତେ ପ୍ରକଳ୍ପ ସ୍ତରୀୟ କମିଟି (ପିଏଲସି) ବୈଠକ କରିବାକୁ ପ୍ରସ୍ତାବ ଦେଇଛନ୍ତି। ବର୍ଷା ସମୟ ଆରମ୍ଭ ହୋଇଯାଇଥିବାରୁ ସ୍ୱାଭିମାନ ଅଞ୍ଚଳର ଅପହଞ୍ଚ ଅଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି। ସାମୁହିକ ଭାବେ ଏହି ବୈଠକରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଶିକ୍ଷା, କ୍ଷୁଦ୍ର ଜଳସେଚନ, ଜଳ ବିଭାଜିକା, ରାସ୍ତା ଓ ଗୃହ, ଗ୍ରାମ୍ୟ ଉନ୍ନୟନ, ବିଜୁଳି, ପାନୀୟ ଜଳ ସମ୍ପର୍କରେ ଆଲୋଚନା କରାଯାଇଛି। ସେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ନିଜ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟରେ ଅବଗତ କରାଇବା ପାଇଁ କହିଛନ୍ତି। ଯାହା ଫଳରେ ଜିଲ୍ଲାସ୍ତରରେ ଅଟକି ରହୁଥିବା ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ବିଷୟରେ ବିଧାନ ସଭାରେ ଉତ୍ଥାପନ କରିପାରିବେ ଏବଂ ସଂପୃକ୍ତ ବିଭାଗ ସହ ଯୋଗାଯୋଗ କରି ଉକ୍ତ ବିଭାଗର କାର୍ଯ୍ୟର ଅଗ୍ରଗତି ନିମନ୍ତେ ପ୍ରଚେଷ୍ଟା କରିବେ। ସୂଚନା ଥାଉ କି, ବିଧାନସଭା ହାଉସ କମିଟି ଅଧିନରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଉନ୍ନୟନ କାର୍ଯ୍ୟ ସମୀକ୍ଷା ନିମନ୍ତେ ଏହି ବୈଠକ ଆୟୋଜନ କରାଯାଇଥାଏ।

ରୋଷେଇୟାଙ୍କ ପ୍ରେମରେ ପ୍ରଧାନଶିକ୍ଷକ

ରାସଲୀଳା କରି ଗ୍ରାମବାସୀଙ୍କ ପାଖରୁ ପାଇଲେ ଉତ୍ତମ ମଧ୍ୟମ

ଲହୁଣୀପଡା, (ଭାସ୍କର ନ୍ୟୁଜ୍): ସୀମା ଲଂଘିଲେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ। ପିଲାଙ୍କୁ ପାଠ ପଢ଼ାଇବା ବଦଳରେ ନିଜେ ପଢ଼ିଲେ ପ୍ରେମ ପାଠ। ବିଦ୍ୟାଳୟ ପରିସରରେ କଲେ ରାସ ଲୀଳା। ବିଦ୍ୟାଳୟର ରୋଷେୟାଙ୍କ ପ୍ରେମରେ ପଡ଼ି ଭୁଲିଗଲେ ନିଜ ମର୍ଯ୍ୟାଦା। ଆଉ ଶେଷରେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ହିନସ୍ତା ହେଲେ। ଗ୍ରାମବାସୀ ବିଚ୍ ରାସ୍ତାରେ ଚପଲ ମାଳ ପକାଇ ସାର୍‌ଙ୍କୁ ବୁଲାଇବାରୁ ଆଉ ୩ ଦିନ ହେଲାଣି ଆସୁ ନାହାନ୍ତି ସ୍କୁଲ। ଏପରି ଏକ ଅଭାବନୀୟ ଘଟଣା ସୁନ୍ଦରଗଡ଼ ଜିଲ୍ଲା କେ ବଲାଙ୍ଗ ଥାନା ଅନ୍ତର୍ଗତ ଖଡ଼ିଆବାହାଲ ସେବାଶ୍ରମରେ ଘଟିଛି। ଖଡ଼ିଆବାହାଲ ସେବାଶ୍ରମର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୋହିତ କୁମାର ରାଏଙ୍କର ଦୀର୍ଘ ବର୍ଷ ହେଲା ସ୍କୁଲର ରୋଷେୟାଙ୍କ ସହ ଅନୈତିକ ସମ୍ପର୍କ ରହିଥିବା ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ୨ ବର୍ଷ ପୂର୍ବେ ସ୍କୁଲ କମିଟି ବୈଠକ ବସି ଉଭୟଙ୍କୁ ଚେତାବନୀ ଦିଆଯାଇଥିଲା। ମାତ୍ର ଏହା ପରେ ବି ସେମାନେ ପୂର୍ବ ପରି ସମ୍ପର୍କ ରଖି ଆସିଥିଲେ।ଏପରିକି ବହୁ ଥର ଉଭୟଙ୍କୁ ଏକ ରୁମ୍‌ରୁ ଉଦ୍ଧାର କରାଯାଇଥିବା ବେଳେ ଏହାକୁ ନେଇ ସ୍କୁଲର ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା। ଏହି ଘଟଣା ଯୋଗୁ ପିଲାଙ୍କ ଉପରେ ଖରାପ ପ୍ରଭାବ ପଡୁଥିବା ବେଳେ ବହୁ ପିଲା ସ୍କୁଲ ବି ଛାଡ଼ି ସାରିଥିବା ଜଣାଯାଇଛି। ଖରା ଛୁଟି ପରେ ଗତ ବୁଧବାରଠାରୁ ସ୍କୁଲ ଖୋଲିଥିଲା। ଏହାପରେ ଶୁକ୍ରବାର ପୁଣି ଥରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ମହିଳା ରୋଷେୟାଜଣକ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଜାଣି ଗ୍ରାମବାସୀ ସ୍କୁଲରେ ପହଞ୍ଚିଥିଲେ। ସେମାନେ ଉଭୟଙ୍କୁ ଏକ ବନ୍ଦ କୋଠରୀରୁ ବାହାର କରିବା ପରେ ଏହାକୁ ନେଇ ସେଠାରେ ଉତ୍ତଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ଉଭୟଙ୍କୁ ସ୍କୁଲ ବାହାରକୁ ନେଇ ପଚରାଉଚରା କରିଥିଲେ। ଉଭୟ ନିଜ ଭୁଲ୍ ସ୍ୱୀକାର କରିବା ସହ ଭବିଷ୍ୟତରେ ଏପରି ହେବ ନାହିଁ ବୋଲି କହିଥିଲେ। ମାତ୍ର ଉତ୍ତ୍ୟକ୍ତ ଗ୍ରାମବାସୀ ସେମାନଙ୍କ କଥା ଶୁଣିବା ପରିସ୍ଥିତିରେ ନ ଥିଲେ। ସେମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବେକରେ ଚପଲ ମାଳ ପକାଇ ଗାଁରେ ଚଲାଇ ଚଲାଇ ନେଇଥିଲେ। ଏନେଇ ଗ୍ରାମବାସୀ କେ ବଲାଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏନେଇ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଏନେଇ କୋଏଡା ଏସଡିପିଓ କହିଛନ୍ତି, ଉଭୟ ପ୍ରାପ୍ତ ବୟସ୍କ ହୋଇଥିବା ବେଳେ ସମ୍ପୃକ୍ତ ରୋଷେୟା କିମ୍ବା ତାଙ୍କ ସ୍ୱାମୀ କୌଣସି ଅଭିଯୋଗ କରି ନାହାନ୍ତି। ତେଣୁ ଶିକ୍ଷକ ରୋହିତ କୁମାର ରାଏଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ। ଏବଂ ଉପଜିଲ୍ଲାପାଳଙ୍କୁ ମଧ୍ୟ ଜଣେଇ ଦିଆଯାଇଛି ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ବିଇଓଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇ ଦିଆଯାଇଛି। ଏଥିସହ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବଦଳି କରିବାକୁ କୁହାଯାଇଥିବା ଏସଡିପିଓ କହିଛନ୍ତି। ତେବେ ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ପରଠୁ ରୋଷେୟା ସ୍କୁଲ ଆସୁଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍କୁଲ ଆସୁ ନ ଥିବା ଜଣାଯାଇଛି।

ଭାରତୀୟ ରେଳବାଇର ଜାଗାରେ ପୌରପାଳିକାର ବେଆଇନ ରାସ୍ତା ନିର୍ମାଣ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡି ପୌରପାଳିକାର ଓ୍ୱାର୍ଡ ନମ୍ବର ୫ ସୀତା ସାଗର ପାଖ ଟ୍ରେନ ଲାଇନ୍ କଡ଼ରେ ଏକ ରାସ୍ତା କାମ ଚାଲୁରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରରେ ଉକ୍ତ ଜାଗା ପାଖରେ ରେଳବାଇ ନିଛ ଜାଗା ବୋଲି ବୋର୍ଡ ଲଗାଇଛି କିନ୍ତୁ ଆଚାର୍ଯ୍ୟ ଜନକ ଭାବେ ପାରଳାଖେମୁଣ୍ଡି ପୌରପାଳିକା ତରଫରୁ ଏହି ରାସ୍ତା କାମ କାର୍ଯ୍ୟକାରୀ ହେଉଥିବା ଜଣା ଯାଇଛି। ଏହା ବେଆଇନ ନା ଆଇନ ସମ୍ମତ ଏକ ବିରାଟ ପ୍ରଶ୍ନବାଚୀ ଜନ ସାଧାରଣଙ୍କୁ ମନରେ ଉଙ୍କି ମାରୁଛି। ଏହାର ବିଧିବଦ୍ଧ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଅଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୬ ମାସ ତଳେ ଏହି ରାସ୍ତା ନିର୍ମାଣ ପାଇଁ ପୌରପାଳିକା ଦ୍ୱାରା ଟେଣ୍ଡର ଆଭାନ କରାଯାଇଥିଲା। ଏଥିପାଇଁ ୧୦ ଲକ୍ଷ୍ୟ ଟଙ୍କା ବ୍ୟୟବରାଦ କରାଇଛି ସ୍ଥାନୀୟ ପୌରପାଳିକାରୁ ସୂଚନା ମିଳିଛି। ଉକ୍ତ କାମର କନିଷ୍ଠ ଯନ୍ତ୍ରୀଙ୍କୁ ଏହି ଅଭିଯୋଗ ଉପରେ ପଚାରିବାରୁ ସେ ରେଳବାଇ ଠାରୁ ଅନୁମୋଦନ ମିଳିଛି କି ନାହିଁ ସଠିକ ଭାବରେ କହି ପାରି ନଥିଲେ। ଅନ୍ୟପଟେ ପାରଳାଖେମୁଣ୍ଡି ରେଳବାଇ ଷ୍ଟେସନ ମାଷ୍ଟରଙ୍କୁ ପଚାରିବାରୁ ସେ କହିଛନ୍ତି କି ଏହା ତାଙ୍କର ପରିଧି ଭିତରେ ଆସୁନାହିଁ ଏବଂ ରେଳବାଇର ଶ୍ରୀକାକୁଲମ ସ୍ଥିତ ଆଇଓଡବ୍ଲ୍ୟୁ ଅଧିନରେ ପାରଳାଖେମୁଣ୍ଡି ରେଳବାଇର ସମସ୍ତ ଜାଗା ପରିଚାଳିତ ହେଉଛି ବୋଲି ଉତ୍ତର ଦେଇଛନ୍ତି। ଯଦି ରେଳବାଇର ବିନା ଅନୁମୋଦନରେ ଏହି କାମ ଚାଲୁ ରହିଥାଏ ତାହେଲେ

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ଯଦି ତୁମର ଖରାପ ସମୟ ଆସିଛି କଠିନ ପରିଶ୍ରମ କର ଯଦି ତୁମର ଭଲ ସମୟ ଆସିଛି ଅନ୍ୟକୁ ସାହାଯ୍ୟ କର ।
-ମଦର ଟେରେସା

ଉତ୍ସାହ- ସବୁ ପ୍ରକାର କର୍ମ କରିବାକୁ ପ୍ରେରଣା ଦିଏ । ଶେଷରେ କାର୍ଯ୍ୟରେ ସଫଳତା ଆଣିଦିଏ ।
-ବାଲ୍ମିକୀ

ଜନଜାତି ସଂସ୍କୃତିର ସୁରକ୍ଷା

ପ୍ରଶାସନିକ କ୍ଷେତ୍ରରେ ପଦକ୍ଷେପ

ଓଡ଼ିଶାର ବଣ ପାହାଡ଼ଘେରା ଅନୁନ୍ନତ ଅଞ୍ଚଳରେ ୬୨ ବର୍ଗର ଆଦିବାସୀ ବା ଜନଜାତି ସଂପ୍ରଦାୟ ବସବାସ କରନ୍ତି । ପ୍ରକୃତି କୋଳରେ ବଢ଼ିଥିବା ଆଦିବାସୀମାନେ ଆଧୁନିକ ଶିକ୍ଷା ଓ ସଭ୍ୟତା ଠାରୁ ଅପହଞ୍ଚ ଦୂରତ୍ୱରେ ରହିଥିଲେ ମଧ୍ୟ ସେମାନଙ୍କର ନିଜସ୍ୱ ସଂସ୍କୃତି ଓ କଳାନୈପୁଣ୍ୟ ଖୁବ୍ ସମୃଦ୍ଧ ଏବଂ ଏଥିରେ ମୌଳିକତାର ଝଲକ୍ ଦେଖିବାକୁ ମିଳିଥାଏ । ରାଜ୍ୟ ଜନସଂଖ୍ୟାର ଏକ ବଡ଼ ଅଂଶ ରୂପେ ପରିଗଣିତ ହେଉଥିବା ଜନଜାତିଙ୍କ କଳା ଓ ସଂସ୍କୃତିର ସୁରକ୍ଷା ତଥା ବିକାଶ ପାଇଁ ଓଡ଼ିଶା ସରକାର ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଲକ୍ଷ୍ୟରେ ନିକଟର ଦିନ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ଆଉ ୧୪ଟି ଜିଲ୍ଲାକୁ ସାମିଲ କରାଯାଇଛି । ପୂର୍ବରୁ ଏହି ପରିଷଦରେ କେବଳ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସାମିଲ ଥିବା ସ୍ଥଳେ ବର୍ତ୍ତମାନ ଅଣ-ଆଦିବାସୀ ବହୁଳ ୧୪ଟି ଜିଲ୍ଲା ସାମିଲ ହେବା ଦ୍ୱାରା ସମୁଦାୟ ଜିଲ୍ଲା ସଂଖ୍ୟା ୨୩କୁ ବୃଦ୍ଧି ପାଇଲା । ଜନଜାତି ସଂସ୍କୃତିର ସଂରକ୍ଷଣ ସାଙ୍ଗକୁ ତାହାର ପ୍ରସାର ଏବଂ ଛୋଟବଡ଼ ସମସ୍ତ ଜନଜାତି ଗୋଷ୍ଠୀଙ୍କ ମୌଳିକ ପରିଚୟକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ନବୀନ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍.ଡି.ସି)କୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗଠନ କରିଛନ୍ତି । ନୂତନ ଭାବେ ପରିଷଦରେ ସାମିଲ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼ ଓ ସମ୍ବଲପୁର ଅନ୍ତର୍ଭୁକ୍ତ । ରାଜ୍ୟ ସରକାର ପ୍ରଥମ ଥର ପାଇଁ ୨୦୧୭-୧୮ ବର୍ଷରେ ଏହି ପରିଷଦକୁ ଗଠନ କରିଥିଲେ । ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପରିସୀମାକୁ କେବଳ ବୃଦ୍ଧି କରିନାହାନ୍ତି, ଏଥିସହିତ ଚଳିତ ଆର୍ଥିକ ବର୍ଷରେ ପରିଷଦ ଅନ୍ତର୍ଭୁକ୍ତ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ଲାଗି ୨୨୩କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଏହାଫଳରେ ୨୩ଟି ଜିଲ୍ଲାର ୮୦ଲକ୍ଷରୁ ଅଧିକ ଜନଜାତି ବର୍ଗର ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି । ପରିଷଦର କଳେବର ବୃଦ୍ଧି ଅବସରରେ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ପାରମ୍ପରିକ ଆଦିବାସୀ ସଂସ୍କୃତିର ମହତ୍ତ୍ୱ ଓ ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଜନଜାତି ସଂସ୍କୃତି ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଏଥିରେ ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରକୃତିର ପୂଜା ଓ ଭ୍ରାତୃତ୍ୱଭାବ ଆଦିବାସୀ ସଂସ୍କୃତିର ମୂଳ ଆଧାର ହୋଇଥିବାରୁ ଏହାର ସୁରକ୍ଷା, ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟର ସମୁଦାୟ ୧୭୨ଟି ବ୍ଲକରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂଆ ପରିଷଦ ଦ୍ୱାରା ସମସ୍ତ ଛୋଟ ଛୋଟ ବର୍ଗର ଜନଜାତି ଗୋଷ୍ଠୀ ସେମାନଙ୍କ କଳା ଏବଂ ଐତିହ୍ୟର ସୁରକ୍ଷା ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ । ଜନଜାତି ସଂସ୍କୃତି, ଜୀବନ ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀ, ପ୍ରକୃତିର ସଂରକ୍ଷଣ ଓ ସେମାନଙ୍କ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଅଧିକ ଗବେଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ରାଜ୍ୟ ସରକାର ଜନଜାତି ବର୍ଗର କଲ୍ୟାଣ ଏବଂ ସେମାନଙ୍କ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ଯେଉଁସବୁ ମହତ୍ ପଦକ୍ଷେପ ଗ୍ରହଣ କରୁଛନ୍ତି, ତଳସ୍ତରରେ ତାହା ଯେପରି ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ସେଥିପ୍ରତି ଧ୍ୟାନ ଦିଆଯିବା ଉଚିତ୍ । ଜନଜାତି ବର୍ଗ ପ୍ରତି ନବୀନ ସରକାରଙ୍କ ନିଷ୍ଠା ଓ ଅଙ୍ଗୀକାରବଦ୍ଧତା ଏହାଦ୍ୱାରା ପୁନଃପ୍ରମାଣିତ ହୋଇଛି ।

ଦିଅଁ ଦର୍ଶନ ଓ ସ୍ୱତନ୍ତ୍ର ପୋଷାକ

ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ : ୯୯୩୭୧୭୪୦୯୭

ପୃଥିବୀର ସର୍ବ ପୂରାତନ ଧର୍ମ ହେଉଛି ସନାତନ ଧର୍ମ , ଏହି ମୂଳ ଧର୍ମରୁ ସୃଷ୍ଟି ଅନେକ ଧର୍ମ ଆଜି ପୃଥିବୀ ପୃଷ୍ଠରେ କୋଟି କୋଟି ଲୋକଙ୍କୁ ନିଜ ନୀତି ନିୟମକାନୁନ ଭିତରେ ବାନ୍ଧି ରଖି ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଥିବା ବେଳେ ସନାତନ ଧର୍ମ ଆଜି ଅବହେଳିତ ଅବସ୍ଥାକୁ ଆସିଯାଇଛି । ଏଥିପାଇଁ ଆମେ କାହାକୁ ଦାୟୀ କରିବା ? କାହାକୁ ଦୋଷ ଦେବା ? ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀ କାହାରିକୁ ଦୋଷ ନ' ଦେଇ ପ୍ରଥମେ ନିଜକୁ ନିଜେ ଦୋଷ ଦେଇ ନିଜକୁ ଯଦି ସୁଧାରି ପାରିବେ ତେବେ ପୃଥିବୀର ସର୍ବ ପୂରାତନ ଧର୍ମ ହୁଏତ ଯୁଗ ଯୁଗକୁ ତିଷ୍ଠି ରହିବ ବୋଲି ଆମେ ଆଶା କରିବା , ଅନ୍ୟଥା ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପରି ପ୍ରତିପାଦିତ ହେବ ।

କିଛିଦିନ ହେବ ଖବର କାଗଜ, ଟି:ଭିରୁ ଖବର ମିଳୁଛି ଯେ, ଅନେକ ସନାତନ ଧର୍ମୀ ଯେତେବେଳେ କୌଣସି ମନ୍ଦିର ତଥା ଧାର୍ମିକ ସ୍ଥଳୀକୁ ପୂଜାର୍ଚ୍ଚନା କରିବାକୁ ଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା,ଯୁବକ ଯୁବତୀ, ଅତ୍ୟଧିକ ଉଚ୍ଛୃଙ୍ଖଳିତ ଭାବେ,ଶାଳୀନତାକୁ ଜଳାଞ୍ଜଳି ଦେଇ ଦେବା ଦେବୀ ଦର୍ଶନ କରିବାକୁ ଆସୁଛନ୍ତି । ପୋଷାକପତ୍ରରେ ଅତ୍ୟଧିକ ଆଧୁନିକତାର ଛାପ ସହିତ ଆଂଶିକ ଉଲଗ୍ନତାକୁ ସେମାନେ ଆଦରି ନେଇଛନ୍ତି ,ଏହାଦ୍ୱାରା ଅନ୍ୟ ଭକ୍ତ ମାନେ ମାନସିକ କଷ୍ଟ ପାଇବା ସହିତ ସେମାନଙ୍କର ଧର୍ମ ଭାବନା ଉପରେ ଆଞ୍ଚ ଆସୁଛି । ଏହିସବୁ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡର ମହାନିର୍ବାଣ ଆଖାଡାର କର୍ମକର୍ତ୍ତା ତଥା ଅଧ୍ୟକ୍ଷ ମହନ୍ତ ରବୀନ୍ଦ୍ର ପୁରୀ ଏକ ନିର୍ଦ୍ଦେଶ ନାମା ଜାରି କରିଛନ୍ତି ଏଥିରେ ଉଲ୍ଲେଖ ଅଛି ଯେ, ଭକ୍ତ ମାନଙ୍କୁ ଅନୁରୋଧ ସେମାନେ ମର୍ଯ୍ୟାଦା ଯୁକ୍ତ ଭାରତୀୟ ସଭ୍ୟତା, ସଂସ୍କୃତି ସଂପନ୍ନ ପୋଷାକ ପିନ୍ଧି ମନ୍ଦିରରେ ପ୍ରବେଶ କରନ୍ତୁ , ଛୋଟ ବସ୍ତ୍ର, ହାଫ୍ ପ୍ୟାଣ୍ଟ, ବରମୁଡା ,ମିନି ସ୍କର୍ଟ, ନାଇଟ୍ ସୁଟ୍ ,କଣା ଫଟା ଜିନ୍ସ ଅର୍ଧ ଉଲଗ୍ନ 'ଟି' ସାର୍ଟ ଇତ୍ୟାଦି ନ' ପିନ୍ଧି ଦେହକୁ ଅତିକମରେ ୮୦ ଶତାଂଶ ଘୋଡାଇ ପାରୁଥିବା ଏବଂ ମହିଳା ମାନେ ମୁଣ୍ଡକୁ ଓଢଣୀ, ବା ଶାଢୀରେ ଘୋଡାଇ ସନାତନ ଧର୍ମର ପୋଷାକ ପିନ୍ଧି ମନ୍ଦିର ଦର୍ଶନ କରନ୍ତୁ ଅନ୍ୟଥା ମନ୍ଦିର ପ୍ରବେଶ ଅନୁମତି ମିଳିବ ନାହିଁ । ଏହି ନିୟମ ଉତ୍ତରାଖଣ୍ଡର ତିନିଗୋଟି ମନ୍ଦିରରେ ଲାଗୁ ହୋଇଛି ସେହି ମନ୍ଦିର ଗୁଡିକ ହେଲା ହରିଦ୍ୱାରର ଦକ୍ଷ ପ୍ରଜାପତି ମନ୍ଦିର, ଡେରାଡୁନର ପାଟକେଶ୍ୱର ମହାଦେବ ମନ୍ଦିର, ଏବଂ ଋଷିକେଶର ନୀଳକଣ୍ଠ ମହାଦେବ ମନ୍ଦିର, ଏଠାକୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ମନ୍ଦିରର ଗାରିମା, ନିଜର ସଂସ୍କୃତି, ନିଜର ଶାଳୀନତା ବଜାୟ ରଖି ଉତ୍ତମ ପୋଷାକ ପରିଧାନ କରିବାକୁ ଅନୁରୋଧ କରାଯାଇଛି । ଏହାକୁ ଅନେକ ଶ୍ରଦ୍ଧାଳୁ ସାଧୁବାଦ୍ ଦେଉଥିବା ସମୟରେ କିଛି ଅସହିଷ୍ଣୁ ଗୋଷ୍ଠୀ ବିରୋଧ କରୁଛନ୍ତି ଯାହାକି ବାଚାଳାମି ଛଡା କିଛି ନୁହେଁ । ଅସମ୍ଭବ ଯୁକ୍ତି ଆଉ ଅଜ୍ଞତାର ପରିଚୟ ଦେଇ ସେମାନେ ସେସ୍ୱଚ୍ଛାଚାରିତାକୁ ଆପଣେଇ ନେବାକୁ ଯୁକ୍ତି ବାଢୁଛନ୍ତି ।

ଭାରତବର୍ଷରେ ଏହା ଏକ ନୂଆ କଥା ନୁହେଁ, ଏହା ପୂର୍ବରୁ ଅନେକ ମନ୍ଦିର ମଠ ପରିସର ମଧ୍ୟକୁ ଯିବା ସମୟରେ ଡ୍ରେସ କୋଡ୍ ବା ସ୍ୱତନ୍ତ୍ର ପରିଧାନର ଆବଶ୍ୟକତା ଅଛି ତନ୍ମଧ୍ୟରୁ ନିଜ ଅନୁଭୂତିକୁ ନେଇ ଲେଖୁଛି ଯେ, କେରଳର ଥିରୁ ଅନନ୍ତ ପୁରମ୍ ଠାରେ ଅବସ୍ଥିତ ପଦ୍ମନାଭ ସ୍ୱାମୀ ମନ୍ଦିର , କନ୍ୟାକୁମାରୀ ଠାରେ କନ୍ୟାକୁମାରୀ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ନୀତି ନିୟମ ଅନୁଯାୟୀ ପୋଷାକ ପରିଧାନ କରିବାକୁ ହୋଇଥାଏ । ଯଦି ନିଜର ପୋଷାକ ନ'ଥାଏ ତେବେ ସେଠାରେ ପୋଷାକ ଭଡାରେ ମଧ୍ୟ ମିଳେ । ଇଣ୍ଡୋନେସିଆର ବାଲି ଦ୍ୱୀପ ଏକ ହିନ୍ଦୁ ବହୁଳ ଦ୍ୱୀପ ସେଠାରେ ରହୁଥିବା ଜନସଂଖ୍ୟାର ୮୦ ପ୍ରତିଶତ ହିନ୍ଦୁ ଧର୍ମାବଲମ୍ବୀ ଏବଂ ସେଠାରେ ଅନେକ ହିନ୍ଦୁ ଦେବାଦେବୀ ମନ୍ଦିର ଦେଖିବାକୁ ମିଳେ । ସେହି ମନ୍ଦିର ଗୁଡିକ ଦର୍ଶନ କରିବା ସମୟରେ ଏକ ପ୍ରକାର ସ୍ୱତନ୍ତ୍ର ଲୁଙ୍ଗି ପରି ବାରଂ ପରିଧାନ କରିବାକୁ ପଡ଼େ । ମନ୍ଦିର ପ୍ରବେଶ ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରୁ ଏହାକୁ କିଛି ଦେୟ ଦେଇ ବ୍ୟବହାର କରିବାକୁ ହୁଏ ଏବଂ ଦର୍ଶନ ପରେ ଫେରସ୍ତ ଦେବାକୁ ହୁଏ । ଥାଇଲାଣ୍ଡ, ମାଲେସିଆ, ଭୁଟାନ ଦେଶରେ ମଧ୍ୟ ଏହି ପ୍ରଥା ଭ୍ରମଣ କାଳରେ ଅନୁଭବ କରିଛି । ଏହାଦ୍ୱାରା ଆମର କିଛି ମାନ ସମ୍ମାନରେ ଆଞ୍ଚ ଆସେ ନାହିଁ ବରଂ ନୂତନ ଅନୁଭୂତି, ଶୃଙ୍ଖଳା, ଭକ୍ତିଭାବ, ଆଧ୍ୟାତ୍ମିକ ଭାବ ମନ ଭିତରେ ଜାଗ୍ରତ ହୁଏ, ଈଶ୍ୱର ବିଶ୍ୱାସ ବଢିଯାଏ । ଥରେ ଚିନ୍ତା କରନ୍ତୁ ତ' ଆପଣମାନେ ଯେତେବେଳେ ଅମୃତସହର ସ୍ୱର୍ଣ୍ଣ ମନ୍ଦିର ହେଉ ବା ଯେ କୌଣସି ଗୁରୁଦ୍ୱାର ମଧ୍ୟରେ ପ୍ରବେଶ କରୁଛନ୍ତି ସେତେବେଳେ ମୁଣ୍ଡକୁ ଘୋଡେଇ ଯାଉଛନ୍ତି । ମସଜିଦକୁ ଯିବା ସମୟରେ ମଧ୍ୟ ସେହିପରି ମୁଣ୍ଡରେ ଟୋପି ବା ରୁମାଲ ବାନ୍ଧି ଯାଉଛନ୍ତି, ଚର୍ଚ୍ଚ ଭିତରେ ମଧ୍ୟ ସେହି ପରି ନିୟମ କାନୁନ ରହିଛି କାହିଁ ସେହି ସବୁ ଜାଗାରେ ତ' ଆପଣମାନେ ବିରୋଧ କରୁନାହାନ୍ତି ? ତେବେ ସନାତନ ଧର୍ମ୍ମ କ'ଣ ଏତେ ଶସ୍ତା ? ଆପଣମାନେ ମନଇଚ୍ଛା ଯାହା ଚାହିଁବେ ତାହା କରିବେ ? ଗୋଆ ବୀଚ୍‌ରେ ବୁଲିବା ସମୟରେ ଛୋଟ ପୋଷାକ ପିନ୍ଧି ବୁଲିବାକୁ କେହି ମନା କରିବେ ନାହିଁ କିନ୍ତୁ ଦେବା ଦେବୀ ମନ୍ଦିର ଭିତରେ ଏହା ନିଷିଦ୍ଧ ହେବା ଜରୁରୀ ହୋଇ ପଡିଛି । ଭାରତବର୍ଷରେ କୋଟି କୋଟି ମନ୍ଦିର ରହିଛି ଏହି ପ୍ରଥା ଯେତେ ଶୀଘ୍ର ଲାଗୁ ହେବ ସେତେ ଭଲ । ସନାତନ ଧର୍ମର ଅନେକ ମନ୍ଦିର ଧର୍ମସ୍ଥଳୀ, ପୁଣ୍ୟ ତୋୟା ନଦୀ ଘାଟ ସମୀପବର୍ତ୍ତୀ ସ୍ଥାନର ମଦ୍ୟ ପାନ କରି ଅର୍ଦ୍ଧ ଉଲଗ୍ନ ନୃତ୍ୟ, ରିଲ୍ କରିବା ଇତ୍ୟାଦି କେତେଦୂର ଯୁକ୍ତିଯୁକ୍ତ ? ଏପରି କାର୍ଯ୍ୟ କଳାପ କ'ଣ ଅନ୍ୟ କୌଣସି ଧର୍ମର ଧର୍ମ ସ୍ଥଳୀରେ ଦେଖିଛନ୍ତି କି ? 'ନରମ ଲୁହା ଦେଖିଲେ ବିଲେଇ କାମୁଡେ', ଠିକ୍ ସେହିପରି ସନାତନ ଧର୍ମରେ ଅଙ୍କୁଶ ନାହିଁ, ଯଦି କିଛି ଅଛି ତାହା 'ବାଆକୁ ବତା ପରି' । ଆମେ ଏବେ ପାଶ୍ଚାତ୍ୟ ମୁଖା ହୋଇଛୁ, ଦି' ଚାରିପଦ ଫିସ୍ ଫିସ୍ ଇଂରାଜୀ କହିଦେଲୁମାନେ ଭାବୁ ଯେ, 'ହମସେ ବଡ଼ା କୋଇ ନେହିଁ' । ଭାଇ ଭଉଣୀମାନେ ନିଜକୁ ନିଜେ ସଞ୍ଜତ କର, ନିଜ ଧର୍ମକୁ ସମ୍ମାନ ଦିଅ, ନିଜ ସଂସ୍କୃତିକୁ ଆପଣେଇ ବିଶ୍ୱ ଦରବାରରେ ସନାତନ ଧର୍ମକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଶପଥ ନିଅ । ଆମକୁ ଲଜ୍ଜା ଲାଗିବା କଥା ଆମ ହିନ୍ଦୁ ଧର୍ମର ଦେବାଦେବୀମାନଙ୍କୁ ବିକୃତ ରୂପ ଦେଇ ପୂଜା କରୁଛୁ ଯେପରି ବିଘ୍ନ ବିନାଶନ ଗଣପତି, ବିଶ୍ୱକର୍ମା , ମା' ସରସ୍ୱତୀ ମା' ଦୁର୍ଗାଙ୍କୁ ମଧ୍ୟ ପେଣ୍ଡାଲରେ ବିକୃତ ଆଧୁନିକ ରୂପ ଦେଇ ଭକ୍ତି ବଦଳରେ ପ୍ରତିଯୋଗିତା ରୂପୀ ଶକ୍ତି ଦେଖାଇ ଥାଉ । ଆମେ ଆଉ କେବେ ଶିଖିବା ? ଶୃଙ୍ଖଳିତ ହେବା ? ମଦ୍ୟପାନ କରି ଡି: ଜୋର ତାଳେ ତାଳେ ଅର୍ଦ୍ଧ ଉଲଗ୍ନ ନର୍ତ୍ତକୀମାନଙ୍କୁ ଦେବାଦେବୀଙ୍କ ସମ୍ମୁଖରେ ନଚାଇ ମସଗୁଲ୍ ହୋଇ ଭସାଣି ଉତ୍ସବ ପାଳନ କରିବା । ଅନ୍ୟମାନଙ୍କୁ ଦେଖାଇଦେବା ଯେ ଆମେ ଦେବାଦେବୀଙ୍କୁ ଅନ୍ତରରୁ କେତେ ଭକ୍ତିକରୁ ? ଏହା ଭକ୍ତିର ଏକ ନମୁନା ନା ସ୍ୱେଚ୍ଛାଚାରିତାର ଏକ ନଗ୍ନ ଉଦାହରଣ ? ଭାଇଚାରା କ'ଣ ଏହାକୁ କୁହନ୍ତି ? ଯେଉଁଠାରେ କଠୋର ନିୟମ ଲାଗୁ ହୋଇଛି ସେଠାରେ ଆମେ ସଚେତନ, କିନ୍ତୁ ଅନ୍ୟ ସ୍ଥାନରେ ଆମେ ବିଶୃଙ୍ଖଳିତ ହେବାର କାରଣ କ'ଣ ? ପ୍ରଶାସନ ଆଉ କେତେଦିନ ବିଲେଇ ପରି ଆଖି ବୁଜି କ୍ଷୀର ପିଉ ଥିବ ? ମନେହୁଏ ବର୍ତ୍ତମାନ ସମୟ ଆସିଛି ଆମେ ବିଶୃଙ୍ଖଳିତ ସନାତନ ଧର୍ମାବଲମ୍ବୀମାନଙ୍କୁ ଏକ ଶୃଙ୍ଖଳିତ ମାର୍ଗରେ ପରିଚାଳିତ କରିବା ପାଇଁ କଠୋର ହୃଦୟରେ ଆଇନର ସହାୟତା ନେବାକୁ ପଡିବ ଅନ୍ୟଥା ଅମାନିଆ ମାନେ ଆଗାମୀ ପିଢ଼ିକୁ ନକାରାତ୍ମକ ସନ୍ଦେଶ ଦେବେ ଯାହାକି ସମାଜ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହେବ ।

ଓଡିଶା ପ୍ରଦେଶର ଗର୍ବ ଶ୍ରୀ ଶ୍ରୀ ଜଗନ୍ନାଥ ମହା ପ୍ରଭୁଙ୍କ ମନ୍ଦିର, ଲିଙ୍ଗରାଜ ମହା ପ୍ରଭୁଙ୍କ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର ମା' ତାରିଣୀ ମନ୍ଦିର, ମା' ତାରା ତାରିଣୀ ମନ୍ଦିର ପରି ଅନେକ ମନ୍ଦିରର ସମ୍ମାନନୀୟ ଟ୍ରଷ୍ଟି , ପରିଚାଳନା କମିଟିର ସଭ୍ୟମାନେ ତଥା ମାନନୀୟ ଦେବୋତ୍ତର କମିଶନର ମହୋଦୟ ସନାତନ ଧର୍ମକୁ ବଞ୍ଚାଇ ରଖିବାପାଇଁ ମନ୍ଦିର ପ୍ରବେଶ ସମୟରେ ଉପଯୁକ୍ତ ଡ୍ରେସ କୋଡ୍ ବା ସ୍ୱତନ୍ତ୍ର ପୋଷାକ ନିୟମକୁ ଯଥା ଶୀଘ୍ର ଲାଗୁ କରିବାକୁ ବିନମ୍ର ଅନୁରୋଧ । ସନାତନ ଧର୍ମ ବଞ୍ଚିଲେ ଆମେ ବଞ୍ଚିବା । ବିଶ୍ୱର ପ୍ରତ୍ୟେକ ଧର୍ମ ଏବଂ ଏହାର ଅନୁଗାମୀ ମାନଙ୍କୁ ଅଶେଷ ସମ୍ମାନ ଜଣାଉଛି, ଏଠାରେ କୌଣସି ଧର୍ମକୁ ନ୍ୟୁନ କରିବାର ପ୍ରୟାସ କରାଯାଇ ନାହିଁ, କିନ୍ତୁ ସନାତନ ଧର୍ମର କିଛି ବିଶୃଙ୍ଖଳିତ ବ୍ୟକ୍ତିଂକୁ ଏକ ଅନୁରୋଧ ଜରିଆରେ ନିଜକୁ ସୁଧାରି ନେବାର ଏକ ପ୍ରୟାସ କରାଯାଇଅଛି ।

ଦାରୁ ଦିଅଁ ଖାଇବେ ପୋଡ଼ପିଠା

ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ- ୯୪୩୭୭୨୯୩୮୪

ଓଡିଆ ଘରର ଅଳଙ୍କାର ଓ ଓଡିଆ ଘରର ଖାଦ୍ୟ ବିଶ୍ୱରେ ବିରଳ । ଓଡିଆ ଜାତିର ଜାତୀୟ ଦେବତା ଜଗନ୍ନାଥ ବି ଅଳଙ୍କାର ଓ ଖାଦ୍ୟ ପ୍ରିୟା ପ୍ରତିଦିନ ଷାଠିଏ ପଉଟି,ଛପନ ଭୋଗ ତାଙ୍କ ପାଇଁ ପ୍ରସ୍ତୁତ ହୁଏ । ଉଭୟ ଅନ୍ନ ଓ ଶୁଖିଲା ଭୋଗ ତାଙ୍କ ପାଇଁ ପ୍ରସ୍ତୁତ ହୁଏ । ଯାହାକୁ କି ମହାପ୍ରସାଦ କୁହାଯାଏ । ମହାପ୍ରସାଦରେ ଜାତିବର୍ଣ୍ଣର ଭେଦାଭେଦ ନଥାଏ । ଗଙ୍ଗା ଜଳ ଯେପରି ସବୁ ସଂପ୍ରଦାୟ ପାଇଁ। ଦରଣୀୟ, ମହାପ୍ରସାଦ ସେପରି ସମସ୍ତ ସଂପ୍ରଦାୟ ପାଇଁ ବରଣୀୟ । ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ବିଶେଷ ରୁଚି ଥିବାରୁ ପ୍ରତିଦିନ ପିଠା ଭୋଗ କରାଯାଏ । ଓଡିଶାର ପ୍ରାୟ ପ୍ରତ୍ୟେକ ଘରେ ପୋଡପିଠା ପ୍ରସ୍ତୁତ କରାଯାଏ। ଏହା ଏକ ପାରମ୍ପରୀକ ଓଡିଆ ପିଠା । ପ୍ରତ୍ୟେକ ଓଡିଆ ଘରେ ବିଭିନ୍ନ ପର୍ବପର୍ବାଣୀରେ ଏହି ପୋଡ ପିଠା ତିଆରି ହୁଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ମଧ୍ୟ ଏହି ପୋଡପିଠା ଖାଇବାର ପରମ୍ପରା ରହିଛି । ମାତ୍ର ଶ୍ରୀମନ୍ଦିର କୋଠଭୋଗରେ ଲାଗି ହେଉଥିବା ପୋଡପିଠା ଏହାଠୁ ଭିନ୍ନ । ଶ୍ରୀମନ୍ଦିର ଭାଷାରେ ଏହାକୁ କୁହାଯାଇଥାଏ ହାତପୋଡା ଅମାଲୁ । ମହାପ୍ରଭୁଙ୍କର ଅତ୍ୟନ୍ତ ପ୍ରିୟ ଏହି ପୋଡପିଠା । ମହାପ୍ରଭୁଙ୍କ ସନ୍ଧ୍ୟା ଧୂପରେ ସାତ ମୂର୍ତ୍ତି ହାତପପୋଡା ଅମାଲୁ ଭୋଗ ଲାଗିଥାଏ । ଦିବ୍ୟ ମହକ ଯୁକ୍ତ ଏହି ପୋଡପିଠା ଖୁବ୍ ସ୍ୱାଦପୂର୍ଣ୍ଣ । ବାହୁଡା ଦିନ ଦାରୁଦିଅଁ ରଥାରୂଢ ହେବା ପରେ ନୀଳାଚଳ ଅଭିମୁଖେ ଯାତ୍ରା କରନ୍ତି । କିଛି ବାଟ ଗଡିବା ପରେ ରଥ ବଳଗଣ୍ଡି ଠାରେ ଅଟକିଯାଏ । ସେହି ସ୍ଥାନ ହେଉଛି ମାଉସୀ ମା' ମନ୍ଦିର । ମାଉସୀ ଠାରୁ ପୋଡପିଠା ଖାଇବା ପାଇଁ ଭଗବାନ ବ୍ୟଗ୍ର ହୋଇ ଉଠନ୍ତି । ଖାଦ୍ୟପ୍ରିୟ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ପ୍ରକାର ସୁବାସିତ ଦ୍ରବ୍ୟର ମିଶ୍ରଣ କରି ଏହି ପୋଡପିଠା ପ୍ରସ୍ତୁତ କରିଥାନ୍ତି ସ୍ନେହମୟୀ ମାଉସୀ।

ମହାପ୍ରଭୁଙ୍କର ମାଉସୀ ହେଉଛନ୍ତି ଅର୍ଦ୍ଧାସିନୀ ଦେବୀ। ବହୁ ବର୍ଷ ପୂର୍ବରୁ ବଡଦାଣ୍

ଆମ କଳାହାଣ୍ଡି

ପୃଷ୍ଠା - ୭

ଗୁରୁବାର, ୨୯ ଜୁନ୍ ୨୦୨୩

ଓଡ଼ିଶା ଭାସ୍କର, ଭୁବନେଶ୍ୱର

ଓଡ଼ିଶା ଅଣଗେଜେଟେଡ ବନ ସେବା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡ଼ିଶା ଅଣଗେଜେଟେଡ଼ ବନସେବା ସଂଘ, କଳାହାଣ୍ଡି ଶାଖା ତରଫରୁ ୨୭ ତାରିଖ ମଙ୍ଗଳବାର ଦିନ ଏକ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଓଡ଼ିଶା ସରକାର ଗତ ୨୦୦୮ ମସିହାରେ ୫୦ ଗୋଟି ସ୍ଥାନରେ ସ୍ୱତନ୍ତ୍ର ଷ୍ଟ୍ରାକିଙ୍ଗ୍ ଫୋର୍ସ ଗଠନ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ବର୍ତ୍ତମାନ ଜଣେ ବିଟ ଗାର୍ଡ଼ ବା ସେକ୍‌ସନ୍ ଫରେଷ୍ଟର ପାଖରେ ଜଙ୍ଗଲ, ବନ୍ୟଜନ୍ତୁ, ନିଆଁ ସୁରକ୍ଷା ସହିତ ବୃକ୍ଷରୋପଣ, ନର୍ସରୀ, ସିଲ୍‌କଲ୍‌ଲ, ଅପରେସନ, ନିର୍ମାଣ କାର୍ଯ୍ୟ ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବା ସହିତ ଅନ୍ୟାନ୍ୟ ଅଫିସ କାମର ବୋଝ ଦିନକୁ ଦିନ ବୃଦ୍ଧି ପାଉଛି। ଅନ୍ୟପଟେ ହାତୀ ତଥା ବନ୍ୟଜନ୍ତୁ ଉପଦ୍ରୁତ ଅଞ୍ଚଳ ଏବଂ ଘଞ୍ଚ ଜଙ୍ଗଲ ଥିବା ଡିଭିଜନ ଗୁଡ଼ିକରେ ବନ୍ୟଜନ୍ତୁଙ୍କୁ ଅନୁସରଣ କରି ସୁରକ୍ଷା କରିବା ଅସମ୍ଭବ ହୋଇପଡ଼ିଛି। ବନ୍ୟଜନ୍ତୁମାନଙ୍କର ଯେକୌଣସି ପ୍ରକାର ମୃତ୍ୟୁ (ହତ୍ୟା, ବିଦ୍ୟୁତ୍ ସଂସ୍ପର୍ଶ, ରେଳ ବା ସଡ଼କ ଦୁର୍ଘଟଣା, ବିଷକ୍ରିୟା, ରୋଗ) ହେଲେ ଫରେଷ୍ଟଗାର୍ଡ଼, ଫେରେଷ୍ଟରମାନଙ୍କୁ ଦୋଷାରୋପ କରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଣୁ ତୁରନ୍ତ ଟେରିଟୋରିଆଲ ଓ ବନ୍ୟପ୍ରାଣୀ ଡିଭିଜନମାନଙ୍କରେ ସ୍ୱତନ୍ତ୍ର ଷ୍ଟ୍ରାକିଙ୍ଗ୍ ଫୋର୍ସ ଗଠନ କରିବା ସହିତ ତାର ନେତୃତ୍ୱ ଓ ପରିଚାଳନା ଦାୟିତ୍ୱ ସଂପୃକ୍ତ ଡିଭିଜନମାନଙ୍କର ଏସସିଏଫ୍‌ଙ୍କୁ ଦିଆଯାଉ ଏବଂ ଯେକୌଣସି ଅବହେଳା ଓ ପରିଚାଳନା ତ୍ରୁଟି ପାଇଁ ଆରସିସିଏଫ୍, ଡିଏଫ୍‌ଓମାନେ ଉତ୍ତରଦାୟୀ ରହିବେ। ପ୍ରତ୍ୟେକ ଏସ୍‌ସିଏଫ୍ ଅଧିନରେ ଜଣେ ରେଞ୍ଜର, ୨ ଜଣ ଡେପୁଟିରେଞ୍ଜର, ୬ ଜଣ ଫରେଷ୍ଟର ଓ ୧୦ ଜଣ ଫରେଷ୍ଟଗାର୍ଡ଼, ୨ ଜଣ ଡ୍ରାଇଭରଙ୍କୁ ସାମିଲ କରି ସମସ୍ତ ଟିମ୍ ମେମ୍ବରଙ୍କୁ ସତନ୍ତ୍ର ତାଲିମ ପ୍ରଦାନ କରାଯାଉ, ପ୍ରତ୍ୟେକ ଟିମ୍‌ର ବନ ଅଧିକାରୀଙ୍କୁ ଫାୟାରିଙ୍ଗ କ୍ଷମତା ପ୍ରଦାନ କରିବା ସହ ରିଭଲଭର ଯୋଗାଇ ଦିଆଯାଉ, ପ୍ରତ୍ୟେକ ଟିମ୍ ପାଇଁ ଭିଏଚ୍ ଏଫ୍ ବ୍ୟବସ୍ଥିତ ଓ ପାସେଞ୍ଜର ମଡ଼େଲ ୪୦୭ ଭ୍ୟାନ୍ ଯୋଗାଇ ଦେବା, ଡ୍ରୋନ୍ କ୍ୟାମେରା, ଟ୍ରାଙ୍କୁଲାଇଜିଙ୍ଗ୍ ସେଟ୍, ତେଲ ଖର୍ଚ୍ଚ ସହ ଆନୁସଙ୍ଗିକ ଦ୍ରବ୍ୟ ଯୋଗାଇ ଦେବା, ପ୍ରୋତ୍ସାହନ ସରୂପ ଟିମ୍‌ର କର୍ମଚାରୀଙ୍କୁ ମୂଳ ଦରମାର ୧୦% ସ୍ୱତନ୍ତ୍ର ଭତ୍ତା ଆକାରରେ ପ୍ରଦାନ କରିବା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଉଏଲଫେୟାର ଫଣ୍ଡ ଗଠନ, ସର୍କଲ ପୁନର୍ଗଠନ ଯଥା ବଲାଙ୍ଗୀର, ଫୁଲବାଣୀ, କଟକ ଓ କେନ୍ଦୁଝର ଠାରେ ୪ ଗୋଟି ନୂତନ ଫରେଷ୍ଟ ସର୍କଲ ପ୍ରତିଷ୍ଠା କରି, ବର୍ତ୍ତମାନର ଆଠ ଗୋଟି ସର୍କଲ ପରିବର୍ତ୍ତେ ଓଡ଼ିଶାରେ ୧୨ ଗୋଟି ଇଣ୍ଟିଗ୍ରେଟେଡ୍ ସର୍କଲ ପ୍ରତିଷ୍ଠା କରାଯିବା ଆଦି ୫ଦଫା ଦାବିଥିବା ଦାବିପତ୍ର ଓଡିଶା ଅଣଗେଜେଟେଡ ବନ ସେବା ସଂଘର ଉପସଭାପତି ଭବାନୀ ଶଙ୍କର ପରିଛା, କଳାହାଣ୍ଡି ଜୋନ ସଭାପତି ଭିଭି ଜାକା ତାଣ୍ଡି, ସମ୍ପାଦକ ବିଘ୍ନ ରାଜ ପୋଡ, କୋଷାଧ୍ୟକ୍ଷ ବ୍ରଜ ସୁନ୍ଦର ବେହେରା ଏବଂ ରାଜ୍ୟ କୋର କମିଟି ସଦସ୍ୟ ଅଶୋକ ରଂଜନ କରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡିଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

ପୁଣି ଦାଦନ ଶ୍ରମିକଙ୍କ ମୃତ୍ୟୁ

ଅଣାଆୟତରେ ଦାଦନ ସମସ୍ୟା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଦାଦନ ଶ୍ରମିକ ସମସ୍ୟା ଦିନକୁ ଦିନ ଅଞ୍ଚଳରେ ଉଗ୍ରରୂପ ନେଇଛି। ବିଶେଷ ଭାବେ ଧର୍ମଗଡ଼ ଉପଖଣ୍ଡ କୋକସରା ଓ ଦଣ୍ଡପାଟ ଅଞ୍ଚଳର ସ୍ଥିତି ଅଣାଆୟତ୍ତ ହୋଇଛି। କୋକସରା ଅଞ୍ଚଳରେ ଗତ ୨/୩ ମାସ ଭିତରେ ପ୍ରାୟ ୮/୧୦ଜଣ ଦାଦନ ଶ୍ରମିକଙ୍କ ମୃତ ବିଭିନ୍ନ ରାଜ୍ୟରେ ହୋଇ ଶବ ଗାଁକୁ ଫେରିଛି। ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଖବର ଏବେ ଗାଁକୁ ପହଞ୍ଚିଛି। ମୃତକ ଦାଦନ ଶ୍ରମିକ ଜଣକ କୋକସରା ବ୍ଲକ୍ ମାଝୀଗୁଡା ଗ୍ରାମର ମାଟୁ ବାଗଙ୍କ ପୁଅ ଭିକାରୀ ବାଗ (୩୦) ବୋଲି ଜଣାପଡିଛି। କିଛିଦିନ ତଳେ ପରିବାର ପ୍ରତିପୋଷଣ ପାଇଁ ହାଇଦ୍ରାବାଦ ସ୍ଥିତ ଟାଟା ଏରୋସ୍ପେସ ଲିମିଟେଡର ଭରତ କଣ୍ଟ୍ରାକ୍ଟନରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଳେ ଆଦି ପାଟଲା ରେ ରହୁଥିଲେ। ମଙ୍ଗଳବାର ଦିନ ଶୋଇଥିବା ଅବସ୍ଥାରେ ଅତି ଗୁରୁତ୍ୱ ହୋଇପଡିଥିଲେ। ସାଙ୍ଗ ସାଥି ତାଙ୍କୁ ହାଇଦ୍ରାବାଦ ସ୍ଥିତ ଅଫଜଲଗଞ୍ଜ ଓସମାନିଆ। ଜେନେରାଲ ଡାକ୍ତର ଖାନାକୁ ଚିକିତ୍ସିତ କରିବାକୁ ନେଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ବର୍ତ୍ତମାନ ତାଙ୍କ ମୃତଦେହ ଡାକ୍ତର ଖାନା ପରିସରରେ ରହିଥିବା ବେଳେ ବୁଧବାର ଶବ ବ୍ୟବଚ୍ଛେଦ କରାଯିବା ସୂଚନା ମିଳିଛି। ତେବେ ତାଙ୍କ ସାଙ୍ଗ ସାଥିମାନଙ୍କ କହିବା ମତେ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଗତ ମଙ୍ଗଳବାର ଦିନ ସନ୍ଧ୍ୟା ସମୟ ବେଳକୁ ତାଙ୍କ ରହିଥିବା କୋଠରୀରେ ଶୋଇଥିବା ଖଟ ତଳିଆ ତଳେ ଏକ ବିଷଧର ଥିବା ସାଙ୍ଗ ସାଥି ଦେଖିବାକୁ ପାଇଥିବା ବେଳେ ସେହି ସାପ କାମୁଡି ଥିବା ସନ୍ଦେହ କରୁଥିବା ସୂଚନା ମିଳୁଛି। ଏଣେ କମ୍ପାନୀ ମୃତଶବ ଗାଁକୁ ପହଞ୍ଚାଇବା ପାଇଁ ମନା କରୁଥିବା ବେଳେ ପରିବାର ମଧ୍ୟରେ ଭାଲେଣି ପଡିଛି। ଗରିବ ପରିବାର ଶବ ଆଣିବାରେ ଅସମର୍ଥ ମଣୁଥିବା ନେଇ ଏବେ ସହାୟତା କରିବାକୁ ନିବେଦନ କରିଛନ୍ତି। ମୃତକ ଦାଦନ ଶ୍ରମିକ ହି ପରିବାର ମଧ୍ୟରେ ରୋଜଗାରିଆ ଥିବା ବେଳେ ଏବେ ପରିବାରରେ ଚଡକ ପଡିଛି। ତାଙ୍କର ୩ଟି ପୁଅଝିଅ, ବିଧବା ସ୍ତ୍ରୀ ଓ ବୃଦ୍ଧ ବାପା ନିଃସହାୟ ପାଲଟି ଯାଇଛନ୍ତି। ପ୍ରଶାସନ ତୁରନ୍ତ ପରିବାର ପ୍ରତି ଦୃଷ୍ଟି ଦେଇ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି ହେଉଛି।

ସରକାରୀ ଯୋଜନାରେ ବେସରକାରୀ ସଂସ୍ଥାର ହେରଫେର

ନର୍ଲା, (ଭାସ୍କର ନ୍ୟୁଜ୍): ବିନା ସୂଚନା ଫଳକ ପୁଣି ଲକ୍ଷ ଲକ୍ଷ ଟଙ୍କା ହେରଫେର। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍‌ର ସର୍ଗିଗୁଡା ପଞ୍ଚାୟତର ଭଟାଙ୍ଗ ନର୍ଲା ପଞ୍ଚାୟତର ଦେହେଲି, ରେଖପୁର, କେନ୍ଦୁପଡା, ବାଗପୁର ପଞ୍ଚାୟତର ପିପଲପଦରଠାରେ ବିନା ସୂଚନା ଫଳକରେ ପାଣି ପଞ୍ଚାୟତର କମିଟି ପକ୍ଷରୁ ବେସରକାରୀ ସଂସ୍ଥା କାଡାର ଦ୍ୱାରା ସରକାରଙ୍କ ଯୋଜନା ଚାଷୀଙ୍କ ହିତ ପାଇଁ ଜମିମାନଙ୍କରେ ଡ୍ରେନ ଯୋଗେ ପାଣି ଯୋଗାଇ ଦେବା ପାଇଁ ଇତିମଧ୍ୟରେ କାମ ଅଧାବଧି ସରିଯାଇଛି। ଏଠାରେ ସୂଚନା ଫଳକ ନାହିଁ। କେତେ ଟଙ୍କାର କାମ, ସରକାରଙ୍କ କେଉଁ ଯୋଜନାରେ ହେଉଛି, କେଉଁ ସଂସ୍ଥା କାମ କରୁଛି ତାହାର କୌଣସି ସୂଚନା ନାହିଁ। ଯନ୍ତ୍ରୀ, ଠିକାଦାର ଓ ପାଣି ପଞ୍ଚାୟତର ସଭାପତିଙ୍କ ମନମୁଖୀରେ ଏସବୁ କାର୍ଯ୍ୟ ହେଉଥିବା ବେଳେ ଏମାନେ ମାଲାମାଲ ହେଉଥିବା ପାଣି ପଞ୍ଚାୟତର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏହି କାମ କାଡା ସଂସ୍ଥା ଦ୍ୱାରା ପାଣି ପଞ୍ଚାୟତର ସଭାପତିମାନଙ୍କୁ ୧୦ ପ୍ରତିଶତ ହିସାବରେ କାମ କରାଯାଉଥିବା ପାଣି ପଞ୍ଚାୟତର ସଭ୍ୟମାନେ ଜଣାଇଛନ୍ତି। ପାଣି ପଞ୍ଚାୟତର ସଭାପତି ଓ ସଂପାଦକ ଛଡ଼ା ଅନ୍ୟ କମିଟିର ମେମ୍ବରମାନଙ୍କୁ ମଧ୍ୟ କାମ କିପରି ହେଉଛି କିଛି ନ ଜଣାଇ କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି। ଆମ ଗଣମାଧ୍ୟମ ପ୍ରତିନିଧିମାନେ କାଡା ସଂସ୍ଥାର ଯନ୍ତ୍ରୀ ପବିତ୍ର କୁମାର ଦାସଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ ଫୋନ୍ ଉଠାଉ ନାହାନ୍ତି। ଯନ୍ତ୍ରୀ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିଥିବା ପାଣି ପଞ୍ଚାୟତର ସଭ୍ୟସଭ୍ୟାମାନେ ଜଣାଇଥିବା ବେଳେ ଜିଲ୍ଲା ବାହାରୁ ଲେବର ଆଣି କାମ କରୁଥିବା ମଧ୍ୟ ଅଭିଯୋଗ ହେଉଛି।

କମମୂଲ୍ୟରେ ମୂଲ୍ୟବାନ ଲୋଭ ଦେଖାଇଲେ ଠକ

ଜାଲ୍ ଫେସ୍‌ବୁକରୁ ଠକିନେଲେ ୯୦ ହଜାର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ସାଇବର ଠକେଇରେ ଅନେକ ଲୋକ ଶିକାର ସାଜିଥିବା ବେଳେ ଆଉ ଏକ ନୂତନ ଫଣ୍ଡା ମାଧ୍ୟମ ନେଇଛନ୍ତି ଠକ। ଗତ କିଛି ଦିନ ହେବ ଦୁର୍ବୃତ୍ତମାନେ ଜାଲ ଫେସବୁକ ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ଲୋକଙ୍କ ଠାରୁ ଠକି ନେଉଥିବା ଜଣାପଡିଛି। ମଙ୍ଗଳବାର ଦିନ ଏଭଳି ଠକାମୀର ଶିକାର ସାଜିଛନ୍ତି ଜଣେ ଶିକ୍ଷକ। ଶିକ୍ଷକ ଜଣକ ନବରଙ୍ଗପୁର ଜିଲ୍ଲା ଚାନ୍ଦାହାଣ୍ଡି ଥାନା ଅନ୍ତର୍ଗତ ମହରାଗ୍ରାମର ହୃଷିକେଶ ସୁନାନୀ। ଗତକାଲି ତାଙ୍କ ଫୋନରେ ନିଜ ସମ୍ପର୍କୀୟଙ୍କ ନାମ ଥିବା ଫୋନରୁ ଏକ ମେସେଜ ଆସିଥିଲା। ଠକ ଜଣକ ଦିବାକର ବାଗଙ୍କ ନାମରେ ଜାଲ ଫେସବୁକ ଓ ୱାଟସଫ ଖୋଲିଥିବା ବେଳେ ସେହିଫୋନରୁ ହୃଷିକେଶ ସୁନାନୀଙ୍କ ଫୋନ୍‌ରେ ମେସେଜ ଆସିଥିଲା। ଏହି ମେସେଜରେ ସଞ୍ଜୟ ସି, ସିଆଇଏସ୍‌ଏଫ୍ ନାମକ ବ୍ୟକ୍ତି ଭୁବନେଶ୍ୱର ବିମାନ ବିଭାଗର ଅଫିସ ଭାବେ କାମ କରୁଥିବା ବେଳେ ତାଙ୍କୁ ଅନ୍ୟତ୍ର ବଦଳି ହୋଇଥିବା ଲେଖା ଯାଇଥିଲା। ତେବେ ତାଙ୍କ ପାଖରେ ଥିବା ବହୁମୂଲ୍ୟର ଫର୍ନିଚର ଆସବାସ ଜିନିଷ ସବୁ ବିକ୍ରି କରିଦେବାକୁ ଚାହୁଁଥିବା ବେଳେ ଦିବାକର ବାଗ ମୋର ନିଜ ଆନ୍ତରିକ ସାଙ୍ଗ ବୋଲି କହିଥିଲେ। ଅନ୍ୟପଟେ ଫେକ ଦିବାକର ଏସବୁ ଜିନିଷମୁଁ ଦେଖିଛି ଓ ଏହାର ଅଟକଳ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ତାକୁ କେବଳ ୬୦ ହଜାର ଦେଇ କ୍ରୟ କରିବାକୁ ମେସେଜ ମାଧ୍ୟମରେ କହିଥିଲେ। ଏପରିକି ଏସବୁ ଆସବାସ ଫର୍ନିଚରମାନଙ୍କ ଫୋଟ ମଧ୍ୟ ପଠାଇଥିଲା। ତେବେ ଦିବାକର ନିଜ ସମ୍ପର୍କୀୟ ହୋଇଥିବା ଯୋଗୁଁ ସହଜ ଭାବେ ହୃଷିକେଶ ବିଶ୍ୱାସ କରି ସେ ସବୁ ଜିନିଷ କିଣିବାକୁ ସହମତ ହୋଇଥିଲେ। ଏହାପରେ ଠକ ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଫୋନ ପେ ନମ୍ବର ପଠାଇ ଟଙ୍କା ପଠେଇବାକୁ କହିଥିଲେ। ପ୍ରଥମ ପର୍ଯ୍ୟାୟ ୨୦ହଜାର, ପରେ ୪୦ ହଜାର ଓ ୧୫ ହଜାର ୧୫, ହଜାର ମୋଟ ୯୦ ହଜାର ଟଙ୍କା ସେହି ଗୁଗଲ ପେ ନମ୍ବରରେ ପଠାଇଥିଲେ। ଯେଉଁ ଫୋନ ପେ' ନମ୍ବରଟି ରାହୁଲମୋଣ୍ଡଲୋଇ ନାମ ଥିବା ଜଣାପଡିଛି। ବର୍ତ୍ତମାନ ସେହି ଫୋନ ନମ୍ବର ସୁଇଜ ବନ୍ଦ ଥିବା ଜଣାପଡିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଦିବାକର ବାଗଙ୍କ ସହ କଥା ବାର୍ତ୍ତା ହେବା ପରେ ଏହା ଏକ ଜାଲ ଆଇଡି ହୋଇଥିବା ଜଣାପଡିଛି। ଏନେଇ ଚାନ୍ଦାହାଣ୍ଡି ଥାନା ଓ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଶ୍ରୀ ସୁନାନୀ ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଦିବାକର ବାଗ ପାପଡାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରହିଛନ୍ତି ଓ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଅନ୍ତର୍ଗତ ଭାଲୁଚୁଆ ଗ୍ରାମ ତାଙ୍କର ହୋଇଥିବା ବେଳେ ତାଙ୍କ ନାଁ ରେ କେଉଁ ଏକ ଖଳ ପ୍ରକୃତି ଠକ ଜାଲ ଫେସବୁକ ଖୋଲି ଏଭଳି କାରବାର କରୁଥିବା ଯୋଗୁଁ ଏଥିରେ ନିହାତି ଭାବେ କେଉଁ ଏକ ସମ୍ପର୍କୀୟ ଲିପ୍ତ ଥିବା ସନ୍ଦେହ କରାଯାଏ। ନିହାତି ପୋଲିସ ପକ୍ଷରୁ ତଦନ୍ତ କରି ଠକଙ୍କୁ ଚିହ୍ନଟ କରିବାକୁ ସାଧାରଣରେ ଦାବି ହେଉଛି।

୨୦୦ ଟଙ୍କିଆ ନକଲି ନୋଟ୍ ଜବତ, ଜଣେ ଗିରଫ

ମ.ରାମପୁର, (ଭାସ୍କର ନ୍ୟୁଜ୍): ନକଲି ନୋଟ୍ କାରବାର କରୁଥିବା ବେଳେ ରିଷିଡା ଗାଁରେ ମ.ରାମପୁର ଥାନା ପୋଲିସ ଜଣକୁ ଗିରଫ କରିବା ସହ ତା'ଠାରୁ ୨୦୦ ଟଙ୍କିଆ ୧୦୦ ଖଣ୍ଡ ନକଲି ନୋଟ୍ ସହ ସେ ବ୍ୟବହାର କରୁଥିବା ଏକ ମୋବାଇଲ ଜବତ କରିଛି। ସମୁଦାୟ ୨୦ ହଜାର ଟଙ୍କା ଜବତ ହୋଇଛି। ଗିରଫ ଜଣକ ହେଲେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍‌ର କୁନ୍ଦେଇପାଲି ଗାଁର ବିରେନ୍ଦ୍ର ସୁନା ବୋଲି ଜଣାପଡିଛି। ବିରେନ୍ଦ୍ର ଗତକାଲି ସନ୍ଧ୍ୟା ସମୟରେ ରିଷିଡା ଗାଁର ମେଡିକାଲ ନିକଟରେ ଏକ କଳା ରଙ୍ଗର ପଲିଥିନରେ ନକଲି ନୋଟ ରଖି ଠିଆ ହୋଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ତା'ପାଖରେ ପହଞ୍ଚିଥିଲା। ପରେ ତା'ଠାରୁ ୨୦୦ ଟଙ୍କିଆ ନକଲି ନୋଟ ୧୦୦ ଖଣ୍ଡ ଓ ସେ ବ୍ୟବହାର କରୁଥିବା ଏକ ମୋବାଇଲକୁ ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା ସୂଚନା ଦେଇଛନ୍ତି।

କ୍ଷେତ୍ରୀୟ ପାଇକ ସମାଜ ପୂର୍ବମଣ୍ଡଳର ମଣ୍ଡଳସ୍ତରୀୟ ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କ୍ଷେତ୍ରୀୟ ପାଇକ ସମାଜ ପୂର୍ବମଣ୍ଡଳର ମଣ୍ଡଳସ୍ତରୀୟ ବୈଠକ ଭବାନୀପାଟଣାସ୍ଥିତ ମେରେଜ ପେଲେସ ଠାରେ ସମାଜର ଉପକୁଳପତି ଭୈରବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ କୁଳପତି ଭବାନୀଶଙ୍କର ବାଣୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ କୁଳାଧ୍ୟକ୍ଷ ଚନ୍ଦ୍ର ପେସନିଆ ଓ ମୁଖ୍ୟବକ୍ତା ଭାବେ ପୂର୍ବମଣ୍ଡଳ କୁଳପତି ପ୍ରଦୀପ ଘଡେଇ ଉପସ୍ଥିତ ରହି କ୍ଷେତ୍ରୀୟ ପାଇକ ସମାଜର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଭବାନୀପାଟଣା ଉପମଣ୍ଡଳ ସମ୍ପାଦକ ହେମନ୍ତ କୁମାର ରାୟ ଧନ୍ୟବାଦ ଦେଇଥିଲେ। ସମାଜ କଲ୍ୟାଣ ପାଇଁ ଆଗାମୀ ଦିନରେ ମହାସଭା କାର୍ଯ୍ୟକ୍ରମ ଥିବାରୁ ଏହି ସଭାରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାକୁ ଶିକ୍ଷକ ଅଶ୍ୱନି କୁମାର ରାଉତ ପରିଚାଳନା କରିଥିବାବେଳେ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଗନ କେଶରୀ ନାୟକ, ଶ୍ରୀବତ୍ସ ନାୟକ, ସମ୍ପାଦକ ବାସୁଦେବ ପ୍ରଧାନୀଙ୍କ ସମେତ କ୍ଷେତ୍ରୀୟ ପାଇକ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିଭିନ୍ନ ଦାବି

ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲେ କର୍ମଚାରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସେମାନଙ୍କର ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ୨୦୧୩ ମସିହା ଠାରୁ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ନିଷ୍ଠାର ସହିତ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ସରକାର ସେମାନଙ୍କ ବିଭିନ୍ନ ଦାବି ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଏହି କର୍ମଚାରୀମାନେ ନାହିଁ ନଥିବା ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ୨୭ ତାରିଖ ଦିନ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ସଂଘ ସଭାପତି ଶୁଭେନ୍ଦୁ ମେହେର ଓ ଗନେଶ୍ୱର କଟା ଉପସଭାପତିଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ଏକ ୫ ଦଫାର ଦାବିପତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହି ଦାବି ମଧ୍ୟରେ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରାଯାଉ ନଚେତ ସ୍ୱତନ୍ତ୍ର ପ୍ୟାକେଜ ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିଙ୍କୁ ୩୦ ହଜାର, ପାଇଲଟଙ୍କୁ ୨୫ ହଜାର, ଏଟେଣ୍ଡେନ୍ସ ୨୦ ହଜାର, ବାର୍ଷିକ ଦରମା ବୃଦ୍ଧି, ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀଙ୍କୁ ଲୋକମାନଙ୍କ ଆକ୍ରମଣର ଶୀକାର ହେଲେ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୋଷୀମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, କୌଣସି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ୧୦୮ ଆମ୍ବୁଲାନ୍ସ ସଂଘ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପ୍ରତ୍ୟେକ ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ କର୍ମଚାରୀମାନଙ୍କ ପାଇଁ ରହିବା ଓ ଶୌଚାଳୟର ବ୍ୟବସ୍ଥା କରାଯିବା ସହିତ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆକସ

ସାଲେପୁର (ଭାସ୍କର ନ୍ୟୁଜ୍): ସାଲେପୁର ବ୍ଲକ୍ ରାଇସୁଙ୍ଗୁଡ଼ା ପଞ୍ଚାୟତର ଢ଼ିଅସାହି ଠାରେ ଗୋବନ୍ଧ୍ୟା ନିରାକରଣ ସଚେତନତା ଓ ପ୍ରାଣୀ ଚିକିତ୍ସା ଶିବିର ପ୍ରାଣୀ ଚିକିତ୍ସା ବିଭାଗ ସାଲେପୁର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୮୨ଟି ଗୋରୁ ଗାଈଙ୍କୁ ଚିକିତ୍ସା କରାଯାଇଥିଲା । ସାଲେପୁର ପ୍ରାଣୀଚିକିତ୍ସା ବିଭାଗର ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଦୀପକ କୁମାର ସେନାପତି, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଅଧିକାରୀ ଡ଼ାକ୍ତର ରାକେଶ କୁମାର ବେହେରା, ଏଲ୍ ଆଇ ଜୟନ୍ତ କୁମାର ମଲ୍ଲିକ, ରବିନ୍ଦ୍ର ମହାନ୍ତି, ସଂଜୟ ଦଲାଲ, କର୍ମଚାରୀ ସାଗର ମଲ୍ଲିକ, ପ୍ରାଣୀମିତ୍ର ରବିନ୍ଦ୍ର ସାମଲ ଉପସ୍ଥିତ ରହି ଗାଈ ଗୋରୁଙ୍କୁ ଚିକିତ୍ସା କରିଥିଲେ । ଉପସ୍ଥିତ ଗୋ-ଚାଷୀଙ୍କୁ ଗୋବନ୍ଧ୍ୟାର କାରଣ ଓ ନିରାକରଣ ବିଷୟରେ ପରାମର୍ଶ ଦେଇଥିଲେ । ବର୍ଷାଋତୁରେ ଗୋରୁ ଗାଈ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ରୋଗହେଲେ ଚିକିତ୍ସା ପାଇଁ ସଚେତନ କରିଥିଲେ । ଶିବିରରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ପୂର୍ତ୍ତ ବିଭାଗର ବେପରୁଆ କାର୍ଯ୍ୟ ,ଟ୍ରାଫିକ୍ ଜାମ ଯୋଗୁ ଦୁର୍ଦ୍ଦଶାରେ ଜନତା

ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ପୂର୍ତ୍ତବିଭାଗର ମନମୁଖି କାର୍ଯ୍ୟ ଯୋଗୁ ରାଜନଗର ଷ୍ଟେଟବ୍ୟାଙ୍କ ନିକଟ ରାସ୍ତାରେ ଟ୍ରାଫିକ୍ ଜାମ ହୋଇ ଶହଶହ ବାଇକ୍ ଓ ଗାଡିମାନେ ଦୁର୍ଘଟଣାର ଶିକାର ହେଉଥିବା ବେଳେ ଆମ୍ବୁଲାନ୍ସ ଯିବା କଷ୍ଟ ହୋଇପଡୁଥିବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବିବରଣୀରୁ ପ୍ରକାଶ ରାସ୍ତାର ଶୌନ୍ଦର୍ଯ୍ୟକରଣ କରିବାକୁ ଜନସାଧାରଣଙ୍କ ଯାତାୟତକୁ ଲକ୍ଷ ନ କରି ପୂର୍ତ୍ତ ବିଭାଗ ଠିକା କରିବା ଆଳରେ ରାସ୍ତାର ଦୁଇପାର୍ଶ୍ୱରେ ପାଦଚଲା ରାସ୍ତା ଅତି ସଙ୍କୁଚିତ ଅବସ୍ଥାରେ ନିର୍ମାଣ କରି ଚାଲିଗଲେ । ନିର୍ମାଣ ହେବା ପ୍ରସ୍ତୁତି ସମୟରେ ସାମ୍ବାଦିକ ତଥା ଲୋକମାନେ ଏପରି ସଙ୍କୁଚିତ ରାସ୍ତା ନ କରିବାକୁ ବାରଣ କରିଥିଲେ । ଏହି ରାସ୍ତାକୁ ଚଉଡା କରାଯାଇ ପାଦଚଲା ରାସ୍ତାକୁ ଏପଟ ସେପଟ ୧୦ଫୁଟ ପରିମାଣରେ ପଛକୁ କରାଯାଉ । ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର କାହାରି କଥାକୁ ନ ଶୁଣି ଠିକାଦାର ନିଜ ମର୍ଜିରେ ଅଣ ଓସାରିଆ ରାସ୍ତାର ଠ କରି ବିଲନେଇ ଚାଲିଗଲେ । ହେଲେ ଏଠାରେ ଅଣ ଓସାରିଆ ରାସ୍ତା ଯୋଗୁ ଲୋକମାନେ ଯାତାୟତରେ ବାଧା ପ୍ରାପ୍ତ ହେଉଛନ୍ତି । ବିଭାଗୀୟ ଅଧିକାରୀ ଜାଣି ମଧ୍ୟ ବେପରୁଆ ଭାବେ ସଙ୍କୁଚିତ ରାସ୍ତା କରି ଯନ୍ତ୍ରୀ ଠିକାଦାର ମାଲେ ମାଲେ ହୋଇଥିବା ବେଳେ ଲୋକମାନେ ଟ୍ରାଫିକ୍ ଜାମ ଯୋଗୁ କେତେବେଳେ ଦୁର୍ଘଟଣାତ କେତେବେଳେ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ମେଡିକାଲ ଯିବାରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ନିଜର ସ୍ୱାର୍ଥ ପ୍ରତି ଗୁରୁତ୍ୱ ନ ଦେଇ ଜନସାଧାରଣଙ୍କ ଜୀବନ ପ୍ରତି ଗୁରୁତ୍ୱ ଦେଇ ଚଉଡା ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

ଦୁର୍ଘଟଣାରେ ମୋଟରଚାଳକ ମୃତ

ଚମ୍ପୁଆ,(ଭାସ୍କର ନ୍ୟୁଜ): ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଛକ ନିକଟରେ ଆଜି ଏକ ସ୍କୁଟି ଗଛରେ ବାଡେଇ ହେବା ଦ୍ୱାରା ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି । ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଘାଗରବେଡ଼ା ଥାନା ଅନ୍ତର୍ଗତ ଧନ୍ୱନ୍ତରୀ ଗ୍ରାମର ସୁବନ ହେସା ଓ ଅନୁଗୁଳ ଜିଲ୍ଲା ତାଳଚେର ନିକଟବର୍ତ୍ତି ଡଅଁରା ଗ୍ରାମର ନରି ତାଳଚେର ଅଞ୍ଚଳରେ ଏକ ସହିତ ଡ୍ରାଇଭର କାମ କରୁଥିଲେ । ତେବେ ସୁବନଙ୍କୁ ବସନ୍ତ ରୋଗ ହେବାରୁ ସେ ଅସୁସ୍ଥ ଅନୁଭବ କରିବାରୁ ନରି ତାଙ୍କୁ ନେଇ ସ୍କୁଟି ଚଳାଇ ତାଙ୍କ ଘର ଧନ୍ୱନ୍ତରୀ ଗ୍ରାମ କୁ ଆସୁଥିବା ବେଳେ ରଜିଆ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ବାଡେଇ ହୋଇ ଯାଇଥିଲେ । ଆହତମାନଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡ଼ାକ୍ତର ନରିଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁବନ ଆହତ ହୋଇଥିବା ଜଣାଯାଇଛି । ଖବର ପାଇ ଚମ୍ପୁଆ ପୋଲିସ ଡ଼ାକ୍ତରଖାନା ପହଞ୍ଚିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଲଙ୍କାଗୁଣ୍ଡ ଫିଙ୍ଗି ଖଣ୍ଡାରେ ହାଣି ୩ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

ପୁରୀର ଏକ ଲଜ୍‌ରୁ ମାଷ୍ଟରମାଇଣ୍ଡ ସହ ୪ ଗିରଫ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଗୋଳନ୍ତୁରା ଥାନା ଅନ୍ତର୍ଗତ ହଳଦିଆପଦର ଜାତୀୟ ପଦର ଇସ୍କନ ମନ୍ଦିର ସାମ୍ନା ସର୍ଭିସ ରୋଡ଼ରେ ଗତ ୨୪ ତାରିଖ ଦିନ ଦ୍ୱିପହରେ କବାଡି ବ୍ୟବସାୟୀ କୁନାଚନ୍ଦ୍ର ଖଟୁଆଙ୍କୁ କିଛି ଦୁର୍ବୃତ୍ତ ଲଙ୍କା ଗୁଣ୍ଡ ଫିଙ୍ଗିବା ସହ ଖଣ୍ଡାରେ ଆକ୍ରମଣ କରି ୩ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପୁରୀର ଏକ ଲଜରୁ ମାଷ୍ଟର ମାଇଣ୍ଡ ସମେତ ୪ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସେମାନେହେଲେ ପଞ୍ଚମା ଗ୍ରାମର ମାଷ୍ଟର ମାଇଣ୍ଡ ପିଣ୍ଟୁ ନାହାକ, ବ୍ରହ୍ମପୁର ଫାଷ୍ଟ ଗେଟ ଅଞ୍ଚଳର କାଳିଆ ସାହୁ, ଆମ୍ବଗଡ଼ର ରୁଦ୍ର ଡାକୁଆ ଓ ଚାଞ୍ଚଡ଼ାପଲ୍ଲୀର ଅଜୟ ଲେଙ୍କା ବୋଲି ପୋଲିସ କହିଛି । ଅଭିଯୁକ୍ତଙ୍କଠାରୁ ପୋଲିସ ଦୁଇଟି ନମ୍ବର ବିହୀନ ଗାଡି ତିନ ଟି ବୋମା ଓ ଦୁଇଟି ଖଣ୍ଡା ଜବତ କରିଛି । ଗତ ୨୪ ତାରିଖ ସାଢେ ୧୧ଟା ବେଳେ କୁନା ତାଙ୍କ ମାଙ୍କ ଅସ୍ପପୋଚାର ପାଇଁ ୩ ଲକ୍ଷ ଟଙ୍କା ଧରି ନିଜ ବାଇକରେ ବ୍ରହ୍ମପୁର ଯାଉଥିବା ବେଳେ ହଳଦିଆପଦର ଇସ୍କନ ମନ୍ଦିର ସାମ୍ନା ସର୍ଭିସ ରୋଡ଼ରେ ଅନ୍ୟ ଏକ ବାଇକରେ ଅସି ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ କୁନାଙ୍କ ମୁହଁକୁ ଲଙ୍କା ଗୁଣ୍ଡା ଫିଙ୍ଗିଥିଲେ । କୁନା ଦୌଡି ପଳାଇଥିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଦୁର୍ବୃତ୍ତମାନେ କୁନାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଏପରିକି କୁନା ଧରିଥିବା ୩ ଲକ୍ଷ ଟଙ୍କା ନେଇ ଘଟଣା ସ୍ଥଳେରୁ ଚମ୍ପଟ ମାରିଥିଲେ । ଘଟଣା ସ୍ଥଳରେ ଗୁରୁତର ଆହତ ଭାବେ ପଡ଼ି ରହିଥିବା କୁନାକୁ ରାଜପଥ ଆମ୍ବୁଲାନ୍ସର ସଦସ୍ୟ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆଇପିଏସ୍ ପ୍ରୋବେସନ ଅଙ୍କିତ କୁମାର ବର୍ମା, ଗୋଳନ୍ତୁରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସେଠାରୁ ଦୁଇଟି ଖଣ୍ଡା, ଗୋଟିଏ ବାଇକ ଜବତ କରିଥିଲେ । ଏହି ଘଟଣାରେ ପୋଲିସ ଜାଣିବାକୁ ପାଇଛି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ।

ସମ୍ପାଦକଙ୍କ ଇସ୍ତଫା ଯୋଗୁ ଅଚଳ ହୋଇପଡ଼ିଛି ସେବା ସମବାୟ ସମିତି

ସାଲେପୁର,(ଭାସ୍କର ନ୍ୟୁଜ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସାଲେପୁର ଶାଖା ଅଧିନରେ ୧୨ଟି ସେବା ସମବାୟ ସମିତି ରହିଅଛି । କର୍ମଚାରୀଙ୍କ ଅଭାବ ଯୋଗୁ ବହୁ ସେବା ସମିତି ଅଚଳ ଅବସ୍ଥାକୁ ଆସିଥିବା ଦେଖିବାକୁ ମିଳିଛି । ସମିତିରେ କ୍ୟାଡ଼ର ସଂପାଦକଙ୍କ ସଂଖ୍ୟା ସିମୀତ ହୋଇପଡ଼ିଥିବା ବେଳେ ବ୍ୟାଙ୍କ ଅଧିନରେ ଥିବା ମିନି ବ୍ୟାଙ୍କ ଗୁଡ଼ିକ ବନ୍ଦ ହୋଇଯାଇଛି । ଏହି ବ୍ୟାଙ୍କ୍ ଅଧିନରେ ରାଇସୁଙ୍ଗୁଡ଼ା ସେବା ସମବାୟ ସମିତିର ବହୁ ପୂର୍ବରୁ ଏକ ସ୍ୱତନ୍ତ୍ରତା ଥିଲା । ଏଠାରେ ଥିବା ମିନି ବ୍ୟାଙ୍କର ଡ଼ିପୋଜିଟ ମଧ୍ୟ ଭଲ ଥିଲା । ମାତ୍ର ଅଧୁନା ଏହି ସୋସାଇଟର ସମ୍ପାଦକ ଏକ ମାସରୁ ଊର୍ଦ୍ଧ୍ୱ ହେଲାଣି ଇସ୍ତଫା ଦେଇଦେଇଛନ୍ତି । ତାଙ୍କ ସ୍ଥାନରେ କାହାକୁ ଅଦ୍ୟାବଧି ନିଯୁକ୍ତି ଦିଆଯାଇନାହିଁ । ସମିତିରେ ଅଚଳ ଅବସ୍ଥା ସୃଷ୍ଟି ହୋଇଛି । ଚାଷୀମାନେ ଖରିଫ୍ ଧାନବିହନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଇସୁଙ୍ଗୁଡ଼ା ଏସ ସିଏସ୍ ଉପରେ ମିର୍ଜାପୁର, ରାଇସୁଙ୍ଗୁଡ଼ା ଓ ପିକୋଳ ପଞ୍ଚାୟତର ଚାଷୀମାନେ ନିର୍ଭର କରିଥାନ୍ତି । ଏହି ଏସସିଏସ୍ ଅଧିନ ଚାଷୀମାନେ ଧାନ ତଳି ପକାଇବା ପାଇଁ ଚାଷଜମି ହଳକରି ହାତବାନ୍ଧି ବସିଛନ୍ତି । ସମିତିର ସମ୍ପାଦକ ପଦ ଖାଲିପଡ଼ି ଥିବାରୁ ଧାନ ବିହନ ଆସିବାରେ ସମସ୍ୟା ଦେଖାଦେଇଛି ବୋଲି ଚାଷୀପ୍ରତିନିଧିମାନେ ପ୍ରକାଶ କରିଛନ୍ତି । ବିଭାଗୀୟ ପ୍ରଶାସନ ଘଟଣାପ୍ରତି ଦୃଷ୍ଟି ଦେଇ ସମିତିକୁ ଚାଷୀଙ୍କ ଆବଶ୍ୟକ ମୁତାବକ ଧାନ ବିହନ ଯୋଗାଇ ଦେବାକୁ ଦାବି ହୋଇଛି ।

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଜନ ସମ୍ପର୍କ ଅଭିଯାନ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ):ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଗିରିଜା ଛକ ସ୍ଥିତ ହୋଟେଲ୍ ମୟୁରୀ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ରେଳ ଚଳାଚଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଯୋର୍ଦଷ ଯୋଗ ଦେଇ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ପରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଜେପି ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଜନ ସମ୍ପର୍କ ଅଭିଯାନ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ବ୍ରହ୍ମପୁର ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ରେଳ ଚଳାଚଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଯୋର୍ଦଷ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପ୍ରଭାରୀ ଅଶୋକ ମିଶ୍ର, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ,ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ବିସ୍ତାରକ ରାମ ପ୍ରସାଦ ନାୟକ,ଜିଲ୍ଲା ଉପସଭାପତି ଡ଼.ସୁବାଷ ସାହୁ, ମନୋଜ ପଟ୍ଟନାୟକ, ସୁନିଲ କୁମାର ସାହୁ,ଜିଲ୍ଲା ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥି, ବାଳକୃଷ୍ଣ ସାମନ୍ତରା, ସୁଶିଳା ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରାଜେଶ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରନ୍ଦଗର୍ଭା ସରସ୍ୱତୀ ଦେବୀ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସୋସିଆଲ ମିଡ଼ିଆ ସଂଯୋଜକ ଜଗଦୀଶ ପ୍ରଧାନ, ଜିଲ୍ଲା ସ୍ୱାସ୍ଥ୍ୟ ସେଲ୍ ସଂଯୋଜକ ରାଜୀବ କୁମାର ମିଶ୍ର, ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର, ଗୋସାଇଁନୂଆଗାଁ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ, ସାନ ବଜାର ମଣ୍ଡଳ ସଭାପତି ସରୋଜ ପାତ୍ର, କମାପଲ୍ଲୀ ମଣ୍ଡଳ ସାଧାରଣ ସମ୍ପାଦକ ଗୋବିନ୍ଦ ସାହୁ, କର୍ପୋରେଟର ରଞ୍ଜିତା ବେହେରା, ବର୍ଷା ବିଦ୍ୟୁସ୍ମିତା ପାଲ, ପ୍ରେମଶିଳା ନନ୍ଦ, ପ୍ରଦୀପ ମିଶ୍ର, ବାଙ୍କାନିଧି ସେଠୀ, ଦିପୁନ୍ ପଟ୍ଟନାୟକ, କେ.ଶ୍ରୀନିବାସ ସୁବୁଦ୍ଧି, ଟି.ରବି କିରଣ, ଏସ୍. ଶ୍ରୀନିବାସ ରାଓ, ରବି ନାରାୟଣ ସାବତ, ସୁନିଲ ମହାରଣା, ଯୋଶେଫ କଟନ୍ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ବ୍ରହ୍ମପୁର ବିଧାନସଭା ଅନ୍ତର୍ଗତ ପ୍ରତ୍ୟକ ୱାର୍ଡ଼ର ପ୍ରମୁଖ, ସହ ପ୍ରମୁଖ, ପ୍ରଭାରୀ ଆଦି ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ବୁଥ୍ ସ୍ତରରେ ସଂଗଠନକୁ ମଜବୁତ କରାଯାଇ ଆଗାମୀ ୨୦୨୪ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବାକୁ ନିଷ୍ପତ୍ତି ହେଇଥିଲା । ମୋଦି ସରକାରଙ୍କ ବହୁମୁଖି ଯୋଜନା ପିଇବା ପାଣି, ବିଜୁଳି, ଗ୍ୟାସ୍, ପାଇଖାନା, ଆବାସ ଯୋଜନା, ଚାଉଳ ଆଦି ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ରୀୟ ଯୋଜନା ଗୁଡ଼ିକୁ ରାଜ୍ୟରେ ଶାସନାଧୀନ ବିଜୁ ଜନତା ଦଳ ସରକାର ଫାଇଦା ନେବା ଅପଚେଷ୍ଟାକୁ ନେତାମାନେ ସମାଲୋଚନା କରିଥିଲେ । କେନ୍ଦ୍ର ମନ୍ତ୍ରୀ ଦର୍ଶନା ଯୋର୍ଦଷ ଜିଲ୍ଲାର ମିଡ଼ିଆ ପ୍ରମୁଖ ଏବଂ ସୋସିଆଲ୍ ମିଡ଼ିଆ ପ୍ରମୁଖଙ୍କ ସହ ବୈଠକ ନେଇଥିଲେ । ଏହା ପୂର୍ବରୁ ସକାଳେ କେନ୍ଦ୍ର ମନ୍ତ୍ରୀ ଦର୍ଶନା ଯୋର୍ଦଷ ବ୍ରହ୍ମପୁର ସହରର ବିଜେପିର ପୁରାତନ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଏବଂ ଜଳପାନ ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତିଙ୍କ ଗାନ୍ଧୀନଗର ଛକ ସ୍ଥିତ ବାସଭବନରେ ଅନୁଷ୍ଠିତ ହେଇଥିଲା । ଏଥିରେ ଦଳର ବରିଷ୍ଠ ନେତା ସତୀଶ ପାତ୍ର,କାମନା ପାଢ଼ୀ,ଅହିଂସା ସାହୁ,ବିଷ୍ଣୁ ସୁବୁଦ୍ଧି, ପ୍ରବୀର ପାତ୍ର, ଶିବ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଶ୍ରୀମନ୍ଦିରକୁ ବାହୁଡିଲେ ଚତୁର୍ଦ୍ଧା ମୁର୍ତ୍ତି

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ଠାରେ ବାହୁଡା ଯାତରା ଅନୁଷ୍ଠିତ ହୋଇଯାଇଛି । ମାଉସୀ ଘରେ ଆଠ ଦିନର ଲିଳା ଖେଳ ସାରି ଭକ୍ତଙ୍କୁ ବିଭିନ୍ନ ଭେଷରେ ଦେଖାଦେଇ ଆଜି ଭାଇ ଭଉଣୀକୁ ସାଥିରେ ଧରି ଶ୍ରୀ ମନ୍ଦିରକୁ ବାହୁଡିଛନ୍ତି ଜଗତର ନାଥ ଶ୍ରୀ ଜଗନ୍ନାଥ ତିନି ଠାକୁରଙ୍କୁ ଦର୍ଶନ କରିବା ପାଇଁ ସକାଳ ଦସଟାରୁ ମାଉସୀ ମାମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟିଥିଲା । ମାଉସୀ ମା'ଙ୍କ ମନ୍ଦିରରେ ଆଠ ଦିନ ଧରି ସକାଳୁ ସନ୍ଧ୍ୟା ଜାଏଁ ଭକ୍ତଙ୍କ ଗହଳି ଚହଳି ଲାଗି ରହିବା ସହ ଭଜନ କିର୍ତ୍ତନରେ ମନ୍ଦିର ପାଖ କମ୍ପି ଉଠୁଥିଲା । ଫଳରେ ଏକ ଆଧ୍ୟାତ୍ମିକ ପରିବେଶ ଶୃଷ୍ଟି ହୋଇ ଥିବା ଦେଖିବାକୁ ମିଳିଥିଲା । ସାଢେ ୧୧ଟା ବେଳେ ରଥ ଦକ୍ଷୀଣ ମୋଡ କରାଜିବା ପରେ ସାଢେ ୩ଟା ବେଳେ ସେବାୟତମାନଙ୍କ ଦ୍ୱାରା ପହଣ୍ଡି କରି ତିନି ଠାକୁରଙ୍କୁ ରଥାରୁଢ କରାଜାଇଥିଲା । ଚାରିଟା ବେଳେ ରଥ ଟଣା ଆରମ୍ଭ ହୋଇଥିଲା । ଜାତୀୟ ରାଜପଥ ପୁରା ଜନ ସମୁଦ୍ର ପାଲଟିଥିବା ବେଳେ ଭକ୍ତଙ୍କ ପ୍ରବଳ ଗହଳି ମଧ୍ୟରେ ରଥ ଜାଇ ସନ୍ଧ୍ୟା ସାତଟାରେ ଶ୍ରୀମନ୍ଦିର ପାଖରେ ଲାଗିଥିଲା । ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ୍ ଓ ଅର୍ଗ୍ନିଶ୍ରମ କର୍ମଚାରିଙ୍କୁ ମୃତୟନ କରାଜାଇଥିଲା ବେଳେ ଏସଡିପିଓ ଅଶ୍ୱିନି ନାୟକ ଓ ଆଇଆଇସି ଶ୍ୱେତ ପଦ୍ମା ସେଠ୍ ଉପସ୍ଥିତ ରହି ପରିସ୍ଥିତି ଉପରେ ଅନୁଧ୍ୟାନ କରିଥିଲେ । ରଥ ଉପରେ ଚଢିବାକୁ ଡାହୁକ ସହ ସାତ ଜଣ ସେବାୟତଙ୍କୁ ଅନୁମତି ଦିଆଜାଇଥିଲା ବେଲେ ରଥକୁ ନିୟନ୍ତ୍ରଣ କରିବା ପାଇଁ ୬ ଜଣ କାଠ କାରିଗରଙ୍କୁ ଦାୟୀତ୍ୱ ଦିଆ ଜାଇଥିଲା । ଲକ୍ଷ୍ମୀପୁର ବ୍ଲକ ସଦର ସର୍ବସାଧାରଣଙ୍କ ତରଫରୁ ଅନ୍ନ ପ୍ରସାଦର ବ୍ୟବସ୍ଥା କରା ଯାଇଥିଲା ବେଳେ ହଜାର ହଜାର ଭକ୍ତ ଅନ୍ନ ଭୋଗ ସେବନ କରିଥିବା ଦେଖିବାକୁ ମିଳିଥିଲା ।

ପରଜଙ୍ଗ ମହାବିଦ୍ୟାଳୟର କୃତିତ୍ୱ

ପରଜଙ୍ଗ,(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ଉତ୍କଳ ବିଶ୍ୱବିଦ୍ୟାଳୟ ଶେଷ ବର୍ଷ କଳା ପରୀକ୍ଷା ରେ ଇତିହାସ ବିଭା

ସାଲେପୁର (ଭାସ୍କର ନ୍ୟୁଜ୍) : ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ପରୀକ୍ଷାଫଳ ପ୍ରକାଶ ପାଇଛି । ଚଳିତବର୍ଷ ବିଜ୍ଞାନରେ ୨୨୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୨୩ଜଣ କୃତକାର୍ଯ୍ୟ ହୋଇଛନ୍ତି । କଳାରେ ୨୪୦ ଜଣରୁ ୨୩୨ଜଣ, ବାଣିଜ୍ୟରେ ୧୯୦ ଜଣରୁ ୧୮୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ବିଜ୍ଞନରେପାସ ହାର ୯୭.୮୧, ବାଣିଜ୍ୟରେ ୯୬.୩୨, ଓ କଳାରେ ୯୬.୬୭ ପାସ ହାର ହୋଇଛି ବୋଲି କଲେଜ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଲେଜ ଅଧ୍ୟକ୍ଷା ଡ଼ଃ ସଂଗୀତା ମିଶ୍ର ସୂଚନା ଦେଇଥିଲେ । ଆୟୋଜିତ ପରୀକ୍ଷାଫଳ ପ୍ରକାଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ମନୋରଂଜନ ଦାଶ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଜେନା, ପ୍ରାଧ୍ୟାପକ ଡ଼ଃ ପ୍ରସନ୍ନ କୁମାର ମହାପାତ୍ର, ଉପ ପରୀକ୍ଷାନିୟନ୍ତ୍ରକ ଡ଼ଃ ସ୍ୱାତୀ ପଣ୍ଡା ଯୋଗଦେଇ ପରୀକ୍ଷା ଫଳ ପ୍ରକାଶନ ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ବିଜ୍ଞାନରେ ଚିନ୍ମୟୀ ବେହେରା, ବାଣିଜ୍ୟରେ କରିସ୍ମା ମଲ୍ଲିକ, କଳାରେ ଅନ୍ନପୂର୍ଣ୍ଣା ସାହୁ ଟପ୍ପର ହୋଇ ବେଷ୍ଟ ଗ୍ରାଜୁଏଟର ମାନ୍ୟତା ହାସଲ କରିଛନ୍ତି । ଅଧ୍ୟକ୍ଷା ଡ଼ଃ ମିଶ୍ରଙ୍କ ସଂଯୋଜନାରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଉମେଶ ଚନ୍ଦ୍ର ପତି , ଉମାକାନ୍ତ ପଣ୍ଡା, ଅଧ୍ୟାପିକା ଜୟନ୍ତୀବାଳା ପରିଜା, ଡ଼ଃ ସୁଶାନ୍ତ କୁମାର ପାଢ଼ୀ, ଡ଼ଃ ସୁଷମାରାଣୀ କର, ଡ଼ଃ ବିଚିତ୍ରାନନ୍ଦ ଦାଶ, ଡ଼ଃ ମନିସା ତ୍ରିପାଠୀ, ସ୍ନେହଲତା ମହାନ୍ତି, ଶିଶିର କୁମାର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମକୁ ଯଯାତି ଲେଙ୍କା, ସଂଜୟ କୁମାର ନାୟକ, ତୁଷାର କୁମାର ମହାନ୍ତି, ସତ୍ୟ ପଟ୍ଟନାୟକ, ହରପ୍ରିୟା ସିଂହ, ଅୟସକାନ୍ତ ଷଡ଼ଙ୍ଗୀ ପ୍ରମୁଖ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

୫ଦିନିଆ ରିମାଣ୍ଡରେ ଗଲେ ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ

ନବରଙ୍ଗପୁର/ଭୁବନେଶ୍ୱର, ୨୮।୬ (ଭାସ୍କର ନ୍ୟୁଜ୍) : ଆୟବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଚାକିରିରୁ ବିଦା ହୋଇଥିବା ନବରଙ୍ଗପୁରର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ ରାଉତଙ୍କୁ ଭିଜିଲାନ୍ସ ୫ଦିନିଆ ରିମାଣ୍ଡରେ ନେଇଛି । ସେ କିପରି କୋଟିକୋଟି ଟଙ୍କା ଠୁଳ କଲେ ଏବଂ ଏହାର ଉତ୍ସ କ'ଣ ସେ ସଂପର୍କରେ ଅବଗତ ହେବା ପାଇଁ ଭିଜିଲାନ୍ସ ତାଙ୍କୁ ଗୁଡେଇତୁଡେଇ ପ୍ରଶ୍ନ କରିବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ ଯେ ତିନି ତଳେ ପ୍ରଶାନ୍ତଙ୍କୁ ଭିଜିଲାନ୍ସ ଗିରଫ କରିଥିଲା । ପ୍ରଶାନ୍ତ ତାଙ୍କ ଆୟ ଠାରୁ ୫୦୬ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା । ତାଙ୍କ ଆୟବର୍ହିଭୁତ ସମ୍ପତ୍ତିର ମୂଲ୍ୟ ୫କୋଟି ୨୧ଲକ୍ଷ ୯ହଜାର ୬୫୯ ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ରାଜ୍ୟ ଭିଜିଲାନ୍ସ ଇତିହାସରେ ଜବତ ହୋଇଥିବା ଟଙ୍କା ମଧ୍ୟରେ ଏହା ଦ୍ୱିତୀୟ ସର୍ବାଧିକ । ତାଙ୍କର ଭୁବନେଶ୍ୱରର କାନନ ବିହାର ଅଞ୍ଚଳରେ ଏକ ଦୁଇ ମହଲା କୋଠା, କଟକ ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ୪ଟି ପ୍ଲଟ, ଉମରକୋଟରେ ଗୋଟିଏ ବେନାମି ପ୍ଲଟ ମଧ୍ୟ ରହିଛି । ତାଙ୍କ ଦୁଇ ପିଲାଙ୍କ ପାଠ ପଢ଼ାରେ ସେ ୮୭ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ତାଙ୍କର ଦୁଇଟି ଚାରିଚକିଆ ଓ ଗୋଟିଏ ଦୁଇ ଚକିଆ ଗାଡି ରହିଛି । ଏହି ୩ଟି ଗାଡିର ମୂଲ୍ୟ ୩୭ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସେହିପରି ତାଙ୍କ ଘରୁ ୨୭.୨୭ଲକ୍ଷ ଟଙ୍କାର ସୁନା, ରୂପା ଅଳଙ୍କାର ଓ ଘରୋଇ ଉପକରଣ ଜବତ କରାଯାଇଛି । ତାଙ୍କର ବ୍ୟାଙ୍କ ଓ ବୀମା ଜମା ବାବଦରେ ୯୨ଲକ୍ଷ ୩୪ହଜାର ଟଙ୍କା ରହିଛି । ଭିଜିଲାନ୍ସ ସୂଚନା ଅନୁସାରେ ଶ୍ରୀ ରାଉତ ୧୯୧୮ ମସିହାରେ ବିସ୍ରା ବ୍ଲକ ବିଡିଓ ଥିବାବେଳେ ୧ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଥିଲେ । ସେହିବର୍ଷ ନଭେମ୍ବର ୬ତାରିଖରେ ତାଙ୍କୁ ନିଲମ୍ବନ କରାଯାଇଥିଲା । ତେବେ ୨୦୨୦ ଜାନୁଆରୀ ୧୮ରେ ନିଲମ୍ବନ ହଟାଯାଇ ତାଙ୍କୁ ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଥିଲା ।

ହାତୀ ଆକ୍ରମଣରେ ମୃତ୍ୟୁକୁ ନେଇ ଉତ୍ତେଜନା, ରାସ୍ତା ଅବରୋଧ

ଢ଼େଙ୍କାନାଳ (ଭାସ୍କର ନ୍ୟୁଜ୍) : ରାଜ୍ୟରେ ହାତୀ-ମଣିଷ ମଧ୍ୟରେ ଲଢ଼େଇ ଜାରି ରହିଛି । କେତେବେଳେ ମଣିଷ ହାତରେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ହାତୀ ଆକ୍ରମଣରେ ମଣିଷ ମୃତ୍ୟୁବରଣ କରୁଛି । ଏହି କ୍ରମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଢ଼େଙ୍କାନାଳ ସଦର ଥାନା ଅନ୍ତର୍ଗତ ଲମ୍ବୋଦରପୁର ଗ୍ରାମ ଛକରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ । ଫଳରେ ଦୀର୍ଘ ୩ଘଣ୍ଟା ଧରି ଢ଼େଙ୍କାନାଳ ଓ ଭାପୁର ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇପଡିଥିଲା । ସୂଚନା ମୁତାବକ ମଙ୍ଗଳବାର ରାତିରେ ଲମ୍ବୋଦରପୁର ଗ୍ରାମର କଳାବତୀ ବିଶ୍ୱାଳ ନାମକ ଜଣେ ମହିଳା ଘର ପଛପଟ ବାଡିକୁ ସୌଚ ହେବାକୁ ଯାଇଥିବା ବେଳେ ହାତୀ ଆକ୍ରମଣ କରିଥିଲା । ତାକୁ ଉଦ୍ଧାର କରିବା ପାଇଁ ପୁଅ ସୂର୍ଯ୍ୟମଣି ଉଦ୍ୟମ କରୁଥିବା ବେଳେ ହାତୀ ତାକୁ ଆକ୍ରମଣ କରିଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟପଟରେ କଳାବତୀଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବୁଧବାର ସକାଳେ ସୂର୍ଯ୍ୟମଣୀର ଶବ ବ୍ୟବଚ୍ଛେଦ ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହକୁ ଲମ୍ବୋଦରପୁର ଛକରେ ରଖି ରାସ୍ତା ଅବରୋଧ କରିଥିଲେ । ସେମାନେ ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଓ ଅନ୍ୟ ପୁଅକୁ ଚାକିରି ଯୋଗାଇବା ଦାବିରେ ଅଡି ବସିଥିଲେ । ଖବର ପାଇଁ ଭାପୁର ଫାଣ୍ଡି ପୋଲିସ ଓ ସଦର ବନାଞ୍ଚଳ କର୍ମଚାରୀ ପହଞ୍ଚି ବୁଝାସୁଝା କରିବା ସହ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସହାୟତା ରାଶି ପ୍ରଦାନ କରିଥିଲେ । ପରେ ହାତୀ ଆକ୍ରମଣ ଜନିତ କ୍ଷତିପୂରଣ ଦିଆଯିବା ନେଇ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା । ସୂଚନାଯୋଗ୍ୟ ଯେ, ଏହି ଅଞ୍ଚଳରେ ବାରମ୍ବାର ହାତୀ ଉପଦ୍ରବ କରୁଥିଲେ ମଧ୍ୟ ବନ କର୍ମଚାରୀମାନେ ଗୁରୁତ୍ୱ ଦେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ମର୍ମନ୍ତୁଦ ଦୁର୍ଘଟଣା

ବରଯାତ୍ରୀଙ୍କ ଉପରେ ମାଡିଗଲା ଟ୍ରକ, ୫ ମୃତ

- ୬ ଆହତ ହସ୍ପିଟାଲରେ ଭର୍ତ୍ତି
- ୩ ଗୁରୁତର କଟକ ସ୍ଥାନାନ୍ତର
- ବିବାହ ବନ୍ଦ, ଫେରିଗଲା ବର
- ମୁଖ୍ୟମନ୍ତ୍ରୀଙ୍କ ସମବେଦନା, ସହାୟତା ରାଶି ଘୋଷଣା

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବସ୍ ଦୁର୍ଘଟଣାକୁ ୪୮ଘଣ୍ଟା ପୂରି ନଥିବା ବେଳେ କେନ୍ଦୁଝର ୨୦ନଂ ଜାତୀୟ ରାଜପଥରେ ପୁଣି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରଚିଛି । କେନ୍ଦୁଝର ପୁରୁଣା ସହରର ସଠିଘର ସାହି ନିକଟରେ ଏହି ଦୁର୍ଘଟଣା ଘଟି ୫ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୯ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆହତ ୬ଜଣଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର ୩ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ସଠିଘର ସାହିର କାର୍ତ୍ତିକ ପାତ୍ରଙ୍କ ଝିଅ ବାହାଘର ପାଇଁ ହରିଚନ୍ଦନପୁର ବ୍ଲକ ମାନପୁର ଗାଁରୁ ବରଯାତ୍ରୀ ବରସହ ରୋଷଣୀ କରି ଆସୁଥିଲେ । ଝିଅଘର ଠାରୁ ମାତ୍ର କିଛି ଦୂରରେ ହଠାତ ଏକ ଦ୍ରୁତଗାମୀ ଟ୍ରକ୍ ବରଯାତ୍ରୀଙ୍କ ଉପରେ ମାଡି ଯାଇଥିଲା । ଫଳରେ ଘଟଣାସ୍ଥଳରେ ୫ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ମଧ୍ୟରେ ବରର ପୁତୁରା ଓ ଜଣେ ବରଯାତ୍ରୀ ରହିଥିବା ବେଳେ ଅନ୍ୟ ୩ଜଣ କନ୍ୟା ଘରର ବୋଲି ସୂଚନା ମିଳିଛି । ମୃତକମାନେ ହେଲେ ମାନପୁର ଗାଁର ଜିତ୍ ପାତ୍ର, କାଳିଆ ମହାନ୍ତ, ରତି ମୁଣ୍ଡା ଏବଂ ସଠିଘରର ଅମ୍ରିତ ପାତ୍ର ଓ ବାପୁନି ଦେହୁରି । ଖବର ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଏହି ଘଟଣା ପରେ ବାହାଘର ବନ୍ଦ ହୋଇଯାଇଥିଲା ଓ ବର ଫେରିଯାଇଥିଲା । ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନି ହେଉଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ । ଏପରିକି ସେଠାରେ ଏକ ଓଭରବ୍ରିଜ ନିର୍ମାଣ କରାଯିବା ପାଇଁ ଦାବି ହେଉଥିଲେ ମଧ୍ୟ ତାହା ନାଲିଫିତା ତଳେ ଚାପି ହୋଇ ରହିଯାଇଛି । ଏହି ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ । ପରେ ପୋଲିସ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ୫ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ଏହି ଘଟଣାପରେ ଉଭୟ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୩ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବା ନେଇ ଘୋଷଣା କରିଛନ୍ତି । ଦୁର୍ଘଟଣାରେ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପୋଲ ତଳକୁ ଖସି ପଡିଲା ମିନି ଟ୍ରକ, ୧୨ ମୃତ

ଭୋପାଳ : ମଧ୍ୟପ୍ରଦେଶରେ ଦତିଆରେ ବୁଧବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏଥିରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଦୂରସଡା ଥାନା ଅନ୍ତର୍ଗତ ବୁହାର ଗାଁରେ ଏହି ଅଘଟଣ ଘଟିଛି । ଖବର ମିଳିବା ପରେ ଜିଲ୍ଲାପାଳ, ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ପୋଲିସ କହିଛି ଯେ, ଦୂରସଡା ଥାନା ବୁହାର ଗାଁ ନିକଟରେ ଏକ ନିର୍ମାଣଧିନ ବ୍ରିଜ୍‌ରେ ମିନି ଟ୍ରକ୍‌ଟି ଦ୍ରୁତ ଗତିରେ ଯାଉଥିବା ବେଳେ ପୋଲ ତଳକୁ ଖସି ପଡିଥିଲା । ଏହି ଟ୍ରକ୍‌ଟିରେ ୩୬ଜଣ ଯାତ୍ରୀ ଥିଲେ । ମିନି ଟ୍ରକ୍‌ଟି ଗ୍ୱାଲିୟର ବିଲହେଟି ଗାଁରୁ ବରଯାତ୍ରୀ ନେଇ ଟିକମଗଡକୁ ଏକ ବିବାହ କାର୍ଯ୍ୟକ୍ରମରେ ଯାଉଥିଲା । ଟ୍ରକ୍‌ଟି ବ୍ରିଜ୍‌ରେ ମାଡ ହେବା ପରେ ଉଫନତି ବୁହରା ନଦୀକୁ ଓଲଟି ପଡିଥିଲା । ଉଦ୍ଧାରକାଳି ଦଳ ସମସ୍ତ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି । ଏଥିସହ ନିଖୋଜ ଥିବା ଲୋକଙ୍କୁ ଖୋଜିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଘଟଣାରେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ଗଭୀର ଶୋକପ୍ରକାଶ କରିଛନ୍ତି । ସେହି ଉଦ୍ଧାରକାର୍ଯ୍ୟର ତଦାରଖ କରିବା ସହ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

ନିମାପଡ଼ାରେ ବିଜେପି-ବିଜେଡ଼ି ସଜାଡୁଛନ୍ତି ସଂଗଠନ

ଆଗାମୀ ସାଧାରଣ ନିର୍ବାଚନ ହେବ ମହାସମର

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଦଳୀୟ କର୍ମୀଙ୍କ ମଧ୍ୟରେ ଭୋଟରଙ୍କୁ ଆକର୍ଷଣ କରିବା ପ୍ରକ୍ରିୟା ଏବେ ଠାରୁ ଜୋର ଧରିଛି । ଦୁଇ ଦଳର କର୍ମୀମାନେ ଘନଘନ ବୈଠକ କରିବା ସହ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଉଥିବା ବେଳେ ବିଜେଡ଼ି ଦଳ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିକାଶ ବାର୍ତ୍ତା ଓ ପ୍ରତି ପଞ୍ଚାୟତରେ ରାଜ୍ୟ ସରକାରଙ୍କର କାର୍ଯ୍ୟ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛି । ବିଭିନ୍ନ ସ୍ଥାନରେ ଦୁଇ ଦଳର କର୍ମୀଙ୍କର ଘନ ଘନ ବୈଠକ ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଏବେଠାରୁ ରାଜନୈତିକ ଉଷ୍ମତା ଦେଖାଦେଇଛି । ବିଜେଡ଼ି ଲୋକପ୍ରିୟତା ଆଗରେ ରହିଥିବା ବେଳେ ଗାଁକୁ କାମ-ମାଆକୁ ସମ୍ମାନ ପ୍ରତି ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କର ବିକାଶକୁ ପାଥେୟ କରି ଜନସାଧାରଣଙ୍କର ନିକଟତର ହୋଇପାରୁଛି । ସେହିପରି ବିଜେପି ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇ ଭୋଟରଙ୍କ ନିକଟତର ହେବା ପାଇଁ ଘନଘନ ବୈଠକ କରୁଛି । ବିଜେଡ଼ି ପ୍ରତି ୱାର୍ଡ଼ ସ୍ତରରେ ସଂଗଠନକୁ ଦୃଢ଼ କରିଥିବା ବେଳେ ରାଜ୍ୟ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାଶ ନିମାପଡ଼ା ନିର୍ବାଚନମଣ୍ଡଳୀ ଗସ୍ତ କରି ୱାର୍ଡ଼ କମିଟି ଗଠନ ଉପରେ ସମୀକ୍ଷା କରିବା ସହ ବିଧାୟକ ସମୀର ରଞ୍ଜନ ଦାଶଙ୍କର ଲୋକପ୍ରିୟତା ଦେଖି ସନ୍ତୁଷ୍ଟି ଲାଭ କରିଛନ୍ତି । ବିଜେପି ମଧ୍ୟ ବିଜେଡ଼ିକୁ ଟକ୍କର ଦେବା ପାଇଁ ତା'ର ଉଦ୍ୟମ ଜାରି ରଖିଛି । ଆଗାମୀ ସାଧାରଣ ନିର୍ବାଚନରେ ମହା ସମର ଘଟିବାର ଏବେ ଠାରୁ ବାରି ହୋଇପଡ଼ିଛି । ମାତ୍ର କଂଗ୍ରେସ ଦଳର କୌଣସି ଠାରେ ବୈଠକ ହେବାର ଦେଖାଯାଉନାହିଁ ।

ବାହୁଡିଲେ ଚତୁର୍ଦ୍ଧାମୂର୍ତ୍ତି

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଆଜି ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ ପବିତ୍ର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚତୁର୍ଦ୍ଧା ମୂର୍ତ୍ତି ୯ ଦିନ ପରେ ମନ୍ଦିରକୁ ଫେରିଛନ୍ତି । ଆସନ୍ତା କାଲି ମନ୍ଦିରରେ ସୁନାବେଶ ଅନୁଷ୍ଠିତ ହେବ । ଆଜି ନିଶ୍ଚିନ୍ତକୋଇଲି ବ୍ଲକର ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ଠାରେ ଶ୍ରୀଶ୍ରୀ ବଳଦେବ ଜୀୟୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସେହିପରି ଭାବେ ଅସ୍ତୁରେଶ୍ୱର ଗ୍ରାମପଞ୍ଚାୟତ କୋଇଲୋସ୍ଥିତ ଶ୍ରୀଶ୍ରୀ ଦଧିବାମନ ଜୀୟୁଙ୍କର ମଧ୍ୟ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୁଣ୍ଡିଚା ମନ୍ଦିରରେ ଯଥାବିଧି ପାରମ୍ପରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇ ପ୍ରଥମେ ବଳଭଦ୍ର ସୁଭଦ୍ରା ଓ ପରେ ଶେଷରେ ଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ଅଣାଯାଇ ରଥାରୁଢ କରାଯାଇଥିଲା । ରଥରେ ଛେରାପହଁରା କରାଯାଇଥିଲା । ପରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ରଥ ଟଣାଯାଇଥିଲା । ସେହିପରି ଭାବେ ନତକାଇ ଛନ୍ଦା ବଜାର ଓ ନେମାଳ ଠାରେ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ଦେଖିବା ନିମନ୍ତେ ଗ୍ରାମାଂଚଳର ଶହ ଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କାରଣରୁ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା ।

ସାଲେପୁରରେ ବାହୁଡ଼ାଯାତ୍ରା

ସାଲେପୁର (ଭାସ୍କର ନ୍ୟୁଜ୍) : ପବିତ୍ର ବାହୁଡ଼ାଯାତ୍ରା ସାଲେପୁରରେ ଅନୁଷ୍ଠିତ ହୋଇଛି । ବେଳହୁଡ଼ା ସ୍ଥିତ ମାଉସୀ ମା'ଙ୍କ ମନ୍ଦିରରୁ ଜୀୟୁ ମାନଙ୍କୁ ବିଧିବିଧାନରେ ରଥାରୁଢ଼ କରାଯାଇଥିଲା । ଭକ୍ତ ଓ ଶ୍ରଦ୍ଧାଳୁମାନେ ରଥକୁ ଟାଣିଟାଣି ଆଣି ମା' ସାହେଶ୍ୱରୀଙ୍କ ମନ୍ଦିର ସନ୍ନିକଟରେ ଥିବା ଜଗନ୍ନାଥଙ୍କ ମନ୍ଦିରଠାରେ ପହଞ୍ଚାଇଥିଲେ । ସାଲେପୁର ଥାନା ପକ୍ଷରୁ ଆଇନଶୃଙ୍ଖଳା ପାଇଁ ସୁରକ୍ଷାବଳ ମୁତୟନ ହୋଇଥିଲେ । ମନ୍ଦିର ପରିଚାଳନା କମିଟି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ସାଲେପୁରର କଟରପା, ଶିଶୁଆ, ବୋଦାମୁଣ୍ଡାଇ, ବହୁଗ୍ରାମ , ପଦ୍ମପୁର ସହ ସାଲେପୁର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ବିଶ୍ୱର ଟପ୍ ୧୫୦ଶିକ୍ଷାନୁଷ୍ଠାନର ତାଲିକା ଘୋଷିତ

୧୪୯ତମ ସ୍ଥାନରେ ମୁମ୍ବାଇ ଆଇଆଇଟି

ନୂଆଦିଲ୍ଲୀ : ବିଶ୍ୱର ଶ୍ରେଷ୍ଠ ୧୫୦ଶିକ୍ଷାନୁଷ୍ଠାନର ନାମ ଘୋଷଣା କରାଯାଇଛି । ସେଥିମ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳମଣି ବରାଳଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋଲଗଡ଼ର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି ଯୋଗଦେଇଥିଲେ । ସେହିପରି ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମାକାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା , ଗେଡିଆପଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦର୍ଶନ ଦାସ, ବିଦ୍ୟାଳୟର ସଭାପତି ଦିଲ୍ଲୀପ କୁମାର ପଣ୍ଡା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟରେ ହୋଇଥିବା କ୍ରୀଡ଼ାରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କାର କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଣନ୍ତି ମହାପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

ଫାଣ୍ଡି ହାଜତରୁ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା
୧୫ ଦିନ ପରେ ବି ପୋଲିସ ଧରିବାରେ ବିଫଳ

ଗୋପ (ଭାସ୍କର ନ୍ୟୁଜ୍) : ଗୋପ ଥାନା ସମେତ ବିଭିନ୍ନ ଥାନାରେ ୩୦ରୁ ଉର୍ଦ୍ଧ୍ୱ ମାମଲା ଥାଇ ଏକ ଚୋରି କେସ୍‌ରେ ଗତ ୧୩ ତାରିଖ ରାତ୍ରିରେ ନୟାହାଟ ଫାଣ୍ଡି ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇ ଫାଣ୍ଡି ହାଜତରେ ଥିବା ଗୋପ ଥାନା ନୟାହାଟ ଫାଣ୍ଡି ଅଧିନ ଧୂମାଳ ଗ୍ରାମର ବିଜୟ ଖଟୋଇ ଗତ ୧୪ ତାରିଖ ଦିନ ପୋଲିସକୁ ଚକ୍‌ମା ଦେଖାଇ ହାଜତରୁ ଚମ୍ପଟ ମାରିଥିଲା । ପରେ ପୁଅକୁ ଦେଖା କରିବାକୁ ଆସି ପୁଅକୁ ଫାଣ୍ଡିରେ ନପାଇ ମା' ଶୈଳବାଳା ପୁଅକୁ ଏନକାଉଣ୍ଟର କରି ପୋଲିସ ମାରିଦେଇଛି ଅଭିଯୋଗ କରି ଫାଣ୍ଡି ଆଗରେ ଧାରଣାରେ ବସିଥିଲେ । ଏହି ଘଟଣାକୁ ନେଇ ପୁରୀ ଏସ୍‌ପି କନ୍ତ୍ରୀର ବିଶାଲ ସଂ ସେଦିନ ଫାଣ୍ଡି ଦାୟିତ୍ୱରେ ଥିବା ରାଜନ ମିଞ୍ଜି ନାମକ ଜଣେ କନେଷ୍ଟବଳଙ୍କୁ ନିଲମ୍ବିତ କରିବା ସହ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନଙ୍କୁ ଗୋପ ଥାନାକୁ ବଦଳି କରିଥିଲେ । ହେଲେ ଘଟଣାକୁ ୧୫ ଦିନ ବିତିଥିଲେ ମଧ୍ୟ ପୋଲିସ ସେହି ଦୁର୍ଦ୍ଧାନ୍ତ ଅପରାଧି ବିଜୟକୁ ଗିରଫ କରିବାରେ ବିଫଳ ହୋଇଛି । ପ୍ରକୃତରେ ଫାଣ୍ଡି ହାଜାତରୁ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଖାଇ ଚମ୍ପଟ ମାରିଛି ନା ସୁପରିକଳ୍ପିତ ଯୋଜନା ଅନୁଯାୟୀ ଅଭିଯୁକ୍ତକୁ ପୋଲିସ ଖସାଇ ଦେଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱାନ୍ତ

ଆସିକା (ଭାସ୍କର ନ୍ୟୁଜ୍) : ବୁଧବାର ଭୋର୍ ପ୍ରାୟ ୩ଟା ବେଳେ ନିଆଁ ଲାଗି ଦୁଇ ପରିବାର ସର୍ବସ୍ୱାନ୍ତ ହେବା ସହ ବହୁ ମୂଲ୍ୟବାନ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି । ସ୍ଥାନୀୟ ଲୋକେ ଫୋନ୍ କରିବାପରେ ଦମକଳ ବାହାନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏଥିମଧ୍ୟରେ ନିଆଁ ଲାଗି ଅମର ଦାସ ଓ ନମିତା ଦାସ ଦୁଇ ଜଣଙ୍କ ତିନୋଟି ଘର ପୋଡି ସଂପୂର୍ଣ୍ଣ ଛାର ଖାର ହୋଇଯାଇଛି । ଏ ଖବର ପାଇ ଆସିକା ଏନ୍‌ଏସି ଅଧକ୍ଷା ଶ୍ରୀମତୀ ସ୍ୱାଇଁ, ଆସିକା ସାଂସଦ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, କାଉନସିଲର ଭାସ୍କର ବେହେରା, ନିଗମା ନନ୍ଦ ରାଉତ ପ୍ରମୁଖ ସେଠାରେ ପହଞ୍ଚି ପୀଡ଼ିତ ପରିବାରଙ୍କୁ ସ୍ୱାନ୍ତନା ଦେବା ସହିତ ରାସନ୍ ଜିନିଷ ଓ କିଛି ଅର୍ଥ ସାହାର୍ଯ୍ୟ କରିଥିଲେ । ଆଗାମୀ ଦିନରେ ଏମାନଙ୍କୁ ବିଜୁ ଆଦର୍ଶ କଲୋନୀର ପକ୍କାଘର ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ।

କିଡ଼ନୀ ରୋଗୀଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ପାଇକଷ୍ଠା ଗ୍ରାମର କିଡ଼ନୀ ରୋଗରେ ପୀଡିତ ଜଗବନ୍ଧୁ ସେଠାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବିପଦର ବନ୍ଧୁ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନାଯୋଗ୍ୟ କି, ଜଗବନ୍ଧୁଙ୍କ ବୟସ ମାତ୍ର ୨୮ ବର୍ଷ, ଗତ କିଛି ମାସ ହେବ କିଡ଼ନୀ ରୋଗରେ ପୀଡିତ ହୋଇ ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି । ଜଗବନ୍ଧୁ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ପିଲା । ତାଙ୍କ ବାପା ଗିରିଧାରୀ ସେଠୀ ମୂଲ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି । ହେଲେ ଗତ ୬ ମାସ ହେଲା ଜଗବନ୍ଧୁ ଅସୁସ୍ଥ ଅନୁଭବ କଲା ପରେ ଡାକ୍ତରଖାନାକୁ ଯାଇକି ଡାକ୍ତରଙ୍କୁ ଦେଖେଇଲା ପରେ ଜଣାପଡିଲା କି ତାଙ୍କର କିଡ଼ନୀ ଖରାପ ହୋଇଯାଇଛି । ଚିକିତ୍ସା ଲାଗି ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଞ୍ଜିନିୟର ଶଙ୍କେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ସଚିବ ସାରଦା ପ୍ରସନ୍ନ ନନ୍ଦ, ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ ଏବଂ ସ୍ୱେଚ୍ଛାସେବୀ ସଦସ୍ୟ ସରୋଜ ନାୟକ ପ୍ରମୁଖ ଜଗବନ୍ଧୁଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ଜଗବନ୍ଧୁ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୀୟସୀ ପ୍ରଶଂସା କରାଯାଇଛି ।

ରାସ୍ତା କାମ ଅଧାରୁ ବନ୍ଦ, ଯାତାୟାତ ଠପ୍

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପୋଖରିଆପଡା ଠାରୁ କୋଠି ଭାୟା ଶ୍ରୀଚନ୍ଦନପୁର, ଭିରଙ୍ଗ ଏବଂ ଗଙ୍ଗାଧରପୁର ରାସ୍ତା କାମଟି ବର୍ଷାଦିନ ପୂର୍ବରୁ ଅଧାପନ୍ତରିଆ ହୋଇ ପଡ଼ିରହିଛି । କେବଳ ମାଟି ପକାଇବା ବ୍ୟତିତ ଅନ୍ୟକାମ ହୋଇପାରିନାହିଁ । ସେହି ରାସ୍ତା ଦେଇ ବ୍ଲକର ନାରଦିଆ, ଗୋଡା, ଜାନକାଦେଇପୁର, ପୋଖରିଆପଡା, ଗଡ଼ହରିଷପୁର ପଞ୍ଚାୟତର ଲୋକମାନେ ପ୍ରତ୍ୟେକ ଦିନ ସହ ସହ ସଂଖ୍ୟାରେ ଏରସମା ସଦର ମହକୁମାକୁ ଯିବା ଆସିବା କରିଥାନ୍ତି । ଏହା ସହିତ ବାଲିକୁଦା ବ୍ଲକର କିଛି ପଞ୍ଚାୟତର ଲୋକମାନେ ପାରାଦ୍ୱୀପ ବନ୍ଦର ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ବର୍ତ୍ତମାନ ଏହି ରାସ୍ତା କାର୍ଯ୍ୟ ଗତ ୨୦୨୨ମସିହା ଡିସେମ୍ବର ମାସରୁ ଆରମ୍ଭ କରାଯାଇଥିଲେ ବି ବର୍ତ୍ତମାନ ସୁଦ୍ଧା କେବଳ ମାଟିକାମ ସାରିଦେଇ ଠିକାଦାର କାମ ଏକ ପ୍ରକାର ବନ୍ଦ କରି ଦେଇଛନ୍ତି । ଟୋପାଏ ବର୍ଷା ହେଲେ ଏହି ରାସ୍ତା ଉପରେ ଯିବା ଏକ ପ୍ରକାର ଅସମ୍ଭବ ହୋଇଯାଉଛି । ବର୍ଷା ଦିନ ଆରମ୍ଭ ହୋଇଯାଇଥିଲେ ଆପ୍ରୋଜ ରୋଡ଼ ତିଆରି ନକରି ଏହି ରାସ୍ତାର କଲଭର୍ଟ ନିର୍ମାଣ କରାଯାଉଛି । ରାସ୍ତାରେ ପଡ଼ି ଅନେକ ଲୋକେ ଖଣ୍ଡିଆ ଖାବରା ହେବାର ନଜରକୁ ଆସିଛି । ବିଭାଗିୟ କନିଷ୍ଠ ଯନ୍ତ୍ରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଠିକାଦାର ଜଣଙ୍କ ବର୍ଷାଦିନ ଆରମ୍ଭ ହେଲେ ସୁଦ୍ଧା ରାସ୍ତା ଉପରେ ସାଧାରଣ ଭାବରେ ଯାତାୟାତର ସୁବିଧା ଏ ପର୍ଯ୍ୟନ୍ତ କରି ନାହିଁନ୍ତି । ଏହି ରାସ୍ତା ବ୍ଲକର ଏକ ପ୍ରମୁଖ ରାସ୍ତା ହୋଇଥିଲେ ବି ଏହା ଉପରେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଜନ ପ୍ରତିନିଧିଙ୍କର ନଜର ପଡୁନଥିବା ଦେଖିବାକୁ ମିଳିଛି । କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲି ନିତି ଯୋଗୁଁ ଜନସାଧାରଣ ହଇରାଣ ହରକତ ହେଉଥିବାରୁ ବିଭିନ୍ନ ମହଲରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

ଭାସିଗଲା ଅସ୍ଥାୟୀ କାଠ ପୋଲ, ଚିନ୍ତାରେ ଗ୍ରାମବାସୀ

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ଟୋଲକବେଡା ଗ୍ରାମ ଟିକିରା ନଦୀ କୂଳରେ ଗ୍ରାମବାସୀଙ୍କ ତରଫରୁ ନିର୍ମାଣଧୀନ ଅସ୍ଥାୟୀ କାଠ ପୋଲ ରବିବାର ଅର୍ଦ୍ଧାଧିକ ଭାସିଯାଇଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଟିକିରା ନଦୀରେ ବଢିପାଣି ଆସିବାରେ ଏହା କାରଣ ହୋଇଛି । ଲଗାଣ ବର୍ଷାକୁ ନେଇ ଅସ୍ଥାୟୀ କାଠ ପୋଲ ଅର୍ଦ୍ଧାଧିକ ଭାସି ଯାଇଥିବାବେଳେ ବେଳେ କିଛି ଅଂଶ ଭାସମାନ ଅବସ୍ଥାରେ ଅଛି । ଆଗକୁ ଏପରି ବର୍ଷା ହେଲେ ଏହି କାଠ ପୋଲ ସମ୍ପୂର୍ଣ୍ଣ ଭାସିଯିବାର ସମ୍ଭାବନା ରହିଛି । ଏହି କାଠ ପୋଲ ବ୍ୟବହୃତ ଅଂଶ ଭାସିଯାଇଥିବା ବେଳେ ପୁନଃ ଅସ୍ଥାୟୀ ପୋଲ ନିର୍ମାଣରେ ଅସୁବିଧା ସୃଷ୍ଟି ହେଉଛି । ଏହି କାଠ ପୋଲର ପ୍ରତି ବଦଳରେ ସରକାର ଓ ପ୍ରଶାସନ ତରଫରୁ ପରିଦର୍ଶନକୁ ନେଇ ଝୁଲା ପୋଲ କରାଗଲେ ଗ୍ରାମବାସୀଙ୍କ ଚିନ୍ତା ହଟିବା ସହିତ ଐତିହାସିକ ସ୍ଥଳର ମର୍ଯ୍ୟାଦା ବୃଦ୍ଧି ପାଇବ ବୋଲି ଗ୍ରାମବାସୀ, ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦୀର୍ଘ ଦିନରୁ ଦାବି କରୁଛନ୍ତି ।

ସିଆର୍‌ପିଙ୍କ ଆତ୍ମହତ୍ୟା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ଝୁଟୁଣା ଗ୍ରାମର ଜନୈକା ଯୁବତୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଗ୍ରାମର ଦୁର୍ଯ୍ୟୋଧନ ରଣସିଂଙ୍କ ଝିଅ ଭାଗ୍ୟଶ୍ରୀ ରଣସିଂ(୨୨) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସିଆରପି ଭାବେ କାର୍ଯ୍ୟରତ ଥିଲେ । ମଙ୍ଗଳବାର ଦିନ ସେ ଘରେ ଥିବା ବେଳେ କୌଣସି କାରଣକୁ ନେଇ ଫାଶୀ ଦେଇ ଜୀବନ ହାରିଥିବା ସୂଚନା ମିଳିଛି । ବାସଗୃହର ୨ୟ ମହଲାରେ ନିଜ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ଦିଆଯାଇଛି । ଖବର ପାଇ ମଞ୍ଜୁରୀରୋଡ଼ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲେ । ଏନେଇ ଭଣ୍ଡାରିପୋଖରୀ ଥାନାରେ ୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ତେବେ କେଉଁ କାରଣରୁ ଭାଗ୍ୟଶ୍ରୀ ଜୀବନ ହାରିଲେ ସେ ନେଇ କିଛି କାରଣ ଜଣା ପଡ଼ିନାହିଁ ।ଏହି ଘଟଣାରେ ଝୁଟଣାରେ ଶୋକର ଛାୟା ଖେଳିଯାଇଛି ।

ବାତ୍ୟାଶ୍ରୟସ୍ଥଳୀରେ ଚାଲିଛି ସ୍କୁଲ

ରାଜନଗର (ଭାସ୍କର ନ୍ୟୁଜ୍) : ସରକାର ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱ ଦେଇ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ମାଗଣାରେ ଖାଇବା, ରହିବା, ପିନ୍ଧିବା ସହ ବିଦ୍ୟାଳୟର ଭିତ୍ତିଭୂମି ସଜାଡି ସ୍ଥାୟୀ କରିବାର ଯଥେଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି । ହେଲେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଈଶ୍ୱରପୁରୁ ପଞ୍ଚାୟତ ଏନ୍ ଶିଳପୋଖରି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଆରମ୍ଭରୁ ନିଜସ୍ୱ ଘର ନଥିବାରୁ ୫୭ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇଜଣ ଶିକ୍ଷକ ବାତ୍ୟାଶ୍ରୟସ୍ଥଳିରେ ପିଲାମାନଙ୍କୁ ପାଠ ପଢାଯାଉଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟର ଘର ନିର୍ମାଣ ନିମନ୍ତେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜାଗା ଖଣ୍ଡେ ମିଳିପାରି ନାହିଁ । ଏନେଇ ସ୍କୁଲ କମିଟିର ଏସ୍‌ଏମ୍‌ସି /ପିଟିଏର ସଭ୍ୟ/ସଭ୍ୟା ଜିଲ୍ଲାପାଳଙ୍କୁ ଜାଗା ପାଇଁ ଲିଖିତ ଦାବିପତ୍ର ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ନିର୍ମାଣ ନିମନ୍ତେ ତହସିଲଦାରଙ୍କୁ ଦରଖାସ୍ତ ଦେଇଥିବା ସୂଚନା ଦେଇଛନ୍ତି । ସେହି ଦରଖାସ୍ତକୁ ଭିତ୍ତି କରି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ ଯେ, ବିଦ୍ୟାଳୟପାଇଁ ପ୍ଲଟନଂ ୨୦୦ର ରକବା ୦.୧୩ସେଣ୍ଟ ଜମି ଦିଆଯିବାକୁ ସ୍ଥିର କରାଯାଇଛି । ସେହି ୦.୧୩ସେଣ୍ଟ ଜମି ମଧ୍ୟରୁ ୬ ସେଣ୍ଟ ରାସ୍ତା ଚାଲିଯାଇଛି, ବଳକା ୭ସେଣ୍ଟ ଜମି ପଟା ହୋଇନଥିଲେ ମଧ୍ୟ ତାହା ବିଦ୍ୟାଳୟ ପାଇଁ ଯଥେଷ୍ଟ ନୁହେଁ । ସେଥିପାଇଁ ସ୍କୁଲ କମିଟି ଓ ଶିକ୍ଷକମାନଙ୍କର ଦାବି ରହିଛି ଖେଳପଡିଆ, ରୋଷେଇ ଘର, ଶୌଚାଳୟ ଆଦି ପାଇଁ ପ୍ଲଟ ନମ୍ବର ୧୯୯ରେ ଥିବା ୨.୦୦ଏକର ଜମି ମଧ୍ୟରୁ ୧ଏକର ଜମି ସ୍କୁଲ ପାଇଁ ଦିଆଯିବାକୁ ଅନୁରୋଧ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ସ୍କୁଲକୁ ଜମି ଦିଆଯାଇ ନଥିବା ବେଳେ ଏହି ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଜବର ଦଖଲ କରି ଚାଲିଛନ୍ତି । ତାଙ୍କ ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ବଦଳରେ ପ୍ରୋତ୍ସାହିତ କରୁଥିବା ଦେଖାଦେଇଛି । ତେଣୁ ପିଲାମାନଙ୍କ ଶିକ୍ଷାର ଭବିଷ୍ୟତ ନିମନ୍ତେ ତୁରନ୍ତ ବିଦ୍ୟାଳୟ ପାଇଁ ଜାଗା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

ରାଜନୈତିକ ହିଂସା, ସମିତି ସଭ୍ୟା ସ୍ୱାମୀଙ୍କୁ ଖଣ୍ଡା ଚୋଟ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ସାଧାରଣ ନିର୍ବାଚନ ଆଗକୁ ଆସୁଥିବା ବେଳେ ଏବେଠାରୁ ରାଜନୈତିକ ହିଂସା ଦେଖିବାକୁ ମିଳିଛି । ସରକାରୀ ଦଳ କର୍ମୀଙ୍କ ଛୁରା ମାଡ଼ରେ ସମିତି ସଭ୍ୟାଙ୍କ ସ୍ୱାମୀ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସମିତି ସଭ୍ୟାଙ୍କ ଅଭିଯୋଗ ଆଧାରରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ଚଢ଼ଉ କରିଥିଲେ ମଧ୍ୟ ପୋଲିସ ଭୟରେ ଆକ୍ରମଣକାରୀମାନେ ଗ୍ରାମରୁ ଫେରାର ଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ବିଜେପି ଦଳ ପକ୍ଷରୁ ମୋଦୀଙ୍କ ବିକାଶ ବାର୍ତ୍ତା ବିଜେପି ଘରେ ଘରେ ବାଣ୍ଟୁଥିବା ବେଳେ ବୁଧବାର ଅପରାହ୍ନ ସମୟରେ ବିଜେପି କର୍ମୀମାନେ ଧଲେଶ୍ୱର ପଞ୍ଚାୟତ ଅରିଲୋ ଗ୍ରାମରେ ଶୋଭାଯାତ୍ରା କରିଥିବା ବେଳେ ଏଥିରେ ସମିତି ସଭ୍ୟା ବେବିନା ଜେନା ଓ ତାଙ୍କ ସ୍ୱାମୀ ରମେଶ ଜେନା ସାମିଲ ହୋଇଥିଲେ । ଗ୍ରାମ ମହାଦେବଙ୍କ ମନ୍ଦିର ଆଗରେ ଶୋଭାଯାତ୍ରା ଯାଉଥିବା ବେଳେ ଅରିଲୋ ଗ୍ରାମର ନୃସିଂହ ବେହେରା, ତାଙ୍କ ନାବାଳକ ପୁଅ, ଫୁଲ ବେହେରା, ପ୍ରଭାତ ବେହେରା ହଠାତ୍ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଖଣ୍ଡା, ଭୁଜାଲି, କଟୁରୀ, ଶାବଳମାନ ଧରି ବିଜେପି କର୍ମୀମାନଙ୍କୁ ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିଲେ । ସମିତି ସଭ୍ୟା ଓ ତାଙ୍କ ସ୍ୱାମୀ ଏହାକୁ ବିରୋଧ କରିବାରୁ ଜୀବନରେ ମାରି ଦେବା ଉଦ୍ଦେଶ୍ୟ ରଖି ସମିତି ସଭ୍ୟାଙ୍କ ସ୍ୱାମୀ ରମେଶଙ୍କୁ ଖଣ୍ଡା ଦ୍ୱାରା ବେକ, ଛାତି ଓ ପେଟକୁ ଆକ୍ରମଣ କରିଥିଲେ । ସମିତି ସଭ୍ୟାଙ୍କୁ ମଧ୍ୟ ଖଣ୍ଡାରେ ହାଣିବାକୁ ଗୋଡ଼ାଇ ଥିଲେ । ସମିତି ସଭ୍ୟାଙ୍କ ସ୍ୱାମୀ ଆହତ ହୋଇ ରାସ୍ତାରେ ପଡ଼ି ସଂଜ୍ଞା ହରାଇଥିବା ବେଳେ ଦଳୀୟ କର୍ମୀମାନେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଚିକିତ୍ସା ହେଉଥିବା ବେଳେ ସମିତି ସଭ୍ୟାଙ୍କୁ ଆକ୍ରମଣକାରୀମାନେ ଟଣାଓଟରା କରି ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିବା ବେଳେ କେତେକ ବିଜେପି କର୍ମୀଙ୍କ ସହାୟତାରେ ସମିତି ସଭ୍ୟା ରକ୍ଷା ପାଇଥିଲେ । ସମିତି ସଭ୍ୟାଙ୍କ ସ୍ୱାମୀ ଗୁରୁତର ଆହତ ଥିବାରୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଏ ସଂପର୍କରେ ସମିତି ସଭ୍ୟା ବେବିନା ଜେନା ନିମାପଡ଼ା ଥାନାରେ ଅଭିଯୋଗ କଲା ପରେ ପୋଲିସ ମାମଲା ରୁଜୁ କରି ଆକ୍ରମଣକାରୀମାନଙ୍କୁ ଗିରଫ କରିବା ପାଇଁ ଅରିଲୋ ଗ୍ରାମରେ ଚଢ଼ଉ ଜାରି ରଖିଛି । ଏହି ଘଟଣା ରାଜନୈତିକ ବିବାଦକୁ କେନ୍ଦ୍ର କରି ଘଟିଥିବା ସମିତି ସଭ୍ୟା ପ୍ରକାଶ କରିଛନ୍ତି । ଏହି ଘଟଣାକୁ କେନ୍ଦ୍ର କରି ବିଜେପି ଦଳ ଓ ସରକାରୀ ଦଳ କର୍ମୀଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଛି । କୌଣସି ମୁହୂର୍ତ୍ତରେ ଦୁଇ ଦଳର କର୍ମୀମାନେ ମୁହାଁମୁହିଁ ହେବାର ଆଶଙ୍କା ଦେଖାଦେଇଛି ।

ଜାତୀୟ ଓ ଅନ୍ତର୍ଜାତୀୟ

ଲକ୍ଷ୍ନୌ: ବୁଧବାର ଉତ୍ତରପ୍ରଦେଶ ସାହାରଣପୁରରେ ଭିମ୍ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଉପରେ ଗୁଳିମାଡ଼ ହୋଇଛି । ଗୁଳି ତାଙ୍କ ପିଠିରେ ବାଜି ବାହାରି ଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । କିଛି ଅଜ୍ଞାତ ବ୍ୟକ୍ତି ଏହି କାଣ୍ଡ ଘଟାଇଛି । ସେ ଏକ ଶୋଭାଯାତ୍ରାରେ ଯୋଗଦେଇଥିବା ବେଳେ ଉକ୍ତ ଦୁର୍ବୃତ୍ତମାନେ ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ । ହରିଆନା ରେଜିଷ୍ଟେସନ ଥିବା ଏକ କା ?ରେ ଦୁର୍ବୃତ୍ତମାନେ ଆସିଥିଲେ । ଗୁଳି ମାଡ଼ର ସ୍ପଷ୍ଟ ଚିହ୍ନ ତାଙ୍କ କାର ସିଟ୍ ଓ ସାଇଟ୍ ଡୋର୍‌ରେ ଦେଖିବାକୁ ମିଳିଛି । ଗୋଟିଏ ଗୁଳି ସିଟ୍ ଭିତରେ ପଶି ଯାଇଥିବା ବେଳେ ଅନ୍ୟଗୁଳି ଡୋର ଭିତରେ ପଶି ଯାଇଛି ।ତେବେ ଚିକିତ୍ସା ପରେ ଚନ୍ଦ୍ରଶେଖର ବିପଦମୁକ୍ତ ଥିବା ସୂଚନା ମିଳିଛି । ସେପଟେ ଘଟଣା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୂରା ଅଞ୍ଚଳକୁ ସିଲ୍ କରି ଅତତାୟୀଙ୍କୁ ଧରିବାକୁ ପୁଲିସ ଚଢ଼ଉ କରୁଛି ।

ଶେଷ ହେଲା ଚନ୍ଦ୍ରଯାନ-୩ର ଅପେକ୍ଷା
ଜୁଲାଇ ୧୩ ତାରିଖରେ ଇସ୍ରୋ କରିବ ଲଞ୍ଚ୍



ବେଙ୍ଗାଲୁରୁ: ଭାରତରେ ଚନ୍ଦ୍ରଯାନ-୩କୁ ନେଇ ଲାଗି ରହିଥିବା ଅପେକ୍ଷା ଶେଷ ହେବାକୁ ଯାଉଛି । ଏହି ମହାକାଶ ଯାନକୁ ଚନ୍ଦ୍ରରେ ଅବତରଣ କରାଯିବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଜୁଲାଇ ୧୩ ତାରିଖରେ ଚନ୍ଦ୍ରଯାନ-୩କୁ ଉତକ୍ଷେପଣ କରିବ । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା କେନ୍ଦ୍ରରୁ ଅପରାହ୍ନ ୨ଟାରେ ଚନ୍ଦ୍ରଯାନ -୩ର ଉତକ୍ଷେପଣ କରାଯିବ । ଯଦି ଚନ୍ଦ୍ରଯାନ-୩ର ସଫଳ ଉତକ୍ଷେପଣ ହେବ ତେବେ ବିଶ୍ୱରେ ଭାରତ ଏହି ମାମଲାରେ ଚତୁର୍ଥ ଦେଶ ଭାବେ ପରିଗଣିତ ହେବ । ଏହା ପୂର୍ବରୁ ରଷିଆ, ଆମେରିକା ଓ ଚାଇନା ନିଜର ମହାକାଶଯାନକୁ ଚନ୍ଦ୍ରରେ ଅବତରଣ କରାଇସାରିଛନ୍ତି । ସୂଚନା ଥାଉକି ଚନ୍ଦ୍ରଯାନ-୨ ଅଭିଯାନ ୨୦୧୯ ଜୁଲାଇ ୨୨ ତାରିଖରେ ଆରମ୍ଭ ହୋଇଥିଲା । ଏହାର ୨ମାସ ପରେ ୨୦୧୯ ସେପଟେମ୍ବର ୭ ତାରିଖରେ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାକୁ ଯାଇ ଦୁର୍ଘଟଣାରେ ଶିକାର ହୋଇଥିଲା । ସେବେଠାରୁ ଭାରତ ପକ୍ଷରୁ ଚନ୍ଦ୍ରଯାନ-୩ ଅଭିଯାନ ପାଇଁ ପ୍ରସ୍ତୁତି ଚଳାଇଛି । ଏନେଇ ଇସ୍ରୋ ମୁଖ୍ୟ ଏସ୍ ସୋମନାଥ କହିଛନ୍ତି କି, ଆମେ ଚନ୍ଦ୍ରଯାନ-୨ ଉତକ୍ଷେପଣରେ ବିଫଳ ହୋଇଛୁ । ପ୍ରତିଥର ଆମେ ସଫଳ ହେବା ଜରୁରୀ ନୁହେଁ । କିନ୍ତୁ ବଡକଥା ହେଉଛି ବିଫଳତାରୁ କିଛି ଶିକ୍ଷାଲାଭ କରି ଆଗକୁ ବଢିବା । ଚନ୍ଦ୍ରଯାନ-୩ ମିଶନରୁ ଆମେ ବହୁତ କିଛି ଶିଖିବାକୁ ପାଇବୁ ।

ଛତିଶଗଡ଼ ସରକାର ଶିକ୍ଷାର ମୂଳଦୁଆକୁ ଦୃଢ଼ କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି

ରାୟପୁର: ମୁସ୍କାନ ସ୍ୱାମୀ ଆତ୍ମାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ମୁସ୍କାନ କହିଛନ୍ତି ଯେ ମାଗଣାରେ ଇଂରାଜୀ ମଧ୍ୟମ ବିଦ୍ୟାଳୟରେ ଭଲ ଶିକ୍ଷା ହେତୁ ପିତାମାତାଙ୍କୁ ଫି' ବିଷୟରେ ଚିନ୍ତା କରିବାକୁ ପଡ଼େନାହିଁ । ଆମେ ଗୁଣାତ୍ମକ ଶିକ୍ଷା ଗ୍ରହଣ କରୁଛୁ, ଯାହା ପୂର୍ବରୁ ଘରୋଇ ବିଦ୍ୟାଳୟରେ ମହଙ୍ଗା ଫି' ସହିତ ଉପଲବ୍ଧ ଥିଲା । ମୁସ୍କାନଙ୍କ ବାପା ଏକ ଅଟୋ ଚାଳନା କରନ୍ତି । ସେ କହିଛନ୍ତି ଯେ ପୂର୍ବ ବିଦ୍ୟାଳୟରେ ଫିସ ଦେବାରେ ବହୁତ ଅସୁବିଧା ହୋଇଥିଲା । କିନ୍ତୁ ବର୍ତ୍ତମାନ ସବୁକିଛି ବହୁତ ଭଲ । ମୁଁ ଏକ ସିଏ ହେବା ପାଇଁ ପଢ଼ିବି ଏବଂ ମୋର ସ୍ୱପ୍ନକୁ ପୂରଣ କରିବି । ମୁସ୍କାନ ପରି ଛାତ୍ରମାନେ ଆଜି ଏକ ଉତ୍ତମ ପରିବେଶରେ ଭଲ ଶିକ୍ଷା ଲାଭ କରୁଛନ୍ତି । କାରଣ ଛତିଶଗଡ ସରକାର ଶିକ୍ଷାର ମୂଳଦୁଆକୁ ଦୃଢ଼ କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ଇଂରାଜୀ ଶିକ୍ଷା ହେଉଛି ଟେକ୍ନୋଲୋଜି, ଏହି ପଦକ୍ଷେପ ସହିତ ଗରିବ ଇଣ୍ଟରନେଟ୍ ଏବଂ ଜଗତୀକରଣ ଯୁଗରେ ଆଜିର ସବୁଠାରୁ ବଡ ଆବଶ୍ୟକତା । ଏହି ଆବଶ୍ୟକତାକୁ ହୃଦୟଙ୍ଗମ କରି ଛତିଶଗଡର ପ୍ରତିଭାକୁ ବିକଶିତ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଛତିଶଗଡ ସରକାର ସ୍ୱାମୀ ଆତ୍ମାନନ୍ଦ ଇଂରାଜୀ ମଧ୍ୟମ ବିଦ୍ୟାଳୟ ଖୋଲିବାକୁ ପଦକ୍ଷେପ ନେଇଥିଲେ । ପିଲାମାନଙ୍କ ପାଇଁ ଇଂରାଜୀ ଭାଷାରେ ଗୁଣାତ୍ମକ ଶିକ୍ଷା ଏବଂ ଶିକ୍ଷା ପାଇବା ସମ୍ଭବ ଅଟେ । ଛତିଶଗଡ ସରକାର ଇଂରାଜୀ ଶିକ୍ଷାର ଉଦ୍ୟମରେ ଖୋଲାଯାଇଥିବା ବିଦ୍ୟାଳୟଗୁଡ଼ିକୁ ଆଦିବାସୀ ପିଲାମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର ପାଇଁ ଜୀବନ ବିତାଇଥିବା ସ୍ୱାମୀ ଆତ୍ମାନନ୍ଦଙ୍କୁ ଉତ୍ସର୍ଗ କରିଛନ୍ତି ।

ପ୍ରବଳ ବର୍ଷା ପରେ ମୁମ୍ବାଇରେ ବଢିଲା ସମସ୍ୟା

ମୁମ୍ବାଇ: ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇ ଏବଂ ଏହାର ନିକଟବର୍ତ୍ତୀ ଥାଣେରେ ବୁଧବାର ସକାଳୁ ପ୍ରବଳ ବର୍ଷା ଜାରିରହିଛି । ବର୍ଷା କାରଣରୁ ଜନଜୀବନ ବ୍ୟାପକଭାବେ ପ୍ରଭାବିତ ହେବାରେ ଲାଗିଛି । ବର୍ଷା କାରଣରୁ ଅନେକ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ମଧ୍ୟ ହୋଇଛି । କିଛି ସ୍ଥାନରେ ଘରେ ପାଣି ପଶିଥିବା ବେଳେ ଆଉ କିଛି ସ୍ଥାନରେ ଘର ଭାଙ୍ଗିମଧ୍ୟ ଯାଇଛି । ସଡକରେ ପାଣି ଜମିବା କାରଣରୁ ଅନ୍ଧେରୀ ଅଞ୍ଚଳରେ ଗାଡିମୋଟର ଯାତାୟତକୁ ରୋକିଦିଆଯାଇଛି । ସେହିପରି ମଲାଡ ଅଞ୍ଚଳରେ ଗଛ ପଡିବା କାରଣରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ।

ମୁମ୍ବାଇ ମହାନଗର ନିଗମ ପକ୍ଷରୁ କୁହାଯାଇଛି ଯେ ଆଗାମୀ ୪ରୁ ୫ ଦିନ ଦେଶର ଆର୍ଥିକ ରାଜଧାନୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ଅଞ୍ଚଳ ଯାଞ୍ଚ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠାରେ କିଛି ସଙ୍କଟ ସ୍ଥିତି ଦେଖାଦିଏ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ।

ୟୁନିଫର୍ମ ସିଭିଲ କୋଡ଼କୁ ଆପ୍‌ର ସମର୍ଥନ

ନୂଆଦିଲ୍ଲୀ: ୟୁନିଫର୍ମ ସିଭିଲ କୋଡ଼(ୟୁସିସି) ବା ସମାନ ଆଚରଣ ସଂହିତା ନେଇ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୟାନ ଦେଇଥିବା ବେଳେ ଏହାକୁ ସମର୍ଥନ ଦେଇଛି ଆମ୍ ଆଦ୍‌ମୀ ପାର୍ଟି । ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେକୁ ପ୍ରତିକ୍ରିୟା ଦେଇ ଆପ୍ ?ର ସାଂଗଠନିକ ସମ୍ପାଦକ ସନ୍ଦୀପ ପାଠକ କହିଛନ୍ତି ୟୁସିସି କାର୍ଯ୍ୟକାରୀ କରିବା ପୂର୍ବରୁ ସମସ୍ତ ଧର୍ମ ଏବଂ ରାଜନୈତିକ ଦଳ ସହ ଆଲୋଚନା କରି ସହମତି ନେବା ଉଚିତ୍ । ସେ କହିଛନ୍ତି "ଆମ୍ ଆଦମୀ ପାର୍ଟି ୟୁସିସିର ଆଦର୍ଶଗତ ଆଭିମୁଖ୍ୟକୁ ସମର୍ଥନ କରେ । ଧାରା ୪୪ରେ ଏହା କୁହାଯାଇଛି ଯେ ୟୁନିଫର୍ମ ସିଭିଲ କୋଡ ରହିବା ଉଚିତ ।

ୟୁକ୍ରେନର ୨ ସହର ଉପରେ ରଷ୍‌ର ମିସାଇଲ୍ ମାଡ଼, ୪ ମୃତ

ନୂଆଦିଲ୍ଲୀ: ଥମିବାର ନାଁ ଧରୁନାହିଁ ରଷ୍-ୟୁକ୍ରେନ ଯୁଦ୍ଧ । କେତେବେଳେ ୟୁକ୍ରେନ, ରଷ୍ ସେନା ଉପରେ ଭାରି ପଡୁଛି ତ ପୁଣି କେତେବେଳେ ମସ୍କୋ ସେନା ଆଟାକ୍ କରୁଛି । ମିସାଇଲ ମାଡ଼ରେ ମାଟିରେ ମିଶୁଛି ବଡ଼ ବିଲ୍ଡିଂ ଓ ସହର । ହଜାର ହଜାର ସଂଖ୍ୟାରେ ନିରୀହ ଜୀବନ ଗୁଳି ମାଡ଼ରେ ଚଳିପଡୁଛନ୍ତି । ଯୁଦ୍ଧରେ ସାମାନ୍ୟ ଶାନ୍ତ ପଡ଼ିଥିବା ରଷ୍ ପୁଣି ଥରେ ପ୍ରୋ-ଆକ୍ଟିଭ ହୋଇଛି । ପ୍ରାଇଭେଟ୍ ସେନାର ଗୃହଯୁଦ୍ଧ ଥମିବା ପରେ ୟୁକ୍ରେନକୁ ଟାର୍ଗେଟ୍ କରିଛି ମସ୍କୋ । ମଙ୍ଗଳବାର ସଂଧ୍ୟାରେ ରଷ୍ ସୈନ୍ୟ ୟୁକ୍ରେନର ଦୁଇଟି ସହର ଉପରେ ଜୋରଦାର ହମଲା କରିଛନ୍ତି । ମିସାଇଲ ମାଡ଼ରେ ଥରି ଉଠିଲା ପୂର୍ବ ୟୁକ୍ରେନର କ୍ରାମାଟୋର୍ସ୍କ ସହର । ଜନଗହଳି ସ୍ଥାନରେ ବାଲଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି । ଏଥିରେ ଜଣେ ଛୋଟ ପିଲା ସହିତ ୫ଜଣଙ୍କ ମୃତ୍ୟୁ ହୋଇଛି । ଏହା ସହିତ ଅନେକ ଲୋକ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି । ସିଏନ୍‌ଏନ୍ ମୁତାବକ ସ୍ଥାନୀୟ ସମୟ ସାଢେ ୭ଟା ବେଳେ ମିସାଇଲ୍ ଆଟାକ୍ ହୋଇଥିଲା । ଜଣେ ଅଧିକାରୀ କହିଛନ୍ତି, ଏହି ହମଲାରେ ସ୍ପଷ୍ଟ ଭାବେ ସୂଚନା ନଥିଲେ ବି ଅତିକମରେ ୪ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ବହୁ ସଂଖ୍ୟାରେ ଆହତ ହୋଇଛନ୍ତି । ସହର ଯେଉଁଠି ମିସାଇଲ୍ ମାଡ଼ ହୋଇଛି, ତାହା କେନ୍ଦ୍ରସ୍ଥଳି । ସେହିପରି ଦ୍ୱିତୀୟ ମିସାଇଲ ସହର ବାହାର ଅଞ୍ଚଳରେ ମାଡ଼ ହୋଇଛି । ୟୁକ୍ରେନର ମନ୍ତ୍ରୀ ଇହୋର କ୍ଲିମେକୋରେ ଟେଲିଗ୍ରାମରେ ଟିପ୍ପଣୀ ଦେଇ କହିଛନ୍ତି, ରଷ୍ ଜାଣିଶୁଣି ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ଟାର୍ଗେଟ୍ କରୁଛି । ହମଲାର କିଛି ସମୟ ପରେ ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର କାମରେ ଲାଗିପଡ଼ିଥିଲା । ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି । ୨୦୨୨ ଫେବ୍ରୁଆରୀ ୨୪ରେ ରଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଥିଲା । ଦେଢ ବର୍ଷରୁ ଅଧିକ ସମୟ ହେଲା ଯୁଦ୍ଧ ଜାରି ରହିଛି । ରଷ୍ ଠାରୁ ୟୁକ୍ରେନ ଅନେକ ସହର ଛଡ଼ାଇ ନେଇଥିଲେ ମଧ୍ୟ ଏବେବି କିଛି ସହରକୁ କବଜା କରିଛି ରଷ୍ ସେନା । କିଛି ଦିନ ଶାନ୍ତି ପରେ ପୁଣି ଥରେ ରଷ୍ ୟୁକ୍ରେନର ସହର ଉପରେ ଜୋରଦାର ହମଲା କରୁଛି ।

୪ ପ୍ରକାର ଭୂତାଣୁ ସୃଷ୍ଟି କରି ବିଶ୍ୱକୁ ଧ୍ୱଂସ କରିବାକୁ ଯୋଜନା କରିଥିଲା ଚୀନ !

ନୂଆଦିଲ୍ଲୀ: ସାରା ବିଶ୍ୱରେ ଏବେ କରୋନା ସଂକ୍ରମଣ ଥମିଯାଇଛି । ହେଲେ କରୋନା ଭୂତାଣୁକୁ ନେଇ ଏବେ ଯେଉଁ ଖବର ଆସିଛି ତାହା ଆପଣଙ୍କୁ ଚକିତ କରିଦେବ । ଚୀନର ବୁହାନ ଇନଷ୍ଟିଚ୍ୟୁଟ୍ ଅଫ୍ ବାୟରୋଲୋଜୀର ବୈଜ୍ଞାନିକ ଦାବି କରିଛନ୍ତି କି, ଚୀନ ଦ୍ୱାରା କରୋନାକୁ ଏକ ଜୈବିକ ଅସ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା । ଏହି କ୍ରମରେ ଲ୍ୟାବରେ ୪ ପ୍ରକାରର ଭିନ୍ନ ଭିନ୍ନ ଷ୍ଟେନ ପ୍ରସ୍ତୁତ କରାଯାଇ ଯାଂଚ କରାଯାଇଥିଲା କି କେଉଁ ଭୂତାଣୁ ସର୍ବାଧିକ ବେଗରେ ସଂକ୍ରମିତ କରୁଛି । ଚାଓ ସାଓ ନାମକ ଏହି ବୈଜ୍ଞାନିକ ଇଣ୍ଟରନ୍ୟାସନାଲ ପ୍ରେସ ଆସୋସିଏସନର ସଦସଞ୍ଚ ଜେନିଫର ଜେଙ୍ଗଙ୍କ ସହ ହୋଇଥିବା ଏକ ଇଣ୍ଟରଭ୍ୟୁରେ ଏଭଳି ଦାବି କରିଛନ୍ତି । ୨୬ ମିନିଟର ଏହି ସ୍ୱତନ୍ତ୍ର ସାକ୍ଷାତକାରରେ ଚାଓ ସାଓ କହିଛନ୍ତି କି କିଭଳି ଅନ୍ୟ ଜଣେ ବୈଜ୍ଞାନିକ ଶାନ ଚାଓ ସ୍ୱୀକାର କରିଛନ୍ତି କି , ତାଙ୍କର ସିନିଅର କିଭଳି ଭାବେ ତାଙ୍କୁ ୪ଟି ଭିନ୍ନ ଭିନ୍ନ ପ୍ରକାରର ଷ୍ଟେନ ଦେଇ ତାଙ୍କୁ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚାଓ ସେଓ ଆହୁରି ଦାବି କରିଛନ୍ତି କି, କିଭଳି ଭାବେ ୨୦୧୯ ରେ ମିଲିଟାରୀ ୱାର୍ଲ୍ଡ ଗେମ୍ସ କ୍ରମରେ ଅନେକ ସହଯୋଗୀ ଗାଏବ ହୋଇଯାଇଥିଲେ । ଗାଏବ ହୋଇଥିବା ବୈଜ୍ଞାନିକଙ୍କ ମଧ୍ୟରୁ କିଛିଦିନ ପରେ ଜଣେ ଫେରିଥିଲେ ଓ ସେ କହିଥିଲେ କି, ତାଙ୍କୁ ଆଥଲେଟମାନଙ୍କର ସ୍ୱାସ୍ଥ୍ୟ ଓ ଖାଦ୍ୟ ପଦାର୍ଥ ଯାଂଚ କରିବାକୁ ହୋଟେଲ ପଠାଯାଇଥିଲା ।

ବାଣିଜ୍ୟ

ନୂଆଦିଲ୍ଲୀ: ବ୍ୟାଙ୍କଗୁଡିକର ଖରାପ ଋଣ ଯଥା ଏନ୍‌ପିଏରେ ବହୁତ ହ୍ରାସ ଘଟିଛି । ଋଣ ଅନୁପାତରେ, ମାର୍ଚ୍ଚ ୨୦୨୩ ଶେଷ ସୁଦ୍ଧା, ବ୍ୟାଙ୍କଗୁଡିକର ଋଣ ୧୦ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ୩.୯ ପ୍ରତିଶତରେ ପହଞ୍ଚିଛି । ଆର୍‌ବିଆଇ ଆର୍ଥିକ ସ୍ଥିରତା ରିପୋର୍ଟ ପ୍ରକାଶ କରିଛି ଯେଉଁଥିରେ ଏହା ସାମ୍ନାକୁ ଆସିଛି । ଆର୍‌ବିଆଇ ଏହାର ରିପୋର୍ଟରେ କହିଛି ଯେ ମୋଟ ଏବଂ ନିଟ୍ ଏନପିଏ ମାର୍ଚ୍ଚ ୨୦୧୮ ରେ ୧୧.୫ ପ୍ରତିଶତ ଏବଂ ୬.୧ ପ୍ରତିଶତରୁ ମାର୍ଚ୍ଚ ୨୦୨୩ ରେ ୩.୯ ପ୍ରତିଶତ ଏବଂ ୧ ପ୍ରତିଶତକୁ ଖସି ଆସିଛି । ଆରବିଆଇ କହିଛି ଯେ ଋଣ ବିପଦ ଉପରେ କରାଯାଇଥିବା ମାକ୍ରୋ ଷ୍ଟ୍ରେସ ଟେଷ୍ଟରୁ ଜଣାପଡିଛି ଯେ ନିର୍ଦ୍ଧାରିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ପର୍ଯ୍ୟାପ୍ତ ପୁଞ୍ଜି ଅଛି ଏବଂ କଠିନ ପରିସ୍ଥିତିରେ ମଧ୍ୟ ସର୍ବନିମ୍ନ ପୁଞ୍ଜି ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ହେବ । ଆରବିଆଇ ଏହାର ରିପୋର୍ଟରେ କହିଛି ଯେ କେତେକ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସଙ୍କଟ, ବିଶ୍ୱ ରାଜନୈତିକ ତିକ୍ତତା ଏବଂ ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁଁ ବିଶ୍ୱ ଅର୍ଥବ୍ୟବସ୍ଥା ଅସ୍ଥିରତାର ସମ୍ମୁଖୀନ ହେଉଛି ।

ଖୁଚୁରା ଆଉଟଲେଟ୍ ନେଟୱାର୍କର ସମ୍ପ୍ରସାରଣ କରୁଛନ୍ତି ପିଏସ୍‌ୟୁ କମ୍ପାନୀ

ନୂଆଦିଲ୍ଲୀ: ଅଗ୍ରଣୀ ପିଏସ୍‌ୟୁ ତୈଳ ମାର୍କେଟିଂ କମ୍ପାନୀଗୁଡିକ ବିପିସିଏଲ୍, ଏଚ୍‌ପିସିଏଲ, ଆଇସିଏଲ୍ ଦେଶରେ ନୂତନ ଖୁଚୁରା ଆଉଟଲେଟ୍ ପ୍ରତିଷ୍ଠା ପାଇଁ ବିଜ୍ଞାପନ ପ୍ରକାଶ କରି ଖୁସି ବ୍ୟକ୍ତ କରିଛନ୍ତି । ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଅନୁଯାୟୀ ପେଟ୍ରୋଲ ଏବଂ ଡିଜେଲର ଚାହିଦା ପୂରଣ କରିବାକୁ ବିଜ୍ଞାପନଗୁଡ଼ିକର ଲକ୍ଷ୍ୟ ରହିଛି । ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବିକ୍ରିର ଚାହିଦା ବର୍ଷ ବର୍ଷ ଧରି ବୃଦ୍ଧି ପାଉଛି । ଦେଶର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ବିକାଶର ସମ୍ମୁଖୀନ ହେବା ସହିତ ଶକ୍ତିର ଆବଶ୍ୟକତା ବହୁଗୁଣିତ ହୋଇଛି । ଫଳସ୍ୱରୂପ, ଏହି ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ପିଏସ୍‌ୟୁ ଗୁଡିକ ସେମାନଙ୍କର ଖୁଚୁରା ଆଉଟଲେଟ୍ ନେଟୱାର୍କର ସମ୍ପ୍ରସାରଣ କାର୍ଯ୍ୟ କରୁଛନ୍ତି । ଏହି ସମ୍ପ୍ରସାରଣ ସହରାଞ୍ଚଳ, ଆଗାମୀ ରାଜପଥ, କୃଷି, ଗ୍ରାମାଞ୍ଚଳ, ଦୂର ତଥା ଦୂର ଦୂରାନ୍ତ ପରି ଉଦୀୟମାନ ବଜାରକୁ ପୂରଣ କରିବ । ଗ୍ରାମାଞ୍ଚଳର କୃଷି ଚାହିଦା ପୂରଣ ତଥା ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ପେଟ୍ରୋଲିୟମ ଉତ୍ପାଦ ସହଜରେ ଉପଲବ୍ଧ ହେବା ନିଶ୍ଚିତ କରିବାକୁ ଏହି ସମ୍ପ୍ରସାରଣର ଲକ୍ଷ୍ୟ ରହିଛି । ଖୁଚୁରା ଆଉଟଲେଟ୍ ନେଟୱାର୍କର ସମ୍ପ୍ରସାରଣ କେବଳ ବଢୁଥିବା ଶକ୍ତି ଆବଶ୍ୟକତାକୁ ସମାଧାନ କରେ ନାହିଁ ବରଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରେ । ଏହି ସୁଯୋଗକୁ ଫର୍ଚୁନ୍ ୫୦୦ କମ୍ପାନୀ ସହିତ ଜଡିତ ହେବା ଏବଂ ଖୁଚୁରା ଆଉଟଲେଟ୍ ଡିଲରସିପ୍ କ୍ଷେତ୍ରରେ ସଫଳ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଉଦ୍ୟୋଗୀମାନେ ଉତ୍ସାହିତ ହୁଅନ୍ତି । ଦେଶରେ ଅର୍ଥନୈତିକ ବିକାଶ ହେତୁ ଜମି ଅଭାବ ହୋଇଗଲାଣି ଏବଂ ଏହା ମଧ୍ୟ ଜମି ମାଲିକମାନଙ୍କ ପାଇଁ ଓଏମସିର ଡିଲରସିପ୍ ସମେତ ବିକଳ୍ପ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରିଥିଲା ।

ମହିଳା ସମ୍ମାନ ସଞ୍ଚୟ ପ୍ରମାଣ ପତ୍ର ଯୋଜନା ବିନିଯୋଗ କଲେଣି ୧୦ଲକ୍ଷରୁ ଅଧିକ ମହିଳା

ନୂଆଦିଲ୍ଲୀ: ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଜମା ଯୋଜନା, ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର ଯୋଜନା ଆରମ୍ଭ କରିବାକୁ ଘୋଷଣା କରିଛନ୍ତି । ଏହି ଯୋଜନା ଏପ୍ରିଲ ୧, ୨୦୨୩ରେ ଆରମ୍ଭ କରାଯାଇଛି । ଗତ ତିନି ମାସ ମଧ୍ୟରେ ମହିଳାମାନଙ୍କ ପାଇଁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ମହିଳା ବିନିଯୋଗ କରିଛନ୍ତି । ଏପର୍ଯ୍ୟନ୍ତ ୧.୦୨୬ ନିୟୁତ ମହିଳା ନିବେଶକ ମହିଳା ସାମମାନ ସଞ୍ଚୟ ପ୍ରମାଣପତ୍ର ଯୋଜନାରେ ମୋଟ ୬,୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛନ୍ତି । ଆଗାମୀ ଦିନରେ ଏହି ଯୋଜନାରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି କାରଣ ସରକାର ସମସ୍ତ ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡ଼ିକୁ ଏବଂ ଏହି ଶାଖାଗୁଡ଼ିକରେ ଏହି ଯୋଜନାକୁ ରୋଲଟ କରିବା ପାଇଁ ଘରୋଇ ବ୍ୟାଙ୍କ ଚୟନ କରିବାକୁ କହିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଯୋଜନାରେ ପୁଞ୍ଜି ବିନିଯୋଗ କେବଳ ଡାକଘର ମାଧ୍ୟମରେ କରାଯାଉଥିଲା । ଅର୍ଥ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆଇଡିବିଆଇ ବ୍ୟାଙ୍କ ସମେତ ସମସ୍ତ ସରକାରୀ କ୍ଷେତ୍ର ବ୍ୟାଙ୍କ ଏହି ଯୋଜନା ଚଳାଇବାକୁ କୁହାଯାଇଛି । ଯୋଜନା ଅନୁଯାୟୀ, ମ

ଖେଳ ଖବର

ହାରାରେ(ଜିମ୍ବାୱେ): ଭାରତରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପର ଅବଶିଷ୍ଟ ୨ ସ୍ଥାନ ପୂରଣ ପାଇଁ ଏଠାରେ ୧୦ ଦଳକୁ ନେଇ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ ଲିଗ ମ୍ୟାଚରେ ସ୍କଟଲାଣ୍ଡକୁ ୮୨ ରନରେ ପରାସ୍ତ କରିଛି ଶ୍ରୀଲଙ୍କା। ଶ୍ରୀଲଙ୍କା ଶେଷ ୪୨ ରନରେ ୬ ୱିକେଟ ହରାଇବା ଯୋଗୁଁ ୪୯.୩ ଓଭରରେ ୨୪୫ ରନ କରି ଅଲଆଉଟ ହୋଇ ଯାଇଥିଲା। ପାଥୁମ ନିଶଙ୍କ ସର୍ବାଧିକ ୭୫ ଓ ଚରିଥ ଆସଲାଙ୍କା ୬୩ ରନ ଯୋଗ କରିଥିଲେ। ସ୍କଟଲାଣ୍ଡ ପକ୍ଷରୁ କ୍ରିସ୍ ଗ୍ରିଭ୍ସ ୩୨ ରନରେ ୪ ଓ ମାର୍କ ୱାଟ୍ ୫୨ ରନରେ ୩ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ସ୍କଟଲାଣ୍ଡ ୧୬୩ ରନରେ ଅଲଆଉଟ ହୋଇ ଯାଇଥିଲା। କ୍ରିସ ଗ୍ରିଭ୍ସ ସର୍ବାଧିକ ଅପରାଜିତ ୫୬ ରନ କରିଥିବା ବେଳେ ଶ୍ରୀଲଙ୍କା ପକ୍ଷରୁ ମାହିଶା ଥିକସାନା ୪୧ ରନରେ ୩, ସ୍ପିନର ୱାନିନ୍ଦୁ ହାସାରଙ୍ଗା ୪୨ ରନ ବିନିମୟରେ ୨ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟ ଲିଗ ମ୍ୟାଚରେ ଆୟର୍ଲାଣ୍ଡ ୪ ୱିକେଟ ହରାଇ କରିଥିଲା ୩୯୪ ରନ। ପଲ ଷ୍ଟାୟରଲିଂ ୧୬୨, ଆଣ୍ଡ୍ରୁ ବାଲବିରିନେ ୬୬ ଓ ହ୍ୟାର ଟେକ୍ଟର ୫୭ ରନ କରି ଥିବା ବେଳେ ୟୁଏଇ ବୋଲର ସଞ୍ଜୁତା ଶର୍ମା ୪୬ ରନରେ ହାସଲ କରିଥିଲେ ସର୍ବାଧିକ ୩ ୱିକେଟ। ପଛରେ ବ୍ୟାଟିଂ କରି ୟୁଏଇ ୩୯ ଓଭର ଖେଳି ୨୧୧ ରନରେ ସମସ୍ତ ୱିକେଟ ହରାଇ ୧୩୮ ରନରେ ହାର ମାନିଛି।

ଓଡିଶା ଟି-୨୦ କ୍ରିକେଟ୍ ଲିଗ୍ ଉଦ୍‌ଯାପିତ; ଓଡିଶା ପାନ୍ଥର୍ସ ଚାମ୍ପିଅନ୍

କଟକ(ଭାସ୍କର ନ୍ୟୁଜ): ସରିଲା ଓଡିଶା ଟି-୨୦ କ୍ରିକେଟ ଲିଗ ପ୍ରତିଯୋଗିତା। ସ୍ଥାନୀୟ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଓଡିଶା ଚିତାସକୁ ୭ ୱିକେଟରେ ପରାସ୍ତ କରି ଓଡିଶା ପାନ୍ଥର୍ସ ଟ୍ରଫି ହାସଲ କରିଛି। ଟସ୍ ଜିତିବା ପରେ ଓଡିଶା ପାନ୍ଥର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତେବେ ଓଡିଶା ପାନ୍ଥର୍ସ ଦଳର ବୋଲିଂକୁ ସଠିକ ମୁକାବିଲା କରି ନ ପାରି ଓଡିଶା ଚିତା ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ କେବଳ ୮୮ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କିଷାନ ରଥ ୨୬ ବଲରୁ ସର୍ବାଧିକ ୩୬ ରନ କରିଥିବା ବେଳେ ଓଡିଶା ପାନ୍ଥର୍ସ ଦଳର ବୋଲର ବାଦଲ ବିଶ୍ୱାଳ ୧୨ ରନରେ ୪ ଓ ଅଭିଶେକ କେ ଯାଦବ ୧୮ ରନ ବିନିମୟରେ ୨ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ଓଡିଶା ପାନ୍ଥର୍ସ ୧୩.୩ ଓଭରରେ ୩ ୱିକେଟ ହରାଇ ୯୧ ରନ କରିବା ସହିତ ସହଜ ବିଜୟ ହାସଲ କରିଥିଲା। ସନ୍ଦିପ ପଟ୍ଟନାୟକ ୪୩ ବଲରୁ ଅପରାଜିତ ୪୦ ଓ ଅମିତ କେ ସାହୁ ୧୧ ବଲରୁ ୨୦ ରନ କରିଥିଲେ। ଓଡିଶା ଚିତାସ ପକ୍ଷରୁ ଶୁଭମ ନାୟକ ୨୧ ରନରେ ୨ ଓ ବିକାଶ ରାଉତ ୧ ୱିକେଟ ଅକ୍ତିଆର କରିଥିଲେ।ଫଳରେ ଓଡିଶା ପାନ୍ଥର୍ସ ୭ ୱିକେଟରେ ଏହି ମ୍ୟାଚ ଜିତି ଟାଇଟଲ ହାସଲ କରିଛି। ଓଡିଶା ପାନ୍ଥର୍ସ ଦଳର ଅଭିଶେକ ଯାଦବ ମ୍ୟାନ ଅଫ ଦି ସିରିଜ ହୋଇଥିବା ବେଳେ ୨୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ସେହିପରି ଓଡିଶା ପାନ୍ଥର୍ସ ଦଳର ବାଦଲ ବିଶ୍ୱାଳ ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହେବା ସହ ୪ ହଜାର ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଓଡିଶା ଚିତାସ ଦଳର ଗୌରବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟର ଓ ଓଡିଶା ଲାୟନ୍ସର ପ୍ରଦୀପ ପ୍ରଧାନ ଶ୍ରେଷ୍ଠ ବୋଲର ବିଚେତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ଜୁନ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୬ ଦଳ- ଓଡିଶା ପାନ୍ଥର୍ସ ,ଓଡିଶା ଚିତାସ, ଓଡିଶା ଲାୟନ୍ସ,ଓଡିଶା ଜାଗୁଆର, ଓଡିଶା ଟାଇଗରସ ଓ ଓଡିଶା ପୁମାସ ଅଂଶ ଗ୍ରହଣ କରିଥିଲେ। ଲିଗ ପର୍ଯ୍ୟାୟ ମୁକାବିଲା ଡବଲ ଲେଗ ଫର୍ମାଟରେ ଆୟୋଜିତ ହୋଇଥିବା ବେଳେ ଏଥିରେ ୩୦ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ସଫଳ ୪ ଦଳ ଖେଳିଥିଲେ ସେମିଫାଇନାଲ। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଦିନେଶ ମଙ୍ଗିଆ (ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଓଡ଼ିଶା ରଣଜୀ ଟ୍ରଫି ଟିମ୍‌ର ମୁଖ୍ୟ କୋଚ୍) ଓ ଡକ୍ଟର ପ୍ରମୋଦ ଚନ୍ଦ୍ର ରଥ (ଅଧ୍ୟକ୍ଷ, ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ), ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବା ବେଳେ ଉଭୟଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନର କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରିଥିଲେ। ଏମାନଙ୍କ ବ୍ୟତୀତ ଓଡ଼ିଶା କ୍ରିକେଟ ଆସୋସିଏସନର ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଇ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଓସିଏର ଆପେକ୍ସ କାଉନସିଲ ସଦସ୍ୟ ରାକେଶ ମହାନ୍ତି ଏବଂ ଓସିଏର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହା ବ୍ୟତୀତ ଓସିଏର ଅନ୍ୟାନ୍ୟ ବିଶିଷ୍ଟ ସଦସ୍ୟ ଧୀରେନ ପଲେଇ, ଶିବବ୍ରତ ମଲ୍ଲିକ ଓ ଅମିତ ବେହେରା ପ୍ରମୁଖ ଉଦ୍‌ଯାପନି ଉତ୍ସବରେ ଉପସ୍ଥିତ ଥିଲେ।

ଦୁଲିପ ଟ୍ରଫି କ୍ରିକେଟ୍ : ମଣିଶଙ୍କର ମୁରାସିଂଙ୍କୁ ୫ ୱିକେଟ୍
କେନ୍ଦ୍ରାଞ୍ଚଳକୁ ୧୮୨ରେ ଅଲ୍‌ଆଉଟ କଲା ପୂର୍ବାଞ୍ଚଳ

ବେଙ୍ଗାଲୁର: ବୁଧବାର ଏଠାରେ ଆରମ୍ଭ ହୋଇଛି ଘରୋଇ ଦୁଲିପ ଟ୍ରଫି କ୍ରିକେଟ ପ୍ରତିଯୋଗିତା। କ୍ୱାର୍ଟରଫାଇନାଲରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ ଖେଳରେ ପୂର୍ବାଞ୍ଚଳ ଦମଦାର ପ୍ରଦର୍ଶନ କରି କେନ୍ଦ୍ରାଞ୍ଚଳକୁ ପ୍ରଥମ ଇନିଂସରେ ୧୮୨ ରନରେ ଅଲଆଉଟ କରି ଦେଇଛି। ଜୀବନର ଦ୍ୱିତୀୟ ଦୁଲିପ ଟ୍ରଫି ଖେଳୁଥିବା ପୂର୍ବାଞ୍ଚଳ ବୋଲର ତ୍ରିପୁରାର ମଣିଶଙ୍କର ମୁରାସିଂ ୪୨ ରନରେ ୫ ୱିକେଟ ଅକ୍ତିଆର କରିବା ଫଳରେ କେନ୍ଦ୍ରାଞ୍ଚଳ ୨୦୦ ରନ ସୀମାରେଖା ଛୁଇଁବା ସମ୍ଭବ ହୋଇ ପାରି ନ ଥିଲା। ତେବେ ପୂର୍ବାଞ୍ଚଳ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିନ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୨ ୱିକେଟ ହରାଇ କରିଛଇ ୩୨ ରନ। ସେହିପରି ଉତ୍ତରାଞ୍ଚଳ ବନାମ ଉତ୍ତର ପୂର୍ବ ଜୋନ ମଧ୍ୟରେ ସ୍ଥାନୀୟ ଚିନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଓପନର ଧ୍ରୁବ ଶୋରେନଙ୍କ ୧୩୫ ଓ ନିଶାନ୍ତ ସିନ୍ଧୁଙ୍କ ଅପରାଜିତ ୭୬ ରନ ବଳରେ ଉତ୍ତରାଞ୍ଚଳ ପ୍ରଥମ ଦିନ ଖେଳ ସମାପ୍ତ ସୁଦ୍ଧା ଅସମାପ୍ତ ପ୍ରଥମ ଇନିଂସରେ ୬ ୱିକେଟ ହରାଇ କରିଛି ୩୦୬ ରନ। ଅବଶିଷ୍ଟ ୱିକେଟ ସହାୟତାରେ ଉତ୍ତରାଞ୍ଚଳ ଏକ ବଡ ସ୍କୋର କରିବା ସମ୍ଭାବନା ସୃଷ୍ଟି ହୋଇଛି।

ଦିନିକିଆ କ୍ରିକେଟ ବିଶ୍ୱକପ; ୯ ପୃଥକ ଷ୍ଟାଡିୟରେ ଖେଳିବା ଭାରତ ପାଇଁ ବିରାଟ ଚାଲେଞ୍ଜ

ନୂଆଦିଲ୍ଲୀ: ଆସନ୍ତା ଅକ୍ଟୋବର-ନଭେମ୍ବରରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ସବୁଠାରୁ ବଡ ଚାଲେଞ୍ଜ। କାରଣ ଏଥିରେ ବିଫଳ ହେଲେ ତାଙ୍କର ଅଧିନାୟକତ୍ୱ ଓ ଭବିଷ୍ୟତ କ୍ରିକେଟ ଜୀବନ ପ୍ରତି ବରାବର ଆଞ୍ଚ ଆସିବ। କାରଣ ବିସିସିଆଇ ବର୍ତ୍ତମାନ ଯୁବ କ୍ରିକେଟରଙ୍କୁ ନେଇ ଏକ ବଡ ଭବିଷ୍ୟତ ଯୋଜନା ଲକ୍ଷ୍ୟରେ ରହିଛି। ସେହି ଦୃଷ୍ଟିରୁ ଭାରତ ସବୁ ମ୍ୟାଚରେ କଡା ଚାଲେଞ୍ଜର ସମ୍ମୁଖୀନ ହେବ। ବିଶ୍ୱକପର ୯ ଲିଗ ମ୍ୟାଚ ୯ ପୃଥକ ଗ୍ରାଉଣ୍ଡରେ ଖେଳିବ ଭାରତ। ଅବଶ୍ୟ ଦେଶର ସ୍ଥାନରେ କ୍ରିକେଟ ପ୍ରେମୀ ନିଜର ପସନ୍ଦ ଖେଳାଳିଙ୍କୁ ଅତି ନିକଟରେ ଦେଖିବାର ସୁଯୋଗ ପାଇବେ। ମାତ୍ର ଗୋଟିଏ ପିଚରେ ଖେଳିବା ପରେ ଭାରତୀୟ ଦଳ ପରବର୍ତ୍ତୀ ମ୍ୟାଚ ପୁଣି ଆଉଏକ ଭିନ୍ନ ଗ୍ରାଉଣ୍ଡ ଓ ପିଚରେ ଖେଳିବେ। ତେଣୁ ନୂଆ ଗ୍ରାଉଣ୍ଡ ,ପିଚ, ନୂଆ ଦଳ ସହିତ ଅଭ୍ୟସ୍ତ ହେବା କଷ୍ଟକର ବ୍ୟାପାର। ଅକ୍ଟୋବର ୫ରୁ ବିଶ୍ୱକପ ଆରମ୍ଭ ହେଉଥିବା ବେଳେ ଉକ୍ତ ମାସ ୮ ତାରିଖ ଦିନ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଖେଳି ଭାରତୀୟ ଦଳ ଆରମ୍ଭ କରିବେ ବିଶ୍ୱକପ ଅଭିଯାନ। ସମସ୍ତ ଦେଶଣ ଖେଳାଳି ଭାରତୀୟ ପିଚରେ ବର୍ଷବର୍ଷ ଧରି ଆଇପିଏଲ ଖେଳି ଆସୁ ଥିବାରୁ ସବୁ ପିଚ ପରିସ୍ଥିତି ସମ୍ପର୍କରେ ସେମାନେ ଭଲଭାବେ ପରିଚିତ। ତେଣୁ ଭାରତୀୟ ଦଳ ସେମାନଙ୍କୁ ମୁକାବିଲା କରିବା ବେଳେ ଭିନ୍ନ ଚାଲେଞ୍ଜର ସମ୍ମୁଖୀନ ହେବେ। ସ୍ପିନରଙ୍କୁ ସୁହାଉଥିବା ଚେନ୍ନାଇ ପିଚରେ ଭାରତ ଆଜି ସୁଦ୍ଧା ୧୪ ଦିନିକିଆ ଖେଳି ୭ ବିଜୟ ୬ ପରାଜୟ ରେକର୍ଡ ରହିଛି। ଅବଶିଷ୍ଟ ଗୋଟିଏ ମ୍ୟାଚ ଫଳାଫଳ ଫଇସଲା ହୋଇ ପାରି ନ ଥିଲା। ଅକ୍ଟୋବର ୧୧ ତାରିଖରେ ନୂଆଦିଲ୍ଲୀର ଅରୁଣ ଜେଟଲ ଗ୍ରାଉଣ୍ଡରେ ଭାରତ ଦ୍ୱିତୀୟ ମ୍ୟାଚ ଆଫଗାନିସ୍ତାନ ବିପକ୍ଷରେ ଖେଳିବ। ଏହା ଏକ ଭଲ ବ୍ୟାଟିଂ ପିଚ। ଏଠାରେ ଭାରତ ୨୧ ମ୍ୟାଚ ଖେଳିଛି। ଏଥିରୁ ୧୩ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୭ ମ୍ୟାଚ ହାରିଛି। ଗୋଟିଏ ମ୍ୟାଚ ଫଳାଫଳ ଫଇସଲା ହୋଇ ପାରି ନ ଥିଲା। ଏହା ପରେ ଅକ୍ଟୋବର ୧୫ ରେ ଗୁଜରାଟର ଅହମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପାକିସ୍ତାନ ବିରୋଧରେ ଭାରତ ଖେଳିବ ତୃତୀୟ ଲିଗ ମ୍ୟାଚ। ନାଲି ଓ କଳା ମାଟିରେ ନିର୍ମିତ ଏହି ପିଚରେ ଭଲ ରନ ସଂଗ୍ରହ ରେକର୍ଡ ରହିଛି। ପାକିସ୍ତାନ ବିପକ୍ଷ ୨୦୦୫ ମ୍ୟାଚରେ ଭାରତ ୩୧୫/୬ ରନ କରିଥିବା ରେକର୍ଡ ରହିଛି। ତେବେ ଏହି ଗ୍ରାଉଣ୍ଡରେ ଭାରତ ୧୮ ମ୍ୟାଚ ଖେଳିଥିବା ବେଳେ ୧୦ ବିଜୟ ଓ ୮ ପରାଜୟ ରେକର୍ଡ ରହିଛି। ସେହିପରି ଅକ୍ଟୋବର ୧୯ ତାରିଖରେ ଭାରତ ମହାରାଷ୍ଟ୍ରର ପୁଣେ ଠାରେ ବିଶ୍ୱକପର ଚତୁର୍ଥ ଲିଗ ମ୍ୟାଚରେ ବାଂଲାଦେଶକୁ ଭେଟିବ। ସ୍ପିନରଙ୍କୁ ସୁହାଉଥିବା ଏହି ପିଚରେ ବାଂଲାଦେଶର ପ୍ରଭାବୀ ସ୍ପିନର ସକିବ ଅଲ ହାସନ, ମେହିଦି ହାସନ ଓ ତାଇଜୁଲ ଇସଲାମ ଭାରତୀୟ ବ୍ୟାଟରଙ୍କୁ କଡା ଚାଲେଞ୍ଜ କରିବେ। ଏଠାରେ ଭାରତ ୭ ଦିନିକିଆ

ଖେଳିଥିବା ବେଳେ ୪ ବିଜୟ ଓ ୩ ପରାଜୟ ରେକର୍ଡ ରହିଛି। ପଞ୍ଚମ ଲିଗ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ ଭାରତ। ଏହି ମ୍ୟାଚ ଅକ୍ଟୋବର ୨୨ ତାରିଖରେ ହିମାଚଳ ପ୍ରଦେଶର ଧର୍ମଶାଳାରେ ଅନୁଷ୍ଠିତ ହେବ। ଏହା ଭଲ ବାଉନ୍ସ ସହିତ ଏକ ଫାଷ୍ଟ ଟ୍ରାକ ପିଚ। କାକର ଏଡି ମ୍ୟାଚ ପାଇଁ ବଡ ଫ୍ୟାକ୍ଟର ହୋଇ ପାରେ। ତେଣଉ ପ୍ରତିପକ୍ଷ ଦଳ ପେସ୍ ବୋଲର ଭାରତୀୟ ବ୍ୟାଟରଙ୍କ ଉପରେ ବଡ ପ୍ରଭାବ ପକାଇବା ସମ୍ଭାବନା ରହିଛି। ଭାରତ ଏଠାରେ ୪ ଦିନିକିଆ ଖେଳି ୨ ବିଜୟ ସହିତ ୨ ମ୍ୟାଚରେ ପରାଜୟ ସ୍ୱିକାର କରିଛି। ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଭାରତ ଅକ୍ଟୋବର ୨୯ ତାରିଖରେ ଷଷ୍ଠ ଲିଗ ମ୍ୟାଚ ଇଂଲଣ୍ଡ ବିପକ୍ଷରେ ଖେଳିବ। ଭାରତ ଏଠାରେ କେବଳ ଗୋଟିଏ ଦିନିକିଆ ଖେଳି ପ୍ରତିପକ୍ଷ ଦଳ ଠାରୁ ହାରିଛି। ସେହିପରି ନଭେମ୍ବର ୨ ତାରିଖରେ ମୁମ୍ବାଇ ଠାରେ ଦ୍ୱିତୀୟ କ୍ୱାଲିଫାୟାର (ସଂପ୍ରତି ଜିମ୍ବାୱେ ଠାରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା) ଦଳ ବିରୋଧରେ ଲଢ଼େଇ କରିବ। ଫ୍ଲାଟ ପିଚ ସହିତ ଭଲ ବୋଲିଂ ଓ ବ୍ୟାଟିଂ ପାଇଁ ଉପଯୋଗୀ । ଭାରତ ଏଠାରେ ଆଜି ସୁଦ୍ଧା ଖେଳିଛି ୨୦ ଦିନିକିଆ। ଏଥିରୁ ୧୧ ମ୍ୟାଚରେ ଭାରତ ବିଜୟୀ ହୋଇ ଥିବା ବେଳେ ୯ ମ୍ୟାଚ ହାରିଛି। କୋଲକାତାର ଇଡେନ ଗାର୍ଡେନରେ ଭାରତ ନଭେମ୍ବର ୫ ତାରିଖ ଦିନ ବିଶ୍ୱକପର ଅଷ୍ଟମ ଲିଗ ମ୍ୟାଚ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଭାରତ ଏଠାରେ ୨୦୧୪ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ୪୦୪/୫ ରନ କରିଥିବା ବେଳେ ୧୯୯୬ ବିଶ୍ୱକପ ସେମିଫାଇନାଲ ମ୍ୟାଚରେ ଶ୍ରୀଲଙ୍କା ଠାରୁ ଅତି ଲଜ୍ଜାଜନକ ପରାଜୟ ଭୋଗିଥିବା ରେକର୍ଡ ରହିଛି। ଭାରତ ଏଡି ଗ୍ରାଉଣ୍ଡରେ ୨୨ ଦିନିକିଆ ଖେଳି ୧୩ ବିଜୟ ହାସଲ କରିଛି। ସେହିପରି ୮ ମ୍ୟାଚ ହାରିଥିବା ବେଳେ ଗୋଟିଏ ମ୍ୟାଚ ଫଳାଫଳ ଫଇସଲା ହୋଇ ପାରି ନ ଥିଲା। ନଭେମ୍ବର ୧୧ ତାରିରେ ଭାରତ ବେଙ୍ଗାଲୁରରେ ଦ୍ୱିତୀୟ କ୍ୱାଲିଫାୟାର (ସଂପ୍ରତି ଜିମ୍ବାୱେ ଠାରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା) ଦଳ ବିରୋଧରେ ନବମ ତଥା ଶେଷ ଲିଗ ମ୍ୟାଚ ଖେଳିବ ଭାରତ। ଯେତେଦୂର ସମ୍ଭବ ଜିମ୍ବାୱେ କିମ୍ବା ଶ୍ରୀଲଙ୍କା ସହିତ ଭାରତ ଏଠାରେ ମୁକାବିଲଶ କରିବା ଅନୁମାନ। ତେବେ ଏହି ଗ୍ରାଉଣ୍ଡରେ ଭାରତ ଖେଳିଛି ୨୧ ଦିନିକିଆ। ଏଥିରୁ ଭାରତ ୧୪ ମ୍ୟାଚରେ ବିଜୟୀ ହୋଇଛି। ସେହିପରି ୫ ମ୍ୟାଚ ହାରି ଥିବା ବେଳେ ଗୋଟିଏ ମ୍ୟାଚ ଫଳାଫଳ ଫଇସଲା ହୋଇ ପାରି ନ ଥିଲା।

ଗ୍ରାଉଣ୍ଡରେ ବେଆଇନ ପ୍ରବେଶ କରି ଅଏଲ ପ୍ରତିବାଦକାରୀଙ୍କ ଝାମେଲା

ଲଣ୍ଡନ: ସ୍ଥାନୀୟ ଲର୍ଡ୍ସ ଗ୍ରାଉଣ୍ଡରେ ବୁଧବାର ଇଂଲଣ୍ଡ -ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚ ଆରମ୍ଭ ହେବା ମାତ୍ରେ ଦୁଇ ଜଣ ଅଏଲ ପ୍ରତିବାଦକାରୀ ହଠାତ ଗ୍ରାଉଣ୍ଡ ଭିତରେ ପ୍ରବେଶ କରି ସରକାରଙ୍କ ତେଲ ନୀତିକୁ ନେଇ ପ୍ରତିବାଦ କରିବା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନ ମ୍ୟାଚର ପ୍ରଥମ ଓଭର ବୋଲିଂ ଶେଷ କରିବା ପରେ ଏହି ଅଘଟଣ ଦେଖିବାକୁ ମିଳିଥିଲା। ଷ୍ଟାଡିୟମରେ ବସିଥିବା 'ଜଷ୍ଟ ଷ୍ଟପ୍ ଅଏଲ'ପ୍ରତିବାଦକାରୀ ଦ୍ୱୟ ସାଙ୍ଗରେ ଆଣିଥିବା ଅରେଞ୍ଜ ପାଉଡର ମଧ୍ୟ ଗ୍ରାଉଣ୍ଡରେ ଫୋପାଡି ଥିଲେ। ତେବେ ଇଂଲଣ୍ଡ ଦଳ ୱିକେଟ କିପର ଜନ୍ନି ବେୟାରଷ୍ଟୋ ଜଣେ ପ୍ରତିବାଦକାରୀଙ୍କୁ ଟେକି ନେଇ ପଡିଆ ବାହାରେ ଛାଡି ଥିବା ବେଳେ ଅନ୍ୟ ପ୍ରତିବାଦକାରୀଙ୍କୁ ଗ୍ରାଉଣ୍ଡ ଷ୍ଟାଫ ଅନ୍ୟ ପ୍ରତିବାଦକାରୀଙ୍କୁ ତୁରନ୍ତ କବଜା କରି ନେଇଥିଲେ। ଜନ୍ନି ବେୟାରଷ୍ଟୋ ସଙ୍ଗେସଙ୍ଗେ ଡ୍ରେସିଂରୁମକୁ ଆସି ଶାର୍ଟ ପରିବର୍ତ୍ତନ କରି ଗ୍ରାଉଣ୍ଡକୁ ଫେରିଥିଲେ। ତେଣୁ କିଛି ସମୟ ପାଇଁ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ଗ୍ରାଉଣ୍ଡ ଷ୍ଟାଫ ଅରେଞ୍ଜ ପାଉଡର ସଫା କରିବା ପରେ ପୁଣି ମ୍ୟାଚ ଆରମ୍ଭ ହୋଇଥିଲା। ଏହି ଘଟଣାରେ ସ୍ଥାନୀୟ ମେଟ୍ରୋପଲିଟାନ ପୋଲିସ ୩ ଜଣକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ ଇଂଲଣ୍ଡ ସରକାରଙ୍କ ତେଲ ନୀତିକୁ ନେଇ 'ଜଷ୍ଟ ଷ୍ଟପ୍ ଅଏଲ' ତେଣୁ ଗୋଷ୍ଠୀ ପକ୍ଷରୁ ପ୍ରତିବାଦ କରା ଯାଉଛି। ସେମାନଙ୍କ ଦାବି ହେଲା ଯେ ସରକାର ନୂଆ ଫୁଏଲ ଲାଇସେନ୍ସିଂ ଓ ପ୍ରଡକସନ ବନ୍ଦ କରନ୍ତୁ। ତେଣୁ ଦେଶର ସମସ୍ତ କ୍ରିକେଟ ପେମୀ ଓ ଏହି ଦାବିକୁ ବୁଝି ପାରୁଥିବା ଅନ୍ୟ ସମସ୍ତ ବ୍ୟକ୍ତିବିଶେଷ ସରକାରଙ୍କର ଏହି ଅନ୍ୟାୟ ବିରୋଧୀ ଅପରାଧ ମୂଳକ କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆମେ ଦାବି କରୁଛୁ ବୋଲି ଏହି ଗୋଷ୍ଠୀ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିନର ୭୭ ଓଭର ଖେଳି ୫ୱିକେଟ ହରାଇ ୩୩୯ରନ୍ କରିଛି।

ଆନ୍ତଃଜିଲ୍ଲା ଦୁର୍ଗା କିସ୍କୁ ଓ ଜିଲ୍ଲା ସ୍ତରରେ ହଟିଂ ଛାତ୍ରଛାତ୍ରୀଙ୍କ ସଫଳତା

କଣିହାଁ (ଭାସ୍କର ନ୍ୟୁଜ୍) : ନିକଟରେ ଆୟୋଜିତ ଆନ୍ତଃ ଜିଲ୍ଲାସ୍ତରୀୟ ପୋଲ୍ ଭଲ୍ଟ (୧୦ ବର୍ଷ ରୁ କମ୍ ବର୍ଗ)ରେ ମା ଭୈରବୀ ବିଦ୍ୟା ମନ୍ଦିରର ଛାତ୍ର ଦୁର୍ଗା ଚରଣ କିସ୍କୁ ନୂଆ ରେକର୍ଡ (୩.୭୦ମି) ପ୍ରତିଷ୍ଠା କରିଛନ୍ତି। ହଟିଂ ଏରିଆ କଣିହାଁର ଡୁମୁନୀ ହାଁସଦା ୮୦୦ ଓ ୨୦୦୦ମି ଦୌଡରେ ପ୍ରଥମ, ପୁନ୍ତା ମାରାଣ୍ଡି ୮୦୦ମି.ରେ ୨ୟ, ଲମ୍ବ ଡିଆଁରେ ୨ୟ, ସରସ୍ୱତୀ ଖୁଣ୍ଟିଆ ସଟ୍ ପୁଟ୍‌ରେ ପ୍ରଥମ, ଡିସ୍‌କସ୍‌ରେ ୨ୟ, ରାଖି ସଟ୍ ପୁଟ୍‌ରେ ୨ୟ, ଡିସ୍କସ୍‌ରେ ପ୍ରଥମ, ମାଇନ ବବଂଗା ଲମ୍ବ ଡିଆଁରେ ୩ୟ, ମାଳତୀ ୧୦୦ମି ଦୌଡରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ତୁଳସୀ ମୁଣ୍ଡା ୮୦୦ମି ଦୌଡରେ ୩ୟ ହୋଇଛନ୍ତି। ଏମାନେ ସମସ୍ତେ ୧୬ ବର୍ଷରୁ

ବିବିଧବର୍ଣ୍ଣା

ଏବେ ମହାକାଶଚାରୀଙ୍କ ପାଇଁ ମହାକାଶରେ ବଞ୍ଚିବା ଆହୁରି ସହଜ ହୋଇଯିବ। ଆମେରିକା ସ୍ପେସ୍ ଏଜେନ୍ସି ନାସା ବଡ ସଫଳତା ହାସଲ କରିଛି। ନାସାର ଇଣ୍ଟର ନ୍ୟାସନାଲ୍ ସ୍ପେସ୍ ସେଣ୍ଟରରେ ରହୁଥିବା ମହାକାଶଚାରୀଙ୍କ ୯୮ ପ୍ରତିଶତ ମୂତ୍ର ଓ ଝାଳକୁ ନେଇ ପାଣିରେ ପରିଣତ କରିବାରେ ବଡ ସଫଳତା ହାସଲ କରିଛନ୍ତି। ମହାକାଶରେ ରହୁଥିବା ମହାକାଶଚାରୀ ପ୍ରତିଦିନ ଖାଇବା ପିଇବା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଯେତିକି ପାଣି ବ୍ୟବହାର କରୁଛନ୍ତି ତାକୁ ପୂରା କରିବା ପାଇଁ ନାସା ଏହିଭଳି ଏକ ପ୍ରୟାସ କରିଛି। ଆଉ ଯେଉଁଥିରେ ନାସାକୁ ସଫଳତା ମିଳିଛି। ମହାକାଶଚାରୀମାନେ ମୂତ୍ର ଏବଂ ଝାଳରୁ ପାଣି ବନାଇବା ପାଇଁ ଏପରି ଏକ ପ୍ରଣାଳିର ବ୍ୟବହାର କରାଯାଇଛି ଯାହା ଏନଭାରମେଣ୍ଟ୍ କଣ୍ଟ୍ରୋଲ ଆଣ୍ଡ୍ ଲାଇଫ୍ ସପୋର୍ଟ ସିଷ୍ଟମ୍ ବା (ଇସିଏଲଏସଏସ୍)ର ଅଂଶ ଅଟେ। ଇସିଏଲଏସଏସ୍ ଯେଉଁ ହାର୍ଡୱେର ସହ ମିଶି ଏହାକୁ ଝାଳରୁ ପିଇବା ପାଣି ପ୍ରସ୍ତୁତ କରୁଛି ସେଥିରେ ୱାଟର ରିକୋଭରୀ ସିଷ୍ଟମ୍ ସାମିଲ ରହିଛି । ଯାହାକି, ନଷ୍ଟ ହୋଇଯାଉଥିବା ପାଣିକୁ ଏକତ୍ରିତ କରିଥାଏ ଏବଂ ଏହାକୁ ୱାଟର ପ୍ରୋସେସରକୁ ପଠାଇଦେଇଥାଏ। ଏହାପରେ ଅବ୍ୟବହୃତ ପାଣି ବ୍ୟବହାର ଉପଯୋଗୀ ହୋଇଥାଏ ।

ଆତ୍ମହତ୍ୟା ଉଦ୍ୟମ କରିଥିଲେ ଜସ୍ମିନ୍ ଭାସିନ୍

'ଦିଲ୍ ସେ ଦିଲ୍ ତକ୍'ର ଯାତ୍ରା କରିବା ହେଉ ଅବା 'ନାଗିନ୍ 'ହୋଇ ସେ ପ୍ରଶଂସକଙ୍କ ହୃଦୟ ଜିତିବା ଆମେ ଟିଭି ଦୁନିଆର ସର୍ବୋତ୍ତମ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜସ୍ମିନ୍ ଭାସିନ୍‌ଙ୍କ ବିଷୟରେ କହୁଛୁ। ୨୮ ଜୁନ୍ ୧୯୯୦ରେ ରାଜସ୍ଥାନର କୋଟାଠାରେ ଜନ୍ମଗ୍ରହଣ କରିଥିବା ଜସ୍ମିନ୍‌ଙ୍କୁ ଆଜି କୌଣସି ପରିଚୟର ଆବଶ୍ୟକତା ନାହିଁ। କିନ୍ତୁ ଏପରି ଏକ ଥିଲା ଯେତେବେଳେ ଜସ୍ମିନ୍ ଅସୁବିଧାରେ ପଡ଼ିବା ପରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଶିଖ୍ ପରିବାରର ଜସ୍ମିନ୍ କୋଟାରୁ ଅଧ୍ୟୟନ କରିଥିଲେ। ଏହା ପରେ ସେ ମଡେଲିଂ ଦୁନିଆରେ ପ୍ରବେଶ କରି ଅନେକ ବିଜ୍ଞାପନରେ କାମ କଲେ। ୨୦୧୧ ମସିହାରେ, ଜସ୍ମିନ୍ ସିଲ୍‌ଭର ସ୍କ୍ରିନ୍‌ରେ କାମ କରିବାକୁ ସୁଯୋଗ ପାଇଥିଲେ। ସେହି ସମୟ ମଧ୍ୟରେ ସେ ତାମିଲ ଚଳଚ୍ଚିତ୍ରରୁ କ୍ୟାରିୟର ଆରମ୍ଭ କରିଥିଲେ । ସେ ପ୍ରଥମେ ତାମିଲ ଚଳଚ୍ଚିତ୍ର 'ବାନାମ'ରେ କାମ କରିଥିଲେ। ଏହା ପରେ ସେ ଦକ୍ଷିଣ ଭାରତର କରୋଡପତି, ବେତା, ଲେଡିଜ୍ ଆଣ୍ଡ ଜେଣ୍ଟେଲମ୍ୟାନ୍, ଜିଲ୍ ଜଙ୍ଗ ଜାକ ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଜସ୍ମିନ୍ ୨୦୧୫ ମସିହାରେ ଟେଲିଭିଜନ୍ ଦୁନିଆରେ ପ୍ରବେଶ କରିବା ପରେ ଘରେ ଘରେ ପରିଚିତି ଲାଭ କରିଥିଲେ। ଜସ୍ମିନ ଟିଭି ଜଗତରେ ସିରିଏଲ 'ତଶାନ-ଇ-ଇଶ୍କ'ରୁ କ୍ୟାରିୟର ଆରମ୍ଭ କରିଥିଲେ, ଯେଉଁଥିରେ ସେ ଟ୍ୱିଙ୍କଲ ତାନେଜା ଭୂମିକାରେ ଅଭିନୟ କରିଥିଲେ। ଏହି ଚରିତ୍ର ପାଇଁ ସେ ଶ୍ରେଷ୍ଠ ଡେବ୍ୟୁ ମହିଳା ପୁରସ୍କାର ମଧ୍ୟ ପାଇଥିଲେ। ଏଥିସହିତ, ୨୦୧୭ ମସିହାରେ ସିଦ୍ଧାର୍ଥ ଶୁକ୍ଲା ଏବଂ ରଶ୍ମୀ ଦେଶାଇ ଷ୍ଟାରର୍ ସୋ 'ଦିଲ୍ ସେ ଦିଲ୍ ତକ୍' ତାଙ୍କୁ ଖ୍ୟାତି ଅର୍ଜନ କରିଥିଲେ। ଏହା ପରେ, ୨୦୧୯ ରେ, ସିରିୟଲ୍ 'ଦିଲ୍ ତୋ ହାପି ହୈ ଜୀ' ତାଙ୍କ ଖ୍ୟାତି ସହିତ ଯୋଡି ହୋଇଗଲା । ଯଦିଓ ଜସ୍ମିନ୍ ବର୍ତ୍ତମାନ ଟିଭି ଦୁନିଆରେ ଏକ ବଡ ନାମ ପାଲଟିଛନ୍ତି, କିନ୍ତୁ ତାଙ୍କ ଯାତ୍ରା ଏତେ ସହଜ ନଥିଲା । ତାଙ୍କ ଜୀବନରେ ଏକ ସମୟ ଥିଲା ଯେତେବେଳେ ସେ ଏକ ଭୟଙ୍କର ପଦକ୍ଷେପ ନେବାକୁ ଚେଷ୍ଟା କଲେ । 'ଖତରୋଁ କି ଖିଲାଡି' କାର୍ଯ୍ୟ ସମୟରେ ଜସ୍ମିନ୍ ଏହା ବିଷୟରେ ଉଲ୍ଲେଖ କରିଥିଲେ। ବାରମ୍ବାର ପ୍ରତ୍ୟାଖ୍ୟାନକୁ ନେଇ ସେ ଡିପ୍ରେସନ୍‌କୁ ଚାଲିଯିବା ସହ ଆତ୍ମହତ୍ୟା ଉଦ୍ୟମ କରିଥିବା କହିଥିଲେ। ତଥାପି, ବର୍ତ୍ତମାନ ସେ ସେହି ପଦକ୍ଷେପକୁ ତାଙ୍କ ଜୀବନର ସବୁଠାରୁ ବଡ ଭୁଲ ବୋଲି ବିବେଚନା କରନ୍ତି।

ଏକସଙ୍ଗେ ପାଲଙ୍ଗ ଓ ପନିର ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ପାଲଙ୍ଗ ପୁଷ୍ଟିକର ଖାଦ୍ୟରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏଥିରେ ଆଇରନ୍, ପୋଟାସିୟମ୍, ପ୍ରୋଟିନ୍, ଫାଇବର ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିଥାଏ । ଯେଉଁଠାରେ ପାନେରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ଭରପୂର ଅଟେ। ଉଭୟ ପାଲଙ୍ଗ ଏବଂ ପ୍ୟାନର୍ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ମଜବୁତ ହୁଏ । କିନ୍ତୁ ଯଦି ଆପଣ ଏହାକୁ ଏକାଠି ମିଶାନ୍ତି, ଏହା ଶରୀର ପାଇଁ ବିଷ ଭଳି କାମ କରେ। ଉଭୟ ଏକାଠି ଖାଇବା ଦ୍ୱାରା ଏହା ପରସ୍ପରର ଭଲ ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ ଏବଂ ଏହା ଶରୀର ପାଇଁ କ୍ଷତି କରିଥାଏ । ପାଲଙ୍ଗ ଏବଂ ପନିରର ଏକ କମ୍ବୋ ରହିବା ଠିକ୍ ନୁହେଁ । ଉଭୟ ସୁସ୍ଥ, ଏହାର ଅର୍ଥ ନୁହେଁ ଯେ ଏକାଠି ଖାଇବା ମଧ୍ୟ ଠିକ ଅଛି। ଉଭୟ ସୁସ୍ଥ, କିନ୍ତୁ ଏକାଠି ଖାଇବା ଦ୍ୱାରା ଏଥିରେ ଥିବା ପୋଷକ ତତ୍ତ୍ୱ ପେଟରେ ସଠିକ୍ ଭାବରେ ଶୋଷିତ ହୁଏ ନାହିଁ। ଏହି ମିଶ୍ରଣରେ ଲୁହା ଏବଂ କ୍ୟାଲସିୟମ୍ ଭରପୂର ଅଟେ। ପାଲଙ୍ଗରେ ଲୌହ ଭରପୂର ଥିବାବେଳେ ପନିର୍‌ରେ କ୍ୟାଲସିୟମ ଥାଏ। ଯେତେବେଳେ ଉଭୟେ ଏକାଠି ଖାଆନ୍ତି, ଶରୀର ଏହାକୁ ସଠିକ୍ ଭାବରେ ହଜମ କରିବାରେ ସକ୍ଷମ ହୁଏ ନାହିଁ। ତେଣୁ ଲୌହର ଲାଭ ନେବା ପରିବର୍ତ୍ତେ, ଆପଣ ଆରାମରେ ପାଲଙ୍ଗ ପନିର୍ କିମ୍ବା କର୍ଣ୍ଣ ପନିର୍ ଖାଇପାରିବେ । ଆୟୁର୍ବେଦ ଅନୁଯାୟୀ, ଭୁଲ ମିଶ୍ରଣର ଖାଦ୍ୟ ଖାଇବା ଉଚିତ୍ ନୁହେଁ। ଏହି କାରଣରୁ, ଆପଣଙ୍କ ଶରୀରକୁ ଶକ୍ତି ପାଇବା ପରିବର୍ତ୍ତେ ଶକ୍ତି କମିଯାଏ । ସେଥିପାଇଁ ଆୟୁର୍ବେଦରେ କିଛି ଖାଦ୍ୟ ସାମଗ୍ରୀ ଏକାଠି ଖାଇବା ବିଷ ବୋଲି ଧରାଯାଏ ।

ଗାଈ କ୍ଷୀର ବିକି ଚାଷୀ ତିଆରି କଲେ କୋଟିଏ ଟଙ୍କାର ବଙ୍ଗଳା

ଗାଈ କ୍ଷୀର ବିକି ଚାଷୀ ହେଲେ କୋଟି ପତି। ଦିନେ ଯେଉଁ ଚାଷୀ ମାତ୍ର ଗୋଟିଏ ଗାଈ ରଖିଥିଲେ ତାଙ୍କ ଗୋଶାଳାରେ ଏବେ ୧୫୦ରୁ ଅଧିକ ଉନ୍ନତମାନର ଗାଈ ରହିଛନ୍ତି। ଏହି ଚାଷୀ ନିଜ ରହିବା ପାଇଁ ଯେଉଁ ଘର ନିର୍ମାଣ କରିଛନ୍ତି, ତାହାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ। ଏହି ଚାଷୀ ଜଣକ ହେଉଛନ୍ତି ମହାରାଷ୍ଟ୍ର ସୋଲାପୁରର ପ୍ରକାଶ ଇମଦେଶ। ତାଙ୍କର ସଫଳ ଗୋପାଳନକୁ ନେଇ ସବୁଠାରେ ଚର୍ଚ୍ଚା। ସେ ତାଙ୍କ ବଙ୍ଗଳା ଉପରେ ଏକ ଗାଈ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ପ୍ରକାଶ ଏଠାରେ ବାପୁ ଭାବେ ବେଶ ପରିଚିତ। ଗୋପୂଜନରୁ ତାଙ୍କ ଦିନର ପ୍ରାରମ୍ଭ ହୋଇଥାଏ। ସେ ପ୍ରଥମେ ଯେଉଁ ଗାଈକୁ ରଖିଥିଲେ ତାହାର ନାମ ଲକ୍ଷ୍ମୀ। ତାହାର ଫଟୋକୁ ପୂଜା ଓ ପ୍ରାର୍ଥନା କରିବା ପରେ ତାଙ୍କୁ ଏଭଳି ସଫଳତା ମିଳିଥିବା ସେ କହିଛନ୍ତି। ସେ ନିର୍ମାଣ କରିଥିବା ବିଶାଳ ବଙ୍ଗଳାର ନାମ ଗୋଧନ ନିବାସ ରଖିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ୪ ଏକର ଜମିରେ ଗୋପାଳନ ଆରମ୍ଭ କରିଥିଲେ। ଏହି ଜମି ଚାଷ ଓ ରହିବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ଥିଲା। ତେବେ ବି ସେ ଏହାକୁ ରହିବା ଓ ଗୋଶାଳା ଆରମ୍ଭ କରିବାକୁ ବାଛିଥିଲେ। ୧୯୯୮ ମସିହାରେ ସେ ଗୋପାଳ ସହ ଗାଈ ଖିର ଓ ଖତ ବିକ୍ରି କରିବା ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଥମେ ପ୍ରଥମେ ସେ ସ୍ଥାନୀୟ ଲୋକଙ୍କୁ ଗାଈ ଖିର ବିକ୍ରି କରୁଥିଲେ। ମାତ୍ର ଗୋଟିଏ ଗାଈରୁ ଏବେ ତାଙ୍କ ଗୋଶାଳାରେ ଗାଈ ସଂଖ୍ୟା ୧୫୦ରୁ ଅଧିକ ହୋଇଛି। ସେ ଦିନକୁ ପ୍ରାୟ ୧ ହଜାର ଲିଟର ଖିର ଉତ୍ପାଦନ କରୁଛନ୍ତି। ତାଙ୍କ ପୂରା ପରିବାର ଗାଈମାନଙ୍କ ଯତ୍ନ ନେବା, ଖିର ବ୍ୟବସାୟକୁ ଆଗକୁ ବଢ଼ାଇବାରେ ନିୟୋଜିତ ଅଛନ୍ତି। ଗୋଶାଳା ଆରମ୍ଭ ଦିନ ଠାରୁ ସେ ତାଙ୍କ ଗୋଶାଳାରୁ ଆଜି ପର୍ଯ୍ୟନ୍ତ କୌଣସି ଗାଈ କିମ୍ବା ବାଛୁରୀକୁ ବିକ୍ରି କରିନାହାନ୍ତି। ୨୦୦୬ରେ ଲକ୍ଷ୍ମୀ(ଗାଈ)ର ମୃତ୍ୟୁ ପରେ ତାହାର ଛୁଆମାନଙ୍କୁ ବଡ଼ କରିବା ସହ ଖିର ବ୍ୟବସାୟକୁ ବଡ଼ ରୂପ ଦେଇଥିଲେ। ତାଙ୍କ ଗୋଶାଳାରେ ଥିବା ଗାଈମାନେ ପ୍ରତ୍ୟେକ ଦିନ ପ୍ରାୟ ୪ରୁ ୫ ଟନ୍ ଘାସ ଖାଇଥାନ୍ତି। ଏହି ଘାସକୁ ସେ ତାଙ୍କ ଚାଷ ଜମିରୁ ଅମଳ କରନ୍ତି, ନଚେତ୍ ଆବଶ୍ୟକ ପଡ଼ିଲେ ବାହାରୁ କିଣନ୍ତି। ତାଙ୍କର ଏହି ଗୋଶାଳା ଓ ଖିର ବ୍ୟବସାୟରେ ଅନେକ ସ୍ଥାନୀୟ ଲୋକଙ୍କୁ ମଧ୍ୟ ନିଯୁକ୍ତି ମିଳିଛି। ଫଳରେ ସେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ରାଜ୍ୟ ବାହାର ବହୁ ଚାଷୀ ତାଙ୍କର ଏହି ସଫଳ ଗୋପାଳନକୁ ଦେଖିବା ନିମନ୍ତେ ଅସୁଛନ୍ତି ଓ ଶିକ୍ଷା ନେଇ ଯାଉଛନ୍ତି। ସେ ଗୋପାଳ କରି କୋଟିପତି ହୋଇପାରିଛନ୍ତି। ପାଖାପାଖି ୧ କୋଟି ଟଙ୍କା ଖର୍ଚ୍ଚ ବିଶାଳ ବଙ୍ଗଳା ତିଆରି କରିଛନ୍ତି। ଯେଉଁଠି ସେ ପରିବାର ସହ ରହୁଛନ୍ତି ଓ ସାଧାରଣ ବ୍ୟକ୍ତି ଅସାଧାରଣ ବ୍ୟକ୍ତିତ୍ୱ ହୋଇପାରିଛନ୍ତି।

ସବୁଠାରୁ ମହଙ୍ଗା ମୁଦ୍ରା ମାମଲାରେ ପଶ୍ଚିମଦେଶ ଠାରୁ ବହୁ ଆଗରେ ରହିଛି ଏହି ଦେଶର ମୁଦ୍ରା । ଏହି ଦେଶର ମୁଦ୍ରା ଏତେ ମଜବୁତ ହେବାର ମୁଖ୍ୟ କାରଣ ହେଉଛି ତେଲ ଓ ପ୍ରାକୃତିକ ଗ୍ୟାସର ଭଣ୍ଡାର । ତେବେ ଆସନ୍ତୁ ଜାଣିବା ବିଶ୍ୱର ସବୁଠାରୁ ମହଙ୍ଗା ମୁଦ୍ରା ବାବଦରେ । ଏହି ଦେଶର ମୁଦ୍ରା ଆଗରେ ଡଲାର ଓ ପାଉଣ୍ଡ ବି ବହୁ ଶସ୍ତା । କୁୱେତର ମୁଦ୍ରା ଦିନାର ବିଶ୍ୱର ସବୁଠାରୁ ମହଙ୍ଗା ମୁଦ୍ରା । ଏହାର ମୂଲ୍ୟ ବୁଝିବାକୁ ହେଲେ ଗୋଟିଏ ଟଙ୍କାର

ସବୁଠାରୁ ମହଙ୍ଗା ମୁଦ୍ରା

ସନ୍ଦର୍ଭରେ ବୁଝିବାକୁ ପଡିବ । ଗୋଟିଏ କୁୱେତି ଦିନାର ଏବେ ୨୬୭ ଟଙ୍କା ସହ ସମାନ । ଏହାର ଏକ୍ସଚେଞ୍ଜ ରେଟ୍ ବାରମ୍ବାର ବଦଳିଥାଏ । ଏହି ମୁଦ୍ରାକୁ ଡଲାର ସହିତ ତୁଳନା କଲେ ଗୋଟିଏ କୁୱେତର ମୂଲ୍ୟ ୩.୨୫ ଡଲାର ସହିତ ସମାନ । କୁୱେତ ବିଶ୍ୱର ସବୁଠାରୁ ବଡ ତେଲ ରପ୍ତାନୀ ଦେଶ ମଧ୍ୟରୁ ଗୋଟିଏ । କୁୱେତ ଦେଶର ଅଧା ଜିଡିପି ତେଲ ଉପରେ ଅଧାରିତ । ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ବାହାରିନ ଦିନାର ।

ଯୁବ ଚାଷୀଙ୍କୁ ଲକ୍ଷପତି କରିଦେଲା ପଦ୍ମ ଫୁଲ

ଉଚ୍ଚ ଶିକ୍ଷିତ। ଚାକିରି ପାଇଁ ଲାଳାୟିତ ନହୋଇ ସ୍ୱାଧୀନ ଭାବେ ନିଜେ କିଛି କରିବାର ଲକ୍ଷ୍ୟ ରଖିଥିଲେ। ଆଉ ୧୦୦ ଟଙ୍କାରେ ଆରମ୍ଭ କରିଥିଲେ ପଦ୍ମଫୁଲ ଚାଷ। ପରିବେଶ ପ୍ରତି ରୁଚି ରଖିଥିବା ପ୍ରଶାନ୍ତ ଦାସ ଦେଶ ବିଦେଶରୁ ପ୍ରାୟ ୨୦୦ ପ୍ରଜାତିର ପଦ୍ମ ଓ ପ୍ରାୟ ୭୦ ପ୍ରକାରର କଇଁ ଫୁଲ ଚାରା ସଂଗ୍ରହ କରି ସଙ୍କରୀକରଣ କରିଛନ୍ତି। ଆଉ ଏବେ ସେ ଏହି ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅଁଳାବେରେଣୀ ଗାଁର ଏହି ପଦ୍ମ ଫୁଲ ଚାଷୀଙ୍କ ନାଁ ପ୍ରଶାନ୍ତ ଦାସ। ବିଜ୍ଞାନରେ ସ୍ନାତକ ପାସ୍ କରିବା ପରେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଆଉ ଏକ ସାମାଜିକ ସଙ୍ଗଠନ ସହିତ ଯୋଡ଼ି ହୋଇଯାଇଥିଲେ। ଅନେକ ଜନ ହିତକର କାର୍ଯ୍ୟ କରିଥିଲେ। ଏଥିସହ ବାପା-ମାଆଙ୍କଠାରୁ ପ୍ରେରଣା ପାଇ ପ୍ରକୃତି ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ ପ୍ରଶାନ୍ତ। ଗାଁ ପୋଖରୀରେ ଫୁଟିଥିବା ପଦ୍ମ ଓ କଇଁ ଫୁଲ ପ୍ରଶାନ୍ତଙ୍କୁ ଆଗକୁ ବଢ଼ିବା ପାଇଁ ରାସ୍ତା ଦେଇଥିଲା। ଆଉ ପଦ୍ମ ଓ କଇଁ ଫୁଲ ଚାଷ କରିବା ପାଇଁ ମନ ବଳାଇଥିଲେ। ବର୍ତ୍ତମାନ ଦେଶ ବିଦେଶରୁ ପ୍ରାୟ ୨୦୦ ପ୍ରଜାତିର ପଦ୍ମ ଓ ପ୍ରାୟ ୭୦ ପ୍ରକାରର କଇଁ ଫୁଲ ଚାରାକୁ ସଂକରୀକରଣ କରି ନିଜ ଘର ଚାରି ପାର୍ଶ୍ୱରେ କୁଣ୍ଡରେ ଚାଷ କରୁଛନ୍ତି, ଯେଉଁ ପଦ୍ମ ଫୁଲର ଚାହିଦା ଥାଇଲାଣ୍ଡ, ୟୁଏସ୍‌ଏ, ମାଲେସିଆ, ଚୀନ୍ ଭଳି ଦେଶରେ ରହିଛି। କେବଳ ସେତିକି ନୁହେଁ, କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରାୟ ୧୦ ହଜାରରୁ ଅଧିକ ଗ୍ରାହକ ଅନ୍‌ଲାଇନ୍‌ରେ ପ୍ରଶାନ୍ତଙ୍କଠାରୁ ପଦ୍ମ ଫୁଲ ଚାରା ନେଇଛନ୍ତି। ପ୍ରଶାନ୍ତ ଉଭୟ ଅନଲାଇନ ଓ ଅଫ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ କୋରିଅର ଓ ସ୍ପିଡ୍ ପୋଷ୍ଟ ଜରିଆରେ ପଦ୍ମ ଫୁଲ ଚାରା ଗୁଡିକ ପଠାଉଛନ୍ତି। ୨ ହଜାର ଟଙ୍କାରୁ ଆରମ୍ଭ କରି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପଦ୍ମ ଫୁଲ ଚାରା ଦାମ୍ ରହିଛି ବୋଲି ପ୍ରଶାନ୍ତ ଦାସ କହିଛନ୍ତି। ପଦ୍ମ ଫୁଲ ଚାଷରେ ପ୍ରଶାନ୍ତଙ୍କୁ ପତ୍ନୀ ଓ ପରିବାର ଲୋକ ସହଯୋଗ କରୁଛନ୍ତି। ଦିନେ ୧୦୦ ଟଙ୍କାରୁ ଆରମ୍ଭ କରିଥିବା ଏହି ଚାଷ ଆଜି ଲକ୍ଷ ଲକ୍ଷ ଟଙ୍କାର ରୋଜଗାର ଦେଇ ପାରିଛି। ଆଶା, ଆକାଂକ୍ଷା ଓ ସମ୍ଭାବନାକୁ ପାଥେୟ କରି ପ୍ରଶାନ୍ତ ଆଜି ଜଣେ ସଫଳ ପଦ୍ମ ଚାଷୀ ହୋଇପାରିଛନ୍ତି। ତାଙ୍କ ଅଁଳାବେରେଣୀ ସ୍ଥିତ ଘର ଭିତରେ ଓ ବାହାରେ, ଏପରିକି ଛାତ ଉପରେ ପ୍ରାୟ ୨୦୦ଟି କୁଣ୍ଡ ଓ ଟବ ରହିଛି। ପ୍ରଶାନ୍ତଙ୍କ କହିବା ଅନୁସାରେ ପଦ୍ମଫୁଲ ଉପରେ ଚୀନ୍‌ରେ ଭଲ କାମ ହୋଇଛି। ସେମାନେ ମାଇକ୍ରୋ ଲୋଟସ୍‌ର ଡେଭଲ୍‌ପ କରିଛନ୍ତି। କିନ୍ତୁ ସେହି ପଦ୍ମକୁ ଚାଇନାରୁ ଓଡ଼ିଶାକୁ ସିଧାସଳଖ ଆସିପାରୁନାହିଁ। ତେଣୁ ୟୁଏସ୍‌ଏ ଓ ଥାଇଲାଣ୍ଡ ପ୍ରଜାତିର ପଦ୍ମ ଚାରା ଆଣୁଥିଲୁ। ଦେଖିବାକୁ ଗଲେ ଥାଇଲାଣ୍ଡ ଓ ଓଡ଼ିଶାର ଜଳବାୟୁ ପ୍ରାୟତଃ ଏକ ପ୍ରକାର। ତେଣୁ ଥାଇରାଣ୍ଡର ପ୍ରଜାତିର ପଦ୍ମ ଆମ ପାଖରେ ବେଶୀ ରହିଛି। କିଛି ୟୁଏଏସ୍ ପ୍ରଜାତିର ପଦ୍ମ ମଧ୍ୟ ରହିଛି। ୟୁଏସ୍‌ଏ ପ୍ରଜାତିର ପଦ୍ମ ଦୁଇ ପ୍ରକାର। ଗୋଟିଏ ହେଲା ଟ୍ରପିକାଲ୍ ଓ ଅନ୍ୟଟି ହେଉଛି ହାର୍ଡ୍ଡି। ହାର୍ଡ୍ଡି ପ୍ରଜାତିରେ ବିଭିନ୍ନ ରଙ୍ଗର ପଦ୍ମ ଫୁଲ ଫୁଟି ପାରୁଛି। ଓଡ଼ିଶା ଜଳବାୟୁରେ ଟ୍ରପିକାଲ୍ ପ୍ରଜାତିର ପଦ୍ମ ବେଶୀ ଫୁଟି ପାରିବ ବୋଲି ପ୍ରଶାନ୍ତ କହିଛନ୍ତି।

୫୧ ଲକ୍ଷ ଟଙ୍କାରେ ବିକ୍ରି ହେଲା ଦୁଇଟି ଛେଳି

ବକରିଦ ପର୍ବ ଚଳିତବର୍ଷ ଜୁନ ୨୯ ତାରିଖରେ ଲୋକେ ପାଳନ କରିବେ। ଏଥିପାଇଁ ଜୋରସୋର ପ୍ରସ୍ତୁତି ବି ଆରମ୍ଭ ହୋଇଯାଇଛି। ମୁସଲମାନ ଭାଇ ଓ ଭଉଣୀମାନଙ୍କ ପାଇଁ ବକରିଦ ଏକ ବଡ଼ ପର୍ବ ବୋଲି ଧରାଯାଇଥାଏ। ବକରିଦ ପର୍ବ ବଳିଦାନର ପ୍ରତୀକ ବୋଲି କୁହାଯାଏ। ବକରିଦ ପର୍ବ ପାଇଁ ଛେଳି କିଣା ବି ଆରମ୍ଭ ହୋଇଯାଇଛି। ଛେଳି ସାଧାରଣ ମୂଲ୍ୟରେ ବିକ୍ରି ହେଉଥିବା ବେଳେ ନିକଟରେ ଦୁଇଟି ଛେଳି ୩ବିଏଚକେ ଘର ମୂଲ୍ୟରେ ବିକ୍ରି ହୋଇଥିବା ଜଣାପଡ଼ିଛି। ବିକ୍ରି ହୋଇଥିବା ସଲମାନ ନାମକ ଛେଳି ୧୮ ମାସର ଥିବା ବେଳେ ଓଜନ ୬୫ କିଲୋଗ୍ରାମ ରହିଛି। ସଲମାନର ଡାହାଣ କାନରେ ଜନ୍ମରୁ ଆରବୀ ଭାଷାରେ ଅଲ୍ଲାହ ଲେଖାଥିବା ଚିହ୍ନ ଥିଲା। ତେବେ ବିକ୍ରି ହୋଇଥିବା ଛେଳି ଦ୍ୱୟର ମାଲିକ ହେଉଛନ୍ତି ମୁସତାକ ଅହମଦ। ଦ୍ୱିତୀୟ ଛେଳି ଗନିର ବି ଏଭଳି ବିଶେଷତା ରହିଛି। ମୁସତାକ ତାଙ୍କ ଛେଳି ଦ୍ୱୟର ନାମ ସଲମାନ ଓ ଗନି ରଖିଥିଲେ। ତେବେ ଏଭଳି ନାମକରଣ କାହିଁକି କରିଥିଲେ ବୋଲି ପଚାରିବାରୁ ସେ କହିଥିଲେ ସଲମାନର ଅର୍ଥ ଆରବୀରେ ବିନମ୍ର ଓ ସଚ୍ଚୋଟ ହୋଇଥାଏ। ସେହିପରି ଗନିର ଅର୍ଥ ଧନୀ ଓ ଉଦାର ବୋଲି କୁହାଯାଏ। ମୁସତାକ କହିଛନ୍ତି, ଗୋଟିଏ ବର୍ଷ ପୂର୍ବରୁ ମୁଁ ଗନିକୁ କିଣିଥିବା ବେଳେ ମୋ ଘରେ ସଲମାନର ଜନ୍ମ ହୋଇଥିଲା। ଦୁଇଟି ଛେଳିଙ୍କ ଶରୀରରେ ଅଲ୍ଲାହ ଲେଖାଥିବା ହେତୁ ଏମାନଙ୍କ ମୂଲ୍ୟ ମହଙ୍ଗା ରହିଛି। ଦୁଇଟି ଛେଳିଙ୍କୁ ପ୍ରତିଦିନ ସ୍ୱତନ୍ତ୍ର ଆହାର ଦେଇଥାଏ। ଏଥିପାଇଁ ମୋତେ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ବି ପଡ଼ିଛି। ବକରିଦ ପାଇଁ ମଣ୍ଡିକୁ ବିଭିନ୍ନ ରକମର ଛେଳି ବିକ୍ରି ହେବାକୁ ଆସିଥିବା ବେଳେ ମୋ ଛେଳି ଦ୍ୱୟ ୫୧ ଲକ୍ଷରେ ବିକ୍ରି ହୋଇଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଦୀର୍ଘ ଦିନ ହେଲା ପ୍ରଶାସନର ଜ୍ଞାତସାରରେ ସମଗ୍ର ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳରେ ଗଛ ଲୁଟେରାଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଛି । ଗଛ ଲୁଟେରାମାନେ ବିଭିନ୍ନ ସରକାରୀ ଜମି ଓ ଗୋଚର ଜମିରୁ ଅବାଧରେ ଲକ୍ଷଲକ୍ଷ ଟଙ୍କା ମୂଲ୍ୟର ଗଛ କାଟି ନେବାକୁ ପଛାଉ ନାହାନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଜିଗ୍ନିପୁର ରାଜସ୍ୱ ନିରୀକ୍ଷକ କଟାଯାଇ ଚାଲାଣ ହେବାକୁ ଯାଉଥିବା ଏକ ଗଛକୁ ଜବତ କରିଛନ୍ତି । ଜିଗ୍ନିପୁର ଗ୍ରାମପଞ୍ଚାୟତ ପବନା ପଡିଆଠାରେ ବହୁ ପୁରାତନ ଚାକୁଣ୍ଡା ଗଛ ରହିଛି । ଏହି ଚାକୁଣ୍ଡା ଗଛରୁ ଗୋଟିଏ ଗଛକୁ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ଶାସକ ଦଳ ନେତାଙ୍କ ପ୍ରତ୍ୟକ୍ଷ ଇଙ୍ଗୀତରେ ଲୁଟେରାମାନେ କରତ ସାହାଯ୍ୟରେ କାଟି ଦେଇଥିଲେ । ଏହି ଗଛକୁ ଚାଲାଣ କରାଯାଉଥିଲା ବେଳେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାଇ ନିଶ୍ଚିନ୍ତକୋଇଲି ତହସିଲଦାର ଜିଗ୍ନିପୁର ରାଜସ୍ୱ ନିରୀକ୍ଷକଙ୍କୁ ଏହି ଗଛକୁ ଜବତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଜିଗ୍ନିପୁର ରାଜସ୍ୱ ନିରୀକ୍ଷକ ଏହି ଗଛକୁ ଜବତ କରିଛନ୍ତି । ଏହି ଗଛର ଆନୁମାନିକ ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ସାଧାରଣରେ କୁହାଯାଉଛି ।

ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୫ତମ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧ୍ୟାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଉପଲକ୍ଷେ ବଢ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଣ୍ଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଦାଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ନେଇଯାଇଥିଲେ । ଅପରାହ୍ନ ସାଢେ ୪ଟା ସମୟରେ ମୁଖ୍ୟ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ

ପାରମ୍ପାରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଏହାପରେ ସନ୍ଧ୍ୟା ୫ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା । ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା । ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ପ୍ରବଳ ପ୍ରତାପୀ ଠାଣିରେ ଭଗବାନଙ୍କର ବାହୁଡ଼ାଯାତ୍ରା ଏବଂ ଜନଗହଳି ମଧ୍ୟରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ । ବିଳମ୍ବିତ ରାତିରେ ପୁଣି ସାହିରୋଷଣୀ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରୁ ନିଆଯାଇ ନାଟ୍ୟ ମଣ୍ଡପଠାରେ ଆସୀନ କରାଯାଇଥିଲା । ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ । ବାହୁଡ଼ା ଯାତ୍ରାକୁ ଦକ୍ଷତାର ସହିତ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ରବି ପାଣି, ଅବନୀ ସାହୁ, ଦୀପକ ରଥ, ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଅଭୟ ପ୍ରଧାନ, ଅଶୋକ ପ୍ରଧାନ (ଏ), କ୍ଷୀରୋଦ ପାତ୍ର, ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ (ବି), ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ନିଶିଦ୍ଧ କୁମାର ଦାଶ, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, କିଶୋର ସାମଲ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିରର ପରିଚାଳକ ରଶ୍ମୀ ରଞ୍ଜନ ବେହେରା ତଥା ସହ ପରିଚାଳକ ଶଶିକାନ୍ତ ସାହୁ, ସଞ୍ଜୀବ ଜେନା ଏବଂ ମନ୍ଦିରର ପୂଜକ ସନାତନ ପାଢ଼ୀ, ଦେବବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥୀ, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା ।

ଶିକ୍ଷକଙ୍କ ବଦଳି ଦାବି ଜୋର ଧରିଲା

ରଘୁନାଥପୁର (ଭାସ୍କର ନ୍ୟୁଜ) : ରଘୁନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଶୃଙ୍ଖଳିତ ଶିକ୍ଷକ ଜୟପ୍ରକାଶ ପଣ୍ଡାଙ୍କ ବଦଳି ଦାବି ଜୋର ଧରିଛି । ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଏଠାରେ ରହି ନିଜର କାୟା ବିସ୍ତାର କରିଥିଲେ । ଗତ ଏପ୍ରିଲ ୧୯ ତାରିଖରେ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଘେରାଉ କରିବା ସହ ତୁରନ୍ତ ଶିକ୍ଷକ ପଣ୍ଡାଙ୍କୁ ଉକ୍ତ ସ୍କୁଲରୁ ବଦଳି କରିବା ପାଇଁ ଦାବି କରିଥିଲେ । ଏହାଛଡା ଗତ ଏପ୍ରିଲ ୨୮ରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଥିଲେ । ବିଧାୟକ ଦାସ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅବଗତ କରିଥିଲେ । ଏହା ମଧ୍ୟରେ ୨ ମାସ ଅତିକ୍ରାନ୍ତ ହୋଇଥିଲେ ସୁଧା ଜିଲ୍ଲା ପ୍ରଶାସନ ବିଧାୟକଙ୍କ ଲିଖିତ ପରାମର୍ଶକୁ ଅଣଦେଖା କରିଥିବାର ଏସ୍‌ଏମ୍‌ସି ସଭାପତି ପ୍ରଶାନ୍ତ କୁମାର ରାଉତ କ୍ଷୋଭ ପ୍ରକାଶ କରିଛନ୍ତି । ଅପରପକ୍ଷେ ଉକ୍ତ ଶିକ୍ଷକ ପଣ୍ଡାଙ୍କୁ ଓଲଟି ପ୍ରଧାନଶିକ୍ଷକ ଦାୟିତ୍ୱ ଅର୍ପଣ କରି ଶିକ୍ଷା ବିଭାଗ ଜନତାଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ଜଣେ ଶିକ୍ଷକ ନେତା ଭାବେ ପ୍ରଶାସନ ଦୀର୍ଘବର୍ଷ ଧରି ଅବସ୍ଥାପିତ ଉକ୍ତ ଶିକ୍ଷକଙ୍କୁ କଣ ପାଇଁ ବଦଳି କରୁନାହିଁ । ଏହା ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ସନ୍ଦେହ ଘେରକୁ ଟାଣି ନେଉଛି ବୋଲି ଅଭିଯୋଗ ହେଉଛି । ସୂଚନା ଯୋଗ୍ୟକି ଗତ ଏପ୍ରିଲ ୧୭ ତାରିଖରେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ରାଜକିଶୋର ଓଝାଙ୍କୁ ଆବଶ୍ୟକତା ଠାରୁ ଅଧିକ ଚାଉଳ ଗଚ୍ଛିତ ଥିବା ଓ ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଅରୁଆ ଭାତ ଦେଇଥିବା ନେଇ ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଥିଲେ । ଜଣେ ଶୃଙ୍ଖଳିତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅବିଭାବକ ଓ ଗ୍ରାମବାସୀ ସହଜରେ ଗ୍ରହଣ କରିପାରିନଥିଲେ । ବିଶୃଙ୍ଖଳିତ ଶିକ୍ଷକଙ୍କ ଚକ୍ରାନ୍ତରେ ପ୍ରଧାନଶିକ୍ଷକ ଓଝା ବଳିପଡିଲେ ବୋଲି ଖୋଦ ପରିଚାଳନା କମିଟି ସଭାପତି ରାଉତ ଅଭିଯୋଗ କରିଥିଲେ । ଯଦି ଉକ୍ତ ବିଶୃଙ୍ଖଳିତ ଶିକ୍ଷକଙ୍କୁ ବଦଳି କରାନଯାଏ ତାହାଲେ ୨ ଶହ ବର୍ଷ ତଳ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଗ୍ରାମବାସୀ ୫ଟି ସଚିବଙ୍କ ଦ୍ୱାରସ୍ଥ ହେବେ ବୋଲି ଏସଏମସି ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ସୁଦର୍ଶନ ସେଠି, ଅନୁପମା ସାହୁ, ଲିଲି ସେଠି, ବାସନ୍ତୀ ସାହୁ, ରବିନାରାୟଣ ପଣ୍ଡାଙ୍କ ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ବିପଦ ଶଙ୍କୁଳ ଅବସ୍ଥାରେ ଯୋର ପୋଲ

ସାଲେପୁର (ଭାସ୍କର ନ୍ୟୁଜ) : ସାଲେପୁର ବ୍ଲକ୍ ରାଇସୁଙ୍ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟରେ ଥିବା ଯୋର ଉପର ପୋଲ ଅତ୍ୟନ୍ତ ବିପଦ ସଙ୍କୁଳ ହୋଇପଡ଼ିଛି । ସାଲେପୁର-ଛଟିଆ ପୂର୍ତ୍ତ ରାସ୍ତାର ରାଇସୁଙ୍ଗୁଡ଼ା ବଜାରରୁ ଭୀମଦାସପୁର-ରାଇସୁଙ୍ଗୁଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତସାକୁ ସଂଯୋଗ କରୁଥିବା ରାସ୍ତାରେ ଏହି ବିପଦ ସଙ୍କୁଳ ପୋଲ ରହିଅଛି । ପୋଲର ପାର୍ଶ୍ୱ ବାଢ଼ା ବହୁ ଦିନ ହେଲା ଭାଙ୍ଗି ଯାଇଥିବା ବେଳେ ଏବେ ପୋଲର ଦୁଇ ପାର୍ଶ୍ୱ ଦବି ଗଲାଣି । ପୋଲର ତଳ ପାର୍ଶ୍ୱରୁ ସିମେଣ୍ଟ ଗୋଡ଼ି ବାହାରିଯାଇ ରଡ଼ ଦେଖାଯାଉଛି । ଏହି ପୋଲ ଦେଇ ପଞ୍ଚାୟତ କାର୍ଯ୍ୟାଳୟ, ଆରଆଇ କାର୍ଯ୍ୟାଳୟ, ଏଲଆଇ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପକୁ ଜନସାଧାରଣ ଯାତାୟତ କରୁଥିବା ବେଳେ ଦୁଇଟି ଶିଶୁ ବିଦ୍ୟାମନ୍ଦିର ଓ ଏକାଧିକ ବିଦ୍ୟାଳୟକୁ ଶହଶହ ଛାତ୍ରଛାତ୍ରୀ ଯାତାୟତ କରିଥାନ୍ତି । ଅଧିକାଂଶ ସମୟରେ ବାଲି ଗୋଡ଼ି, ସିମେଣ୍ଟ ବୋଝେଇ ଭାରିଯାନ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଏହି ବିପଦପୂର୍ଣ୍ଣ ପୋଲ ଉପର ଦେଇ ଯାତାୟତ କରୁଛି । ନୂତନ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ବିପଦପୂର୍ଣ୍ଣ ପୋଲ ପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତୁରନ୍ତ ସେଠାରେ ନୂତନ ପୋଲ ନିର୍ମାଣ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

୫ କିଲୋ ଚାଉଳରେ ବିତୁଛି ଜୀବନ, ଆବାସ ଯୋଜନା ସାତ ସପନ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ନବ ଗଠିତ ବଡଷ୍ଠୀର ଗ୍ରାମପଞ୍ଚାୟତରେ ଜଣେ ଅସହାୟ ବିଧବା ମହିଳା ମାତ୍ର ୫ କିଲୋ ଚାଉଳ ଓ ୫ ଶହ ଟଙ୍କା ଭତ୍ତାରେ ଜୀବନ ବିତାଉଥିବାର ଅଭିଯୋଗ ହୋଇଛି । ଏପରିକି ଏହି ବିଧବା ମହିଳାଙ୍କ ନିମନ୍ତେ ଆବାସ ଯୋଜନା ସାତ ସପନ ପାଲଟିଛି । ବଡଷ୍ଠୀର ଗ୍ରାମର କର୍ଣ୍ଣାଟ ପାତ୍ରଙ୍କ ତେଲ ଲୁଣର ସଂସାର ତାଙ୍କର ପତ୍ନୀ ମୀନାକ୍ଷୀ(୭୦)ଙ୍କୁ ନେଇ ଗଠିତ । କର୍ଣ୍ଣାଟଙ୍କ ପୁତ୍ର ଦୀର୍ଘ ବର୍ଷ ହେଲା ତାଙ୍କର ପତ୍ନୀ ଓ ପରିବାର ଠାରୁ ପୃଥକ ଭାବେ ରହୁଛନ୍ତି । କର୍ଣ୍ଣାଟ ଜଣେ ଦିନ ମଜୁରିଆ ଅଟନ୍ତି । ଦିନେ କାମକୁ ନଗେଲ ତାଙ୍କର ହାଣ୍ଡି ଚୂଲିକୁ ଯାଏ ନାହିଁ । ଏପରିସ୍ଥଳେ ୪ ମାସ ତଳେ କର୍ଣ୍ଣାଟଙ୍କର ବିୟୋଗ ଘଟିଥିଲା । ପତିଙ୍କ ବିୟୋଗରେ ବିଧବା ପତ୍ନୀ ମୀନାକ୍ଷୀ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ମୀନାକ୍ଷୀ ବାର୍ଦ୍ଧକ୍ୟରେ ଉପନିତ ହୋଇଥିବାରୁ କୌଣସି କାମଧନ୍ଦା କରିପାରୁନାହାନ୍ତି । ସରକାରଙ୍କ ତରଫରୁ ତାଙ୍କୁ ଯୋଗାଇ ଦିଆଯାଉଥିବା ୫ କିଗ୍ରା ଚାଉଳ ଓ ୫ ଶହ ଟଙ୍କା ଭତ୍ତାରେ ତାଙ୍କର ଜୀବନ ଅତିବାହିତ ହେଉଛି । ଏପରିକି ଆର୍ଥୀକ ଅନାଟନ କାରଣରୁ ଚଳିତ ବର୍ଷ ମୀନାକ୍ଷୀ ନିଜର ଚାଳଘର ଟିକୁ ଛପର କରିପାରିନାହାନ୍ତି । ଏହି ଘର ଉପରେ ଏକ ଜରିପାଲ ଟଙ୍ଗା ଯାଇଛି । ଟିକିଏ ବର୍ଷା ହେଲେ ଘରେ ବର୍ଷାପାଣି ଲହଡି ଖେଳୁଛି । ଏପରିସ୍ଥଳେ ନିକଟରେ ସରକାରଙ୍କ ତରଫରୁ ପ୍ରକାଶିତ ଆବାସ ଯୋଜନା ତାଲିକାରେ କର୍ଣ୍ଣାଟଙ୍କ ନାମ ରହିଥିଲା । ମାତ୍ର ମୃତ୍ୟୁପରେ ତାଙ୍କର ନାମ ରହସ୍ୟ ଜନକ ଭାବେ କାଟି ଦିଆଯାଇଥିଲା । ଫଳରେ ତାଙ୍କର ବିଧବା ପତ୍ନୀ ଆବାସ ଯୋଜନା କାର୍ଯ୍ୟଦେଶ ପାଇବାରୁ ବଂଚିତ ହୋଇଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ମୀନାକ୍ଷୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି । ପ୍ରଶାସନ ତରଫରୁ ତାଙ୍କର ପ୍ରକୃତ ଅବସ୍ଥାକୁ ଦେଖି ତୁରନ୍ତ ତାଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେବାକୁ ମୀନାକ୍ଷୀ ଦାବି କରିଛନ୍ତି ।

ଅବକାରୀ ବିଭାଗର ଚଢ଼ାଉ ବିପୁଳ ପରିମାଣରେ ମଦ ଜବତ, ୩ ଗିରଫ

ବାଣପୁର, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅବକାରି ବିଭାଗ ତରଫରୁ ଆଜି ବାଣପୁରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଚଢ଼ାଉ ସମୟରେ ୧୩୫ଲିଟର ଦେଶି ମଦ ସମେତ ଗୋଟିଏ ବାଇକ ଓ ତିନିଜଣ ଅଭିଯୁକ୍ତଙ୍କୁ ବାଲୁଗାଁ ଅବକାରୀ ବିଭାଗର ଅଧିକାରୀ ମନୋଜ ବାରିକ ଗିରଫ କରିଛନ୍ତି । ଅଭିଯୁକ୍ତମାନେ ହେଲେ ଗାଲୁଆ ଗ୍ରାମପଞ୍ଚାୟତ ଭୀମପୁର ଗ୍ରାମବ ଡପାଟଣା ସାହିର ପ୍ରତିମାଦେଇ, ଦାମିଆଁବର ବରାପଞ୍ଚାୟତର ଗାଙ୍ଗୁଲି ଶବର ଓ ଭଗବାନ ଶାସମଲ ବୋଲି ଅବକାରୀ ବିଭାଗ ତରଫରୁ ଜଣାଯାଇଛି । ଏମାନଙ୍କ ନାମରେ ଅବକାରି ବିଭାଗ ୫୧/୨୩ -୨୪, ୫୨/୨୩ - ୨୪ଓ ୫୩/୨୩ - ୨୪ରେ ଭିନ୍ନଭିନ୍ନ ମାମଲା ରୁଜ କରି କୋର୍ଟ ଚାଲଣ କରିଛି ।

ଝଡି ପୋକ ପାଇଁ ଯାନବାହାନ ଅସୁବିଧାର ସମୁଖିନ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ଠାରୁ ୭ କିଲୋମିଟର ଦୂର ମିନାପାଇ ଗ୍ରାମ ପାଖ ଜାତୀୟ ରାଜପଥ ଉପରେ ପ୍ରବଳ ଝଡି ପୋକ ପାଇଁ ରାତି ନଅଟାରେ ବେଳେ ଯାନ ବାହାନ ଚଳ ପ୍ରଚଳରେ ବାଧା ଉପୁଜିଥିବା ଦେଖିବାକୁ ମିଳିଛି । ଏତେ ସଂଖ୍ୟକ ଝଡି ପୋକ ଉଡୁଥିବାରୁ ରାୟଗଡା କୋରାପୁଟ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଜାତାୟତ କରୁଥିବା ଯାନ ବାହାନ ଲାଇଟ୍ ଲିଭାଇ କିଛି ସମୟ ଧରି ଅଟକି ରହି ଜାଇଥିଲେ । ଏନେଇ ଅନେକ ଗାଡି ବାଲା ଝଡି ପୋକ ଦେଖି ଆଶ୍ଚର୍ଯ୍ୟ ହେବା ସହ ନାହିଁ ନଥିବା ଅସୁବିଧାର ସମୁଖିନ ହେବାକୁ ପଡିଥିଲା ।

୨ ମାସ ଗଲାନି, ଧସିଲା କୁଶଭଦ୍ରା ନଦୀ ବନ୍ଧ ରାସ୍ତା

ଗୋପ (ଭାସ୍କର ନ୍ୟୁଜ) : ଦୁଇ ମାସ ଗଲାନି, ପ୍ରାୟ ୧ ଶହ ମିଟରରୁ ଉର୍ଦ୍ଧ୍ୱ ଧସିଲା କୁଶଭଦ୍ରା ନଦୀ ବନ୍ଧର ଷୋଳପୁରରୁ ମଦରଙ୍ଗ ପର୍ଯ୍ୟନ୍ତ ହୋଇଥିବା ପିଚୁ ରାସ୍ତା । ଠିକାଦାର ଓ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ହୋଇଥିବା ନିମ୍ନମାନର କାର୍ଯ୍ୟ ଯୋଗୁଁ ଏବେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡିବା ଆଶଙ୍କା ସୃଷ୍ଟି ହୋଇଛି । ସୂଚନାମୁତାବକ ପ୍ରତିବର୍ଷ କୁଶଭଦ୍ରା ନଦୀ ବନ୍ଧ ମରାମତି ଓ ସଦୃଢୀକରଣ କାର୍ଯ୍ୟ ନାମରେ କୋଟିକୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଉଛି । ମାତ୍ର ତାହା କେବଳ କାଗଜ କଲମରେ ସୀମିତ ରହୁଥିବାରୁ ନଦୀବନ୍ଧ ସଦୃଢୀକରଣ ହେବା ପରିବର୍ତ୍ତେ ଦୁର୍ବଳ ହେବାକୁ ଲାଗିଛି । ଯାହାର ନଗ୍ନନମୂନା ଏବେ ଦେଖିବାକୁ ମିଳିଛି । ଗତବର୍ଷ କୁଶଭଦ୍ରା ନଦୀରେ ବନ୍ୟା ଆସି ଖଣ୍ଡିଆକୁଦଠାରେ ଏକ ବିରାଟ ଘାଇ ସୃଷ୍ଟି କରିଥିବା ବେଳେ ବନ୍ୟାର କିଛିଦିନ ପରେ ଡାହାଣ ପାର୍ଶ୍ୱ ବନ୍ଧ ତିନିମୁହାଣି ନିକଟରେ ପ୍ରାୟ ୫ ଶହ ମିଟରରୁ ଉର୍ଦ୍ଧ୍ୱ ଧସି ବିପଦ ସୃଷ୍ଟି କରିଥିଲା । ଖାଲି ସେତିକି ନହେଁ ତିନିମୁହାଁଣୀ ନିକଟରେ ରାସ୍ତା ଦବି ବିରାଟ ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇ ସ୍ଲୁଇସ୍ ଗେଟ୍ ପ୍ରତି ବିପଦ ସୃଷ୍ଟି କରିଥିଲା । ପରେ ଜଳ ସଂପଦ ବିଭାଗ ପକ୍ଷରୁ ଟେଣ୍ଡର କରଯାଇ ଗୋପ କୁଶୁପୁର ଅଞ୍ଚଳର ଜଣେ ଠିକାଦାରଙ୍କୁ ୨୯ ଲକ୍ଷ ଟଙ୍କା ବ୍ୟୟରେ ଗାଡଓ୍ୱାଲ କାର୍ଯ୍ୟ ଦିଆଯାଇଥିବା ବେଳ ଅନ୍ୟ ଜଣେ ତିନି ମୁହାଁଣି ନିକଟରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିଥିଲେ । ସେହିପରି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨ ଜଣ ଠିକାଦାର ଷୋଳପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ପିଚୁ କାର୍ଯ୍ୟ କରିଥିଲେ । ହେଲେ ଗାଡଓ୍ୱାଲ କାର୍ଯ୍ୟ କରୁଥିବା ସଂପୃକ୍ତ ଠିକାଦାର ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ହାତ କରି ଗାଡଓ୍ୱାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରିଥିବା ବେଳେ ବନ୍ଧ ସୁଦୃଢୀ କରଣ ନାମରେ ଅତ୍ୟନ୍ତ ନିମ୍ନମାନର ବାଲିମାଟି ପକାଇ ଛୁ ମାରିଥିଲା । ସେହିପରି ପିଚୁ କାର୍ଯ୍ୟ କର